ମରୁ କାହାଣୀ



Digitized by srujanika@gmail.com

ମୁଖବନ୍ଧ

ଜୀବନରେ ଗଳ୍ପବହି ପିଲାଙ୍କ ପାଇଁ କେବେ ଲେଖି ନାହିଁ । ଲେଖିଛି ଜୀବନୀ, ପ୍ରବନ୍ଧ, ସମାଲୋଚନା ଓ ସମସ୍ୟାବହୁଳ ବହି । ମାସିକ ପତ୍ରିକାରେ ବଡ଼ମାନଙ୍କ ପାଇଁ ଗୋଟିଏ ଗଳ୍ପ ଜୀବନ ଭିତରେ ଲେଖିଛି । ତେଣୁ ଶେଷସୀମା ବୟସରେ ପିଲାଙ୍କୁ ଆନନ୍ଦ ଦେବା ପାଇଁ ମନ ବଳିଲା । ତେଣୁ ଏ ବହିର ଛପା ଆମ ଦେଶରେ ପିଲାଙ୍କ ପାଇଁ ବହୁତ ବାହାରିଲାଣି ଓ ବାହାରିବ । ସ୍ୱର୍ଗତଃ ଗୋପାଳଚନ୍ଦ୍ର ପ୍ରହରାଜ ପ୍ରଥମେ ଉତ୍କଳ କାହାଣୀ ଛାପି ପିଲାଙ୍କ ମନବୋଧ ହେବା ଭଳି ବାଟ ଦେଖାଇ ଥିଲେ । ସେତେବେଳେ ମୁଁ ମଧ୍ୟ ଥିଲି ପିଲା । ପରବର୍ତ୍ତୀ କାଳରେ ପିଲାଙ୍କ ପାଇଁ ଯେ ଗଳ୍ପ ବହି ସବୁ ଛପା ହୋଇଛି, ତହିଁରେ ଲେଖକର କଳ୍ପନାରେ ବାସ୍ତବତାର ମଶଲା ବେଶୀ ଦେଖିଛି । ତେଣୁ ମୋର ମନେ ହୁଏ, ବାସ୍ତବତାଠାରୁ ଅବାସ୍ତବ କଳ୍ପନା ପ୍ରତି ବାଳକ ବାଳିକାଙ୍କ ମନ ବେଶୀ ଆକୃଷ୍ଟ ହୁଏ । ସେମାନେ ଅବାସ୍ତବ କଳ୍ପନାମୂଳକ ଗଳ୍ପ ପଢ଼ି ବେଶୀ ଖୁସି ହୁଅନ୍ତି । ତହିଁରେ ନୀତିବାଦ ଥାଏ ଅତି ପ୍ରଚ୍ଛନ୍ନ ଭାବରେ ଅବଶ୍ୟ । ତେଣୁ ଗଳ୍ପ ସେମାନଙ୍କୁ ଆନନ୍ଦ ଦବା ସଙ୍ଗେ ସଙ୍ଗେ ନୈତିକ ବୃତ୍ତିକୁ ମଧ୍ୟ ସଜାଗ କରିଥାଏ । ମୋର ଏ ବହିରେ ବିଦେଶୀ ଗଳ୍ପର ମାଲ୍ ମଶଲା ଉପରେ ଦେଶୀ ସିମେଣ୍ଟର ମାଖିଣୀ ଦିଆ ହୋଇଅଛି । ଏହା ପଢ଼ି ପିଲାଏ ଖୁସି ହେବେ, ଏଇ ଲକ୍ଷ୍ୟରେ ଗଳ୍ପ ବହି ଲେଖିଲି । ଇତି ।

ତେଲେଙ୍ଗା ବଜାର
କଟକ । ୧୯୬୩ } ଶ୍ରୀମତୀ ସରଳା ଦେବୀ

Digitized by srujanika@gmail.com

ନିମ୍ନ ଲିଖିତ ଆତ୍ମୀୟା ସ୍ୱଜନ ବାନ୍ଧବୀମାନଙ୍କ କରକମଳରେ ଗଳ୍ପ ଗୁଡ଼ିକ ଉପହାର ଦେଲି ।

ଉତ୍ସର୍ଗ ପତ୍ର

ବିଷୟ	ପୃଷ୍ଠା	ନାମ
୧ । କୁହୁକ ଘୋଡ଼ା	୧	ଶ୍ରୀମତୀ ହରିପ୍ରିୟା ଦେବୀ
୨ । ପାରସ୍ୟ ବଣିକ କଥା	୧୭	ଶ୍ରୀମତୀ ଶକୁନ୍ତଳା ଦେବୀ
୩ । କୁହୁକୀ ଭ୍ରମରୀ କଥା	୨୯	ଶ୍ରୀମତୀ ରାଧାମଣି ଦେବୀ
୪ ଚୋରର କପାଳ କଥା	୪୧	ଶ୍ରୀମତୀ ଶୈଳବାଳା ଦେବୀ
୫ । ଝିଅଟିର ବୁଦ୍ଧି	୫୧	ଶ୍ରୀମତୀ ଦେବଦୂତୀ ଦେବୀ
୬ । କୃତଘ୍ନ ରଜା	୫୪	ଶ୍ରୀମତୀ ରମା ଦେବୀ
୭ । ଯକ୍ଷପୁରୀ	୬୧	ଶ୍ରୀ ଅମିତାଭ ମହାପାତ୍ର

Digitized by srujanika@gmail.com

କୁହୁକ ଘୋଡ଼ା

ପାରସ୍ୟ ରାଜପ୍ରାସାଦରେ ସେଦିନ ହେଉଥିଲା ନୂଆବର୍ଷ ଭୋଜି । ପ୍ରଜା ଅମଲା ଉଜୀର ସମସ୍ତେ ଭୋଜିର ଉତ୍ସବରେ ସାରାଦିନ ମାତି ସନ୍ଧ୍ୟା ବୁଡ଼ିବା ଆଗରୁ ସିରାଜର ରାଜା ଭୋଜି ଉତ୍ସବ ବନ୍ଦ କରିବାକୁ ହୁକୁମ ଦେଲେ । ଏତିକିବେଳେ ଜଣେ ଭାରତୀୟ ଆସି ରାଜାଙ୍କ ପାଦ ତଳେ ପଡ଼ି କହିଲା, ମୁଁ ଡେରିରେ ଆସି ପହଞ୍ଚିଲେ ସୁଦ୍ଧା ଆପଣଙ୍କୁ ଏତିକି କହୁଛି, ଆପଣ ଯଦି ଦେଖିବେ, ମୋ ଘୋଡ଼ା ତୁଲରେ ଏପରି ଆଶ୍ଚର୍ଯ୍ୟ ଘୋଡ଼ା ପୃଥିବୀରେ ଆଉ କାହାର ଦେଖିବେ ନାହିଁ । ରାଜା କହିଲେ, ମୁଁ ଦେଖୁଛି, ସାଧାରଣ ଘୋଡ଼ାର ନକଲ କରି ତୁମେ ଗୋଟିଏ ଘୋଡ଼ା ଆଣିଛ—ବେଶୀ ଭଲ ନୁହେଁ । ଭାରତୀୟ ଲୋକ କହିଲା, ଯଦିଓ ଘୋଡ଼ାର ଉପର ଦେଖି ଆପଣ କହୁଛନ୍ତି, କିନ୍ତୁ ଏ ଘୋଡ଼ା ମନ-ପବନ ଘୋଡ଼ା । ମୁଁ ଯୋଉଠିକି ମନ କରିବି ଆଖି ପିଛୁଳାକେ ଘୋଡ଼ା ନେଇ ମତେ ସେଠି ଛାଡ଼ିବ—ହୁକୁମ କରନ୍ତୁ । ରାଜା ସିରାଜ ନଗରରୁ ୩ କୋଶ ଦୂରରେ ଥିବା ଗୋଟିଏ ପର୍ବତ ଦେଖାଇ କହିଲେ, ତୁମେ ଯାଇ ଏ ପର୍ବତ ପାଦମୂଳୁଁ ପଥର ଆଣିଲ ? କଥା ନ ସରୁଣୁ ଘୋଡ଼ା ସବାର କଳ ପାଦାନୀ ତଳେ ଥିବା ପେଞ୍ଚ ମୋଡ଼ି ଦେଲାରୁ ବିଜୁଳି ବେଗରେ ଘୋଡ଼ା ତାକୁ ଉଡ଼ାଇ ନେଇଗଲା । ଅନାଇଁ ଅନାଇଁ ରାଜା ଦେଖିଲେ ଘୋଡ଼ସବାର ହାତରେ ପଥର ନେଇ ଆସୁଛି । ହିଂସ୍ର ରାଜା

ଗୋଟିଏ ଘୋଡ଼ା ଆଣିଲା । ରାଜା କହିଲେ, 'ଏଥର ଭୁଲ ହେଲା ଏବେ ଖେଳ-ଗରୁ ମୁଁ ଖୁସି ହେଲି । ଘୋଡ଼ାଟି ଯଦି ବିକିବ, ତେବେ ଦାମ କହ ।' ଘୋଡ଼ସବାର କହିଲା, 'ମହାରାଜାଙ୍କର ଦୟା । ମୁଁ ଯେତେବେଳେ ଆପଣଙ୍କ ହୁକୁମ ହେଲା ଗଲା. ଯେତେବେଳକୁ ମୁଁ ଜାଣେ ଆପଣ କିଣିବେ । ଏ ଘୋଡ଼ା ଯେ ତିଆର କରିଥିଲା, ସେ ମୋ ଝିଅକୁ ନେଇ ଏ ଘୋଡ଼ା ଦେଇଛନ୍ତି । ଏଥିପାଇଁ ଏହାର ସେଇଭଳି ମୂଲ୍ୟ ନ ହେଲେ ମୁଁ କେବେହେଁ ଘୋଡ଼ା ବିକିବି ନାହିଁ ।' କଥାରେ ବାଧା ଦେଇ ରାଜା କହିଲେ, 'ମୋର ରାଜତ୍ୱରେ କେତେ ରାଜ୍ୟ ଅଛି । ତୁ ଯୋଉ ରାଜ୍ୟ ଚାହିଁ ମାଗିବୁ, ସେଠି ତତେ ରଜା କରି ଦେବି—ମହାରାଜାଏ ରାଜ୍ୟର ରଜା ହୋଇ ଭୋଗ କରିବୁ । ଘୋଡ଼ସବାର କହିଲା—ମହାରାଜ, ଆପଣ ମୋତେ ଦାମ ଦେବାକୁ କହୁଛନ୍ତି, ଏ ଦାମ ମୋର ମନକୁ ପାଉନାହିଁ । ଆପଣ ରାଜକୁମାରୀଙ୍କୁ ଯଦି ନ ଦେବେ ତେବେ ମୁଁ ଘୋଡ଼ା ବିକିବି ନାହିଁ—ପ୍ରାର୍ଥନା କରେ ।' ଏ କଥା ଶୁଣି ରାଜମନ୍ତ୍ରୀମାନେ ଘାଟିକରି ବସି ଉଠିଲେ । ରାଜା ଝିଅକୁ ଘୋଡ଼ା ବଦଳରେ ଦେବେ କି ନା ଏ ପଟ ସେ ପଟ ଭାବୁଥିଲେ, ଏତିକିବେଳେ ଫିରୋଜସାହା ଯୁବରାଜ ରାଗରେ ଜଳି କହିଲେ, 'ପାରସ୍ୟ ରାଜବଂଶ ରକ୍ତ ଯାହା ଦେହରେ ବହୁଛି ସେଇ ରାଜକୁମାରୀକୁ ଗୋଟିଏ ଘୋଡ଼ା ବିକା ଅଭଦ୍ର ଲୋକ ଲୋକକୁ ଆପଣ କଦାପି ଦେଇ ନ ପାରନ୍ତି ।' ରଜା କହିଲେ, 'ପୁଅ ! ତୁ ଭଲ କହିଲୁ । ମୁଁ ଏହାର ପ୍ରସ୍ତାବ ନାକଚ କଲେ ସେ ଅନ୍ୟ ରାଜାଙ୍କ ପାଖକୁ ଯାଇ ଝିଅ ବଦଳରେ ଘୋଡ଼ା ଯଦି ବିକିବ, ପୃଥିବୀର ସୁନ୍ଦର ଅଶ୍ୱଟି ଏ ଘୋଡ଼ାଟି ମୋର ହେବ ନାହିଁ ।' ମୋର ଦୁଃଖ ହେବ । ଏକୁ ବୁଝାଇ ସୁଝାଇ ଯାହା କରିବାକୁ ନ୍ୟାଯ୍ୟ ଦିଶିବ, ସେପରି ଦାମ ଦେବ । ତା ଆଗରୁ ଏ ଘୋଡ଼ାକୁ ନେଇ ତୁ ଥରେ ପରଖ ।' ଘୋଡ଼ସବାର ରାଜାଙ୍କ କଥା ଶୁଣି ଖୁସି ହୋଇ ଭାବିଲା, ରାଜା ତା କଥାରେ ରାଜି ହେବେ । ଯୁବରାଜଙ୍କୁ

Digitized by srujanika@gmail.com

ଘୋଡ଼ା ଉଡ଼ିବାର ପେଞ୍ଚ ବତେଇ ଦବାକୁ ପାଖରେ ନେଇ ଘୋଡ଼-ସବାର ଗଲା, କିନ୍ତୁ ପେଞ୍ଚ କେମିତି ମୋଡ଼ିଲେ ଘୋଡ଼ା ତଳକୁ ଖସିବ ଏ କଥା କହି ନ ପାରୁଣୁ, ରାଜକୁମାର ଉଠିବା ପେଞ୍ଚ ମୋଡ଼ି ସବାର ଆଖି ଆଗରୁ ଘୋଡ଼ାଟିରେ ବସି ଉଡ଼ି ପଳାଇଲେ । କେତେକ୍ଷଣ ଅପେକ୍ଷା କରି ଯୁବରାଜ ନ ଫେରିଲାରୁ ଘୋଡ଼ସବାର ଡରି କରି ରାଜାଙ୍କ ପାଦ ତଳେ ପଡ଼ି କହିଲା, 'ମହାରାଜ, ମୁଁ ଘୋଡ଼ାର ପେଞ୍ଚ କିପରି ମୋଡ଼ିବେ, ଏ କଥା ନ କହୁଣୁ କୁଅଁର ଘୋଡ଼ା ଉଡ଼ାଇଲେ ! ମୋର କିଛି ଦୋଷ ନାହିଁ । ତାଙ୍କର ଯଦି କିଛି ଖରାପ ହେବ, ମତେ ଅନୁଗ୍ରହ କରି ଦାୟୀ କରି ଦଣ୍ଡ ଦେବେ ନାହିଁ ।' ରଜା ଭୟରେ ରାଗରେ କହିଲେ, 'ସେ ଘୋଡ଼ା ଚଢ଼ିଲାବେଳେ ତୁ ପେଞ୍ଚ କଥା କହିଲୁନି କିଆଁ ?' ସବାର କହିଲା, 'ଆଜ୍ଞା, ମୋ କଥା ନ ସରୁଣୁ ସେ ପେଞ୍ଚ ମୋଡ଼ି ଚାଲିଗଲେ— ମୁଁ କାବା ହେଲି । ମୁଁ ଯାହା କହିଲି ସେ ଶୁଣି ପାରିଥିଲେ । ମୁଁ ଆଶା କରେ ଦ୍ୱିତୀୟ ପେଞ୍ଚ ତାଙ୍କୁ ପଇଠି ଯିବ; ସେ ତଳକୁ ଓହ୍ଲାଇ ପାରିବେ । ରାଜା କହିଲେ, ଯଦିଓ ସେ ପେଞ୍ଚ ପାଇ ତଳକୁ ଆସିବେ, ସମୁଦ୍ରରେ ଖସିବେ କି ପର୍ବତରେ ଖସି ଚିକି ଚିକି ଛିଣ୍ଡି ଯିବେ, ଏ କଥା କିଏ ଜାଣେ ?' ସବାର କହିଲା 'ମହାରାଜ ! ଅଧୀର ନାହିଁ, ରାଜକୁମାରଙ୍କ ଇଚ୍ଛାରେ ଘୋଡ଼ା ଚାଲିବ । ସମୁଦ୍ର ପର୍ବତରେ କଦାପି ନେଇ ପକେଇବା ସମ୍ଭବ ନୁହେଁ । ଏପରି ପ୍ରତିଭା ଦେଖା ଦେଇଛି ।' ରାଜା କହିଲେ, ତୋ ମୁଣ୍ଡ ଯିବାର ଜବାବ ଦେବ । ତିନିମାସରେ ମୋ ପୁଅ ଯଦି ନ ଫେରେ କି ତାର ଯଦି କୌଣସି ଖରାପ ସମ୍ବାଦ ଶୁଣେ, ତୋ ମୁଣ୍ଡ କାଟି ଶାନ୍ତି ହେବ ।' ଏ କଥା କହି ଚଉକିଦାରଙ୍କୁ ହୁକୁମ କରି ସବାରକୁ ବନ୍ଦୀଶାଳାରେ ରଖିଲେ ।

ଏଣେ ରାଜକୁମାର ଆନନ୍ଦରେ ଆକାଶରେ ଉଠି ଉପରକୁ ଉଠିଲେ ଯେ କେଉଁ ଦେଶ ପର୍ବତ ତଳେ ତାଙ୍କୁ ଦିଶିଲା ନାହିଁ । ତଳକୁ ଓହ୍ଲାଇବାକୁ

Digitized by srujanika@gmail.com

ଇଚ୍ଛା କରି ଯେତେ ଚେଷ୍ଟା କଲା, ଅଉ ଯାଇ ନ ପାରି ବଡ଼ପଦର ସଙ୍କେତ ପାଇଲା । ସବାର କଥା ଶୁଣି ଯିବାକୁ ଅପେକ୍ଷା ନ କରିବାରୁ ତାର ଅନୁତାପ ଦୁଃଖର ସୀମା ରହିଲା ନାହିଁ; କିନ୍ତୁ କୁମାର ମୁଣ୍ଡ ଠିକଣା ରଖି ପୁଣି ଘୋଡ଼ାର ବେକତଳ ଖୋଜି ଦେଖିଲା ଯେ, ଗୋଟିଏ ସ୍କ୍ରୁ ବେଗଟିଏ ରହିଛି । ଉଡ଼ିବା ପେଞ୍ଚ ମୁଣ୍ଡିଠୁଁ ସ୍କ୍ରୁ । କୁମାର ଆନନ୍ଦ ହୋଇ ଧୀରେ ଧୀରେ ସେ ପେଞ୍ଚ ମୋଡ଼ି ଧୀରେ ଧୀରେ ତଳକୁ ଖସିଲା । କୁମାର ଖିଆ ଖଞ୍ଚାଇଲା । ରାତିରେ ତଳ ଦିଶୁ ନ ଥାଏ । ଅନ୍ଧକାର ସେତେବେଳେ ହୋଇଥିଲା । ଅନ୍ଧାରେ ଘୋଡ଼ା ଯେଉଁଠି ଠିଆ ହେଲା, ସେ ଜାଗା ଉହ୍ଲାଇ ସେ ଦୁର୍ବଳ ବୋଧ କରି ମୂର୍ଚ୍ଛା ହୋଇ ପଡ଼ିଲା । ଦିନଯାକ ଉପାସ ଥିଲା । ପରେ ଟିକେ ସୁସ୍ଥ ହୋଇ ଦେଖିଲା ଯେ, ଗୋଟିଏ ରାଜପ୍ରାସାଦ ଛାତ ଉପରେ ଘୋଡ଼ା ଠିଆ ହୋଇଛି । ମାର୍ବଲ ପଥରର ବାନିସ ଗୋଟିଏ ସ୍କ୍ରୁ କବାଟ ଖୋଲା ହୋଇ ସେଇଠୁ ସିଡ଼ି ତଳକୁ ଯାଇଛି । କୁମାର ଭାବିଲା, ଏ ଘର ଯାହାର ହେଉ, ମୁଁ ଭିତରେ ପଶିବି । ମୋତି ଅସ୍ତ୍ର ନାହିଁ, ମତେ କେହି ମାରିବେ ନାହିଁ । ଏହା ଭାବି କୁମାର ଯାଇ ଦେଖିଲା, ସମସ୍ତେ ନିଘୋଡ଼ ନିଦରେ ପଡ଼ିଛନ୍ତି । ଅଳ୍ପ ଅଳ୍ପ ଗୋଟିଏ ଘନ୍ତୁ ଆସୁଥିଲା ।’ କୁମାର ଦେଖିଲା କବାଟରେ ଖୋଜା-ମାନେ ପହରା ଦେଇ ଶୋଇଛନ୍ତି । ଗୋଟିଏ କୁଠରି ଦୁଆର ମେଲା । ଖଣ୍ଡା ଦିଆ ହୋଇଛି । କୁମାର ଭାବିଲା, ଏ ଘରେ ପଶିବା ନିଷେଧ, ହୋଇପାରେ ଏ ରାଣୀ କି ରାଜକୁମାରୀଙ୍କ ଘର ହେବ । ବହୁତ ଅନ୍ଧାରରେ ଚାଲୁଥିବା କରି କୁମାରର ଅଭ୍ୟାସ ହୋଇଗଲାରୁ ସେ ଆଖି ବୁଲାଇ ଦେଖିଲା, କାନ୍ଥରେ ଥିବା ଘରୁ ପର୍ଦ୍ଦା ଫାଙ୍କରୁ ଜହ୍ନର ଆଲୁଅ ଦିଶୁଛି । ସେହି ଘରେ ପଶି ଦେଖିଲା ସବୁ ସ୍ତ୍ରୀମାନେ ଶେଯରେ ଶୋଇଛନ୍ତି, ଜଣେ ଝିଲ୍ମିଲି ଖଟରେ ଶୋଇଛନ୍ତି । କୁମାର ମନେ କଲା, ଏଇ ରାଜକୁମାରୀ ହେବେ । [illegible]

Digitized by srujanika@gmail.com

ଗୁହାଣି ଯାଇ ରାଜକୁମାରୀ ଲାମା ଟାଣିଲା ଓ ବାହୁ ଧରି ହଲାଇଲା । କୁମାରୀ ଆଖି ଖୋଲି ଗୋଟିଏ ସୁନ୍ଦର ପୋଷାକପିନ୍ଧା ମନୋହର ଯୁବା ପୁରୁଷଙ୍କୁ ଦେଖି କାବା ହୋଇ ନିର୍ବାକରେ ଚାହିଁ ରହିଲା । ପାଟି ଫିଟିଲା ନାହିଁ । କୁମାରୀ ତଳକୁ ଚାହିଁ ଦେଖିଲା, କୁମାର ଅଣ୍ଟେଇ ବସିଛନ୍ତି । କୁମାରୀ କହିବା ଆଗରୁ କୁମାର କହିଲା, ରାଜକୁମାରୀ ! ମୁଁ ପାଟନର ରଜା ପୁଅ । କର୍ମଦୋଷରୁ ମୁଁ ଆଜି ଏଠି ଅଜଣା ଅଶୁଣା ପଡ଼ିଛି, ତମ ଶରଣ ମାଗୁଛି । ମୋ ବାପାଙ୍କ ସେନାନୀ ହାତରେ ମୁଁ ଜାଲି ଥିଲି । ଅଜ୍ଞ ଏ ଦୁର୍ଦ୍ଦଶା । ତମେ ଶରଣ ଦିଅ ।' କୁମାରୀ ବଙ୍ଗ ରାଜାଙ୍କ ଝିଅ । ରାଜା ଜେମା ପାଇଁ ସ୍ୱତନ୍ତ୍ର ଘର କରିଥିଲେ । ସେଠିକୁ ସେ ପବନ ଖାଇବାକୁ ଆସିଥିଲା । କୁମାରୀ କହିଲା, ବଙ୍ଗରେ ସମସ୍ତେ ଅତିଥି ସେବା କରନ୍ତି । ମୋ ଘରେ ତାର ତ୍ରୁଟି ହେବ ନି । ମୁଁ ତୁମକୁ ନିଶ୍ଚୟ ରକ୍ଷା କରିବି । ଏହା କହି ଦାସୀମାନଙ୍କୁ ଡାକି କୁମାରଙ୍କ ପାଇଁ ଶୋଇବା ଘର ଓ ଖାଇବା ବରାଦ କରି ଦେଲାରୁ ଦାସୀମାନେ ସମସ୍ତେ ଉଠିଲେ ଓ କୁମାରଙ୍କୁ ନେଇ ବିଛଣା ଦେଖାଇ ଦେଲେ ଓ ଖାଇବା ଜିନିଷ ଦେଲେ । ତାଙ୍କ ପିନ୍ଧିବା ପାଇଁ ଲୁଗା ଆଲମାରୀ ମଧ୍ୟ ଦେଖାଇ ଦେଲେ । କୁମାରୀ ନିଜ ଘରେ ବସି କୁମାରଙ୍କ କଥା ଭାବୁଥାନ୍ତି । ତାଙ୍କୁ ଆଜି ନିଦ ନାହିଁ । ଦାସୀମାନେ କୁମାର ଚର୍ଚ୍ଚା କରି ଫେରିଲାରୁ ପଚାରିଲେ, କୁମାରଙ୍କର ମୋ ଉପରେ କି ଧାରଣା ଦେଖିଲ ? ସମସ୍ତେ କହିଲେ, ସେ କଥା ଆମେ ଜାଣିବୁ କିପରି ? କିନ୍ତୁ ସେହି ଭଳି ସୁନ୍ଦର ଗୁଣର ବର ଆପଣଙ୍କ ଲାଗି ବଙ୍ଗ ଦେଶରେ ଆଉ ନାହାନ୍ତି । କୁମାରୀଙ୍କୁ ଏ କଥା ଭ ସୁହାଇଲାରୁ ସେ କହିଲା, "ବାଜେ ବକ ନାହିଁ, ତୁମେ ସବୁ ଶୋଇବାକୁ ଯାଅ ।" ତା ଆରଦିନ ସକାଳୁ କୁମାରୀ ଅଭ୍ୟାସ ମତେ ବେଶଭୂଷା ହୋଇ କୁମାର ଉଠିଲେଣି କି ନା, ତାଙ୍କୁ ଦେଖା କରିବାକୁ ମିଳିବ କି ବୋଲି ଖବର ଦେଲା । କୁମାର କୁମାରୀଙ୍କୁ ଦେଖା ହୋଇ ଭୁ

Digitized by srujanika@gmail.com

ରାଜ୍ୟକୁ ଯିବାକୁ ବସିଥିଲ । ଏ ସମୟରେ ଦାସୀଠୁଁ କୁମାର ତାଙ୍କ ଇଚ୍ଛା ଶୁଣି କହିଲ, ତାଙ୍କ ହୁକୁମର ମୁଁ ଚାକର । ମୁଁ ତାଙ୍କୁ ଦେଖା କରି ଭକ୍ତି ଜଣାଇବାକୁ ବସିଥିଲି । କୁମାରୀ କୁମାରଙ୍କୁ ଦେଖି ପରସ୍ପର ଭିତରେ କାଇଦା ମତ ପ୍ରଶଂସା ଓ ଧନ୍ୟବାଦ ଦେଲ ଉତ୍ତାରୁ କୁମାରୀ କହିଲେ, 'କାଲି ମୋ' ଘରେ ତୁମଙ୍କୁ ନ ରଖି ବାହାରେ ରଖିଲି । କାରଣ ଖୋଜାମାନେ ସବୁ ଘରକୁ ଯିବା ନିୟମ । ସେଥିପାଇଁ ତମର ଅସୁବିଧା ହେବ ଓ ଆମ ନଅର କାଇଦା ଅନୁସାରେ ବାହାର ଘରେ ରଖାଇଲି । ମୁଁ ତମର ଦୁଃସାହସ କାହାଣୀ ଓ କୁହୁକ ଖେଳ କଥା ଶୁଣି ସାରିଲେ ସଙ୍ଗେ ସଙ୍ଗେ ବିଦା କରିବି । ତୁମେ ସବୁ କଥା କହ, କିପରି ଏଠିକି ଆସିଲ ?' କୁମାର ମୂଳରୁ ଶେଷ ଯାଏ ଘଟଣା କୁମାରୀ ଆଗରେ କହି ଗଲେ । ପରେ କହିଲେ, 'ତମ ଦୟାରୁ ବଞ୍ଚିଲି ମୁଁ । ରାଜ୍ୟ ନିୟମ ଅନୁସାରେ ମୁଁ ତମ କ୍ରୀତଦାସ । ମୋର ତ କିଛି ନାହିଁ । ତମକୁ ଦେଖିଲାବେଳୁ ମୁଁ ନିଜକୁ ତମ ପାଦେ ସଁପି ଦେଇଛି । ଏ କଥା ଶୁଣି ରାଜକୁମାରୀଙ୍କ ମୁହଁ ଲାଜରେ ରଙ୍ଗ ହୋଇ ଅଧିକ ସୁନ୍ଦର ଦିଶିଲା । କିଛିକ୍ଷଣ ପରେ କୁମାରୀ କହିଲେ, କୁମାର, ତୁମେ ମତେ ତମର ଦୁଃସାହସ କଥା କହି ଆନନ୍ଦ ଦେଇଥିବାରୁ ମୁଁ ତମ ନିକଟରେ ଋଣୀ । ତମର ବିପଦରୁ ତର ଦେଖି ମୁଁ ଚକିତ ହୋଇଛି । ତମେ କ୍ରୀତଦାସ ନୁହଁ, ଏହା ପରିହାସ କଥା କହିଲି । ତମ ଘରେ ଥିବା ଭଳି ତମେ ସ୍ୱାଧୀନ ରହିଛ । ମୁଁ ଭାବୁଛି ତମେ ତମର ହୃଦୟ କାହାକୁ ଆଗରୁ ଦେଇଛ । ସେଥିପାଇଁ ତମକୁ ତମ ପ୍ରଣୟିନୀ ପାଖେ ବିଶ୍ୱାସଘାତକ କରିବାକୁ ମୁଁ ଦେବି ନାହିଁ ।' ସିଂହଳରାଜା କୁମାରୀଙ୍କ କଥାର ପ୍ରତିବାଦ କରିବାକୁ ଗଲାବେଳେ ଲୋକ ଆସି ଭୋଜନକୁ ଡାକିଲା । ଏଥିରେ ଆଗ କଥା ବନ୍ଦ ହେଲା । ଦୁହେଁ ଖାଇବାକୁ ଗଲେ । ଖାଇବା ପରେ ରାଜା ଭେରୀ ଓ ନାରୀ କଣ୍ଠର ମିଠା ଗୀତ ଶୁଣି ସିଂହଳରାଜା ରାଜକୁମାର

Digitized by srujanika@gmail.com

ଖୁବ ଖୁସି ହେଲେ । ଆଉ ଥରେ ଦର୍ଫେ ଗୋଟିଏ ଖୁବ୍ ସଜା ହୋଇଥିବା ସୁନ୍ଦର ପର୍ଦ୍ଦା ଲାଗିଥିବା ଘରକୁ ବସିବାକୁ ଗଲେ । କୁମାର କହିଲେ, ରାଜକୁମାରୀ, ମୁଁ ଭାବୁଥିଲି ପାରସ୍ୟ ରାଜପ୍ରାସାଦ ଭଳି ପୃଥିବୀରେ ସୁନ୍ଦର କୋଠା ଓ ପାରସ୍ୟ ଜିନିଷ ଭଳି ସୁନ୍ଦର ଜିନିଷ କୋଉଠି ନାହିଁ । ବଙ୍ଗ ରାଜକୁମାରୀ କହିଲେ, ପାରସ୍ୟ ପ୍ରାସାଦ ସମ୍ବନ୍ଧେ ମୋର ଧାରଣା ନାହିଁ, ସୁତରାଂ ମୁଁ କିଛି କହି ପାରୁନି । ତେବେ ମୋ ପ୍ରାସାଦକୁ ମୁଁ ଶ୍ରେଷ୍ଠ କରି କହୁ ନାହିଁ । ମୋ ବାପାଙ୍କ ପ୍ରାସାଦ ବଡ଼ ସୁନ୍ଦର । ତମେ ମୋ' ବାପାଙ୍କ ନିକଟକୁ ଦେଖା କରିବାକୁ ଗଲେ ପ୍ରାସାଦ ଦେଖି ଖୁସି ହବ । କୁମାରୀ ଆଶା କରୁଥିଲି, ରାଜାଙ୍କ ନିକଟ ଏ କୁମାର ଗଲେ ରାଜା ସୁବସ୍ଥଳର ସୁନ୍ଦର ଚେହେରା ଓ ଅଦ୍ଭୁତ ସୌଜନ୍ୟରେ ଖୁସି ହୋଇ କୁମାରୀଙ୍କୁ ବିଭା କରିବା ପ୍ରସ୍ତାବ କୁମାରଙ୍କ ଆଗେ କହିବେ, କିନ୍ତୁ ପାରସ୍ୟ ରାଜକୁମାର କୁମାରୀଙ୍କ କଥାରେ ନାରାଜ ହୋଇ କହିଲେ, ମୁଁ ରଜା ପୁଅ, ଏମିତି ଭାବରେ ଲୋକବାକ ସଙ୍ଗରେ ନ ନେଇ କୋଉ ରାଜାଙ୍କ କତିକି ଯିବା ଆମ ଘର ପ୍ରଥା ନୁହେଁ । ରାଜା ମତେ ଶ୍ରେଷ୍ଠ ଭାବିବେ । କୁମାରୀ କହିଲେ, ଚିନ୍ତା କଣ ? ତୁମେ ଯେତେ ଇଚ୍ଛା ନୌକର ସାଙ୍ଗରେ ନିଅ । ମୋ ଧନ ତମର । ଯେତେ ଖର୍ଚ୍ଚ କରିବ ଟଙ୍କା ବି ନିଅ । କୁମାର କୁମାରୀ ପ୍ରସ୍ତାବ ଶୁଣି କହିଲେ, ମୁଁ ବହୁକାଳ ହେଲା ଆସିଲିଣି । ମୋର ବାପ ବ୍ୟସ୍ତ ହେଉଥିବେ, କି ମୋ ଦୁଃଖରେ ବୁଡ଼ି ମରିବେଣି । ମୋର ପହିଲା କାମ ତାଙ୍କୁ ଭେଟିବା, ମୁଁ ପରେ ଆସିଲେ ତମ ବାପାଙ୍କୁ ଦେଖା କରିବି । ତମର ସୌଜନ୍ୟ ଓ ଦୟା ମୋର ଚିରଦିନ ମନେ ରହିବ । କୁମାରୀ କୁମାରଙ୍କ ଯୁକ୍ତି ମାନିଲେ ବି କୁମାରଙ୍କୁ ଶୀଘ୍ର ଛାଡ଼ିବାକୁ ଇଚ୍ଛା କରୁ ନ ଥିଲା । କାରଣ ସେ ଭାବୁଥିଲା, ଏତେ ଚଞ୍ଚଳ କୁମାର ଚାଲିଗଲେ କୁମାରୀଙ୍କ କଥା ତାଙ୍କ ମନରୁ ପାସୋରି ଯିବ । ସେଥିପାଇଁ କୁମାରୀ କୁମାରଙ୍କୁ ବଳାଇ ୨।୪ ଦିନ ରହିବାକୁ ଅନୁରୋଧ

Digitized by srujanika@gmail.com

କଲେ । କୁମାର କୁମାରୀଙ୍କ କଥା ଭାଙ୍ଗିବା ଅସମ୍ଭବ ଥିଲା । କୁମାର କୁମାରୀଙ୍କ ଗହଣରେ ନାନା ରକମ ଖେଳ, ତାମସା, ଆମୋଦ ପ୍ରମୋଦରେ ରହିଗଲେ । ଏପରି ଦୁଇମାସ କଟି ଗଲାରୁ କୁମାର ପୁଣି ତାଙ୍କ ଘରକୁ ଯିବାକୁ ଉତ୍ସୁକ ହେଲେ । କୁମାର କହିଲେ, ତୁମେ ଅନ୍ୟ ପ୍ରଜାଙ୍କ ପ୍ରବଞ୍ଚକ ପ୍ରଣୟୀମାନଙ୍କ ପରି ମତେ ଭାବିବ ନାହିଁ । ଏହା ଅନ୍ୟାୟ ହେବ । ଯଦି ନିହାତ ମତେ ପାଖରେ ରଖିବା ତମର ଇଚ୍ଛା, ତେବେ ତମେ ମୋ ରାଜ୍ୟକୁ ଚାଲ । କୁହୁକ ଘୋଡ଼ାରେ ମୁଁ ନେଇଯିବି, ତମ ଘରେ କେହି ଜାଣିବେ ନାହିଁ । ଏ କଥାରେ ରାଜକୁମାରୀ ନିରୁପାୟ ହୋଇ ରାଜି ହେଲେ । ଲୁଚିକରି ଦୁହେଁ ଯିବାର ବନ୍ଦୋବସ୍ତ କରି ଲୋକବାକ ନିଅଁରରେ ଶୋଇଥିଲା ବେଳେ କୁହୁକ ଘୋଡ଼ା ଉପରେ ବସି ଚାଲିଗଲେ । ଆଗ କୁମାର ବସିଲେ । ତାଙ୍କ କମରବନ୍ଧ ଧରି ପଛରେ କୁମାରୀ ଘୋଡ଼ାରେ ଉଠିଲେ । ଆକାଶରେ ଘୋଡ଼ା ଉଡ଼ିଗଲା । ଦୁଇ ଘଣ୍ଟାରେ କୁମାର ନିଜ ରାଜପୁରେ ପହଞ୍ଚି ଆଗ ନଅରକୁ ନ ଯାଇ ଗୋଟିଏ ଗାଁରେ କୁମାରୀଙ୍କୁ ଜଗାରଖାରେ ରଖି ଦିନକପରେ ଆସିବି କହି କୁମାର ତାଙ୍କ ବାପାଙ୍କ ନିକଟ ଚାଲିଗଲେ । କୁମାରଙ୍କ ଫେରି ଶୁଣି ରାଜ୍ୟରେ ଆନନ୍ଦ ଖେଳିଲା । କୁମାରଙ୍କ ବାପା ଓ ଅମାତ୍ୟମାନେ କୁମାର ମରିଯାଇ ଥିବା ଭାବି ଯେ ଦୁଃଖ ପୋଷାକ ପିନ୍ଧିଥିଲେ ତାକୁ କାଢ଼ିଲେ । ରାଜ୍ୟ-ଯାକ କୁମାରଙ୍କୁ ଠାବେ ଠାବେ ଅଭ୍ୟର୍ଥନା କଲେ । ବଙ୍ଗରାଜା ପ୍ରଜାଙ୍କୁ ଡାକି ଅଭ୍ୟର୍ଥନା କୁମାରଙ୍କୁ କଲେ । କୁମାର ସବୁ ବୃତ୍ତାନ୍ତ ରାଜାଙ୍କୁ କହିଲେ ଓ କୁମାରୀଙ୍କୁ ପାରସ୍ୟରୁ ଚୋରାଇ ଆଣିଥିବା କଥା ବି ଲୁଚାଇଲେ ନାହିଁ । ରାଜା ଅବାଧରେ କୁମାରଙ୍କୁ ସ୍ୱାଧୀନତା ଦେଇ ଥିବାରୁ ଏ କଥା ଶୁଣି ଖୁବ୍ ଖୁସି ହେଲେ । ବିଧିବିଧାନ ସମ୍ମାନ କରି ବୋହୂକୁ ନଅରକୁ ଆଣିବାକୁ ରାଣୀ ପାଖ ଲୋକଙ୍କୁ ହୁକୁମ କଲେ । ବାଜା ବାଜଣାର ଧୁମ୍ ଲାଗିଲା । ବନ୍ଦୀମାନେ ଜେଲରୁ ଖଲାସ ହେଲେ ।

Digitized by srujanika@gmail.com

ସେମାନଙ୍କ ସହିତ ଘୋଡ଼ାର ମାଲିକ, ଯାହାକୁ ରଜାପୁଅ ନ ମିଳିଲେ ଶୂଳି ଦବାକୁ ରଖିଥିଲେ ତାକୁ ବି ଖଲାସ କଲେ । ରାଜା ଘୋଡ଼ା ମାଲିକକୁ କହିଲେ, 'ମୋ ପୁଅ ମରିଥିଲେ ତତେ ମାରି ଦେଇଥାନ୍ତି । ମୋ ପୁଅ ଫେରିଲାଣି । ତୋ' କୁହୁକ ଘୋଡ଼ା ନେଇ ତୁ ଘରକୁ ଯା ।' ଏ କଥା ଶୁଣି ଘୋଡ଼ା ମାଲିକ ଶୀଘ୍ର ତାର ଘୋଡ଼ା ନେଇ ରାଜାଙ୍କ ସାମନାରୁ ଚାଲିଯାଇ ସେଇ ରାଜ୍ୟର ଲୋକଙ୍କ ପରିଚିତ ଯୁବରାଜଙ୍କ ଇତିବୃତ୍ତି ବୁଝି କୋଉଠି ସେ କୁମାରୀଙ୍କ ବିଭା ହେବାକୁ ରହିଛନ୍ତି ସବୁ ଜାଣି ଶୀଘ୍ର ସେଇ ଗାଁରେ ଯାଇ ପହଞ୍ଚିଲା । ସେ ଦେଖିଲା, ନଅର ଆଗେ ଦରୁଆନ ହେଉଛି । ଘୋଡ଼ାବାଲା କହିଲା, 'କୁମାର ରାଜକୁମାରୀଙ୍କୁ ନଅରକୁ ନବା-ପାଇଁ ଘୋଡ଼ା ପଠାଇଛନ୍ତି ।' ଏ କଥା ଶୁଣି ଦରୁଆନ ବିଶ୍ୱାସ କରି କୁମାରୀଙ୍କୁ ଖବର ଦବାରୁ କୁମାରୀ ଘରୁ ସଜ ହୋଇ ନଅରକୁ ଯିବାକୁ ବାହାରି ଆସିଲେ । ଘୋଡ଼ାର ମାଲିକକୁ ରଜା ଜେଲ ଦେଇ ଥିବାରୁ ସେ ପ୍ରତିଶୋଧ ନେବାକୁ ଯେ ଛଳନା କରି ଘୋଡ଼ା ନେଇ ଆସିଛି ଏ କଥା କେହି ଜାଣି ପାରିଲେ ନାହିଁ । ଘୋଡ଼ାର ମାଲିକ ସହିତ କୁମାରୀଙ୍କ ଯେତେବେଳେ ବଙ୍ଗଳା ରାଜା ଓ କୁମାର ଆକାଶରେ ଉଡ଼ିଯିବାର ଦେଖିଲେ ସେତେବେଳେ ସମସ୍ତେ ବ୍ୟସ୍ତ ହେଲେ । ରାଜା ନିଜ ବୁଦ୍ଧିକୁ କେତେ ଧିକ୍କାର ଦେଲେ । ଘୋଡ଼ାବାଲାକୁ କେହି ଧରିବାର ଉପାୟ ନ ଥିବା ଜାଣି ସେ ରାଜାଙ୍କ ନଅର ଉପରେ ଘୋଡ଼ାକୁ ଉଡ଼ାଇ ନେଇଗଲା । ଏହା ଦେଖି ରାଜାଙ୍କ ଦୁଃଖରୁ କୁମାରଙ୍କ ଦୁଃଖ ବେଶି ପଡ଼ିଲା । କିଛି ଉପାୟ ନ ଦେଖି କୁମାର କହିଲା, 'ମତେ ଗୋଟିଏ ଫକୀର ପୋଷାକ ଦିଅ । ମୁଁ କୁମାରୀଙ୍କୁ ଖୋଜିବାକୁ ବିଦେଶ ଯିବି । ଏହା ଶୁଣି ଚାକରମାନେ ସେଇନାଏ ଫକୀର ବେଶରେ ରଜା ପୁଅକୁ ସାଜି ଦେଲେ । ରଜା ପୁଅ ନିଜ ଦେଶ ଓ ରାଜ୍ୟ ଛାଡ଼ି ଚାଲିଗଲା ।

କୁମାରୀ ଅନେକ ସମୟ ଆକାଶରେ ରହିବାରୁ ତାଙ୍କୁ କ୍ଳାନ୍ତ ଲାଗିଲା । ଏତେଣି ସେ ଦେଖିଲା, ଘୋଡ଼ା ଓହ୍ଲାଇ ତଳକୁ ଖସିବାକୁ ନାହିଁ । ମନରେ

Digitized by srujanika@gmail.com

ସନ୍ଦେହ ହେଲା, କିନ୍ତୁ ଅକାଳରେ ପଡ଼ି ସେ ନିରୁପାୟ, କଣ କରିବେ ? ଆଖିର ସେ ଲୋକଙ୍କୁ ଘୋଡ଼ାବାଲା କାଶ୍ମୀର ଗଜାଠରେ ଘୋଡ଼ାକୁ ଡାକିକୁ ଅଣିଲା । କୁମାରୀଙ୍କୁ ନଦୀରକୂଳରେ ଚୌଠାଏ ଦଣ୍ଡ ଦୁଦା ଘାଟରେ ଲଗାଇ ସେ ସହରକୁ ଗଲା । କୁମାରୀ ଏଠାରେ ଉଠି ପଳାଇବାକୁ ଇଚ୍ଛା କଲା, କିନ୍ତୁ କ୍ଷୁଧା ତୃଷାରେ ଗୋଡ଼ ଚାଲି ନ ଥିବାରୁ କର୍ମ ଅଧୀନ ସେଠି ବସି ରହିଲା । କିଛିକ୍ଷଣ ପରେ ଘୋଡ଼ାବାଲା ଖାଦ୍ୟ ଆଣି ଦେଲାରୁ କୁମାରୀ କିଛି ଅଳ୍ପ ଖାଇ ଘୋଡ଼ାବାଲାକୁ ଅପମାନ କରି ତାର ବଦମାସୀ କାମ ହେତୁ ତାକୁ ଗାଳି ଦେଲା । ଘୋଡ଼ାବାଲା କୁମାରୀଙ୍କୁ ଧମକ ଚମକ କରି ଓ ମାରି ଦବାକୁ କହିବାରୁ କୁମାରୀ ପାଟିକରି କାନ୍ଦିଲା ଓ କିଏ କୋଉଠି ଥିବେ ବୋଲି ତାଙ୍କୁ ରକ୍ଷା କରିବାକୁ ହୁରି ଗୁଡ଼ିଲା । ଏହି ଢେ ଶୁଣି ବାଟରେ ଘୋଡ଼ସବାର ସେ ସ୍ଥାନରେ ଯାଇ ପହଞ୍ଚିଲେ । କୁମାରୀ ସେମାନଙ୍କ ଘୋଡ଼ା ପାଖ କାନ୍ଦି ତାର ଜୀବନ ରକ୍ଷା ପାଇଁ ଅକୁଳ ହୋଇ ପ୍ରାର୍ଥନା କଲା । ଘୋଡ଼ସବାରଙ୍କ ନେତା କାଶ୍ମୀର ସୁଲତାନ୍ । ସେ ପାଖେଥିବାରୁ ଚୋର ନାରୀ କାନ୍ଦଣା ଶୁଣି ସେ ସ୍ଥାନରେ ପହଞ୍ଚି ଘୋଡ଼ାବାଲାକୁ ଏ ପ୍ରସଙ୍ଗ କଣ ବୋଲି ପଚାରିଲେ । ଘୋଡ଼ାବାଲା ସୁଲତାନଙ୍କୁ କ୍ରୁଦ୍ଧ କଣ୍ଠରେ କହିଲା, 'ଏ ନାରୀଟି ମୋ ସ୍ତ୍ରୀ । ସେ ପାଗଳୁଣୀ । ତମର କଣ ଅଧିକାର ଅଛି ? ତମେ ଏଠୁ ଚାଲି ଯାଅ । ଏକଥା ଶୁଣି ସୁଲତାନ ଅବିଶ୍ୱାସ କଲେ । କୁମାରୀ କହିଲେ, 'ମତେ ଏ ଲୁଚିଆ ଚୋରାଇ ଆଣିଛି । ମୋ ସ୍ୱାମୀ ପାରସ୍ୟର ରାଜକୁମାର । ମୁଁ ବଙ୍ଗ ଦେଶର ରାଜକୁମାରୀ । ଏକଥା କହୁ କହୁ କାନ୍ଦଣାରେ ତା ଗଳା ବନ୍ଦ ହୋଇଗଲାରୁ ସେ ନୀରବ ହେଲା । ତା ବେଶଭୂଷାରୁ ସୁଲତାନ ଜାଣିଲେ, ସେ ରାଜ ଝିଅ । ସେକ୍ଷଣି ତାଙ୍କ ଅନୁଚରଙ୍କୁ କହିଲେ ଘୋଡ଼ାସବାରର ମୁଣ୍ଡ କାଟ । ସାଙ୍ଗେ ସଙ୍ଗେ ତାର ମୁଣ୍ଡକୁ ନୌକରମାନେ କାଟି ଦେଲେ । ସୁଲତାନଙ୍କ ହୁକୁମରେ କୁମାରୀ ପାଇଁ ଘୋଡ଼ା ଆସିଲା । କୁମାରୀ ସେ ଘୋଡ଼ାରେ

Digitized by srujanika@gmail.com

କାଶ୍ମୀର ନଅରକୁ ଗଲେ । ସୁଲତାନ ତାଙ୍କୁ ଦାସୀ ଦେଲେ । ଖୋଜାମାନେ ତା ଘର ପହରା ଦେଲେ । ଗୋଟିଏ ଅଲଗା ସୁନ୍ଦର ନଅରରେ ସୁଲତାନ କୁମାରୀଙ୍କୁ ରଖାଇ ତାଙ୍କ ଇତିହାସ କାଲି ଶୁଣିବେ କହି ବିଦା ହୋଇ ତାଙ୍କ ପାଖରୁ ଗଲେ । କୁମାରୀ ଭାବିଲା, ସୁଲତାନ୍ ତାଙ୍କ ଇତିହାସ ଶୁଣିଲେ ତାଙ୍କୁ ଦୟା କରି ସମ୍ମାନରେ ରଖିବେ । ମାତ୍ର ସେ ଗୋଟିଏ ବିପଦରୁ ଯାଇ ଆଉ ଗୋଟିଏ ବିପଦରେ ପଡ଼ିଲେ । ସୁଲତାନ୍ କୁମାରୀଙ୍କ ନିକଟରୁ ବିଦାୟ ନେବା ପରେ ପ୍ରତିଜ୍ଞା କଲେ, କାଲି ସକାଳେ କୁମାରୀଙ୍କୁ ବିଭା ହେବେ । ତେଣୁ ରାଜ୍ୟ ସାରା ତାଙ୍କ ବିବାହ କଥା ଢେମକା ଦେଇ ଘୋଷଣା କରିବାକୁ ଉଚ୍ଚପଦ-ସ୍ଥମାନଙ୍କ ଗୃହ ଆଡ଼କୁ ପଠାଇ ଦେଲେ । ସକାଳ ହେଲାରୁ ବାଜା ଢମକ ଶୁଣି ସକାଳ ଦେଶ । ପାରିଷଦ ରାଜକୁମାରୀଙ୍କ ସବୁ କଥା ବୁଝି ପାରିଲେ । କିନ୍ତୁ ସେ ସେଥିରେ କିଛି ପ୍ରତିକାର କରିବା ଉପାୟ ପାଇଲେ ନାହିଁ । ସୁଲତାନ୍ କୁମାରୀ ଦେଶ ଛାଡ଼ିଲା ପରେ ତାଙ୍କ ନିକଟରେ ପହଞ୍ଚି ସେ ଆଜି ବିଭା ହେବାକୁ ପ୍ରସ୍ତୁତ ହୁଅନ୍ତୁ ବୋଲି ତାଙ୍କୁ କହିଲେ । ଏ କଥା ଶୁଣାଇ ସେ ଗୃହ ଆସିଲାରୁ କୁମାରୀ ମୁଣ୍ଡରେ ବଜ୍ର ପଡ଼ିଲା । ସେ ଦୁଃଖରେ ଉନ୍ମତ୍ତର ମୂର୍ଚ୍ଛିତା ହୋଇ ପଡ଼ିଲା । ଦାସୀମାନେ କୁମାରୀଙ୍କ ପରିଚର୍ଯ୍ୟା କଲାରୁ ତାଙ୍କର ଅଳ୍ପ ଚେତା ଆସିଲା, ମାତ୍ର ସେ ଠିକ୍ କଲେ ଛଳନା କରି ସେ ପାଗ୍ଳୁଣୀ ହେବ । ତେଣୁ ସେ ଯାହା ଇଚ୍ଛା ତା ବକିବାକୁ ଲାଗିଲା ଓ ଅଦ୍ଭୁତ ଅଙ୍ଗଭଙ୍ଗୀ କଲେ । ଦିନଟାକ ଯେପରି ଅବସ୍ଥା ଥିଲା, ରାତିକୁ ଆଉରି ଖରାପ ଅବସ୍ଥା ହେଲା । ସୁଲତାନ୍ ନିରୁପାୟ ହୋଇ ଦାସୀ ପହରାଦାରଙ୍କ ଜିମାରେ କୁମାରୀଙ୍କୁ ପଞ୍ଜୁରୀରେ ରଖାଇ ଆସିଲେ । ଏଇପରି ଦିନ ଯାଉଥାଏ । ଶେଷରେ ସୁଲତାନ ରାଜ୍ୟର ସବୁ କବିରାଜ ଗୁଣିଆଙ୍କୁ ଡାକି କୁମାରୀଙ୍କ ରୋଗ ଦେଖାଇବା ବ୍ୟବସ୍ଥା କଲେ । କୁମାରୀ ଭାବିଲେ,

Digitized by srujanika@gmail.com

ଯଦି କବିରାଜମାନେ ତାଙ୍କ ନାଡ଼ୀ ଦେଖିବେ, ତେବେ ସେ ଛଳନା କରି ବାଯ୍ୟାଣୀ ହେବା କଥା ଜଣା ପଡ଼ିଯିବ । ତେଣୁ ଯେଉଁ କବିରାଜ ତାଙ୍କୁ ଦେଖିବାକୁ ଆସିଲେ କୁମାରୀ ଏପରି ଭୟଂକର ସ୍ୱରରେ ତାଙ୍କୁ ଆକ୍ରମଣ କରିବାକୁ ବସନ୍ତି ଯେ କେହି ସାହସ କରି ତାଙ୍କ ପାଖରେ ଟିକେ ଛୋଇଁ ପାରନ୍ତି ନାହିଁ । ସେମାନେ ଯେଉଁ ଔଷଧ ଦେଉଥିଲେ ତାହା ବିଷାକ୍ତ ନୁହେଁ ଜାଣି କୁମାରୀ ଖାଉଥିଲେ । ଏପରି ଅବସ୍ଥା ଦେଖି ସୁଲତାନ ନିଜ ରାଜ୍ୟର ଭଲ ବଇଦମାନଙ୍କୁ ଡାକି କୁମାରୀଙ୍କୁ ଯେ ଭଲ କରିବ ଭଲ ପୁରସ୍କାର ଦେବେ ବୋଲି ଘୋଷଣା କଲେ । ତାଙ୍କ ରାଜ୍ୟଛଡ଼ା ଅନ୍ୟ ପଡ଼ୋଶୀ ରାଜ୍ୟରେ ବି ଡକରା ପଠାଇ ଢମକ ଦେଇ କୁମାରୀଙ୍କୁ ଭଲ କରିବା ପାଇଁ ବଇଦ ଖୋଜାଇଲେ, ମାତ୍ର କୁମାରୀଙ୍କୁ କେହି ଭଲ କରି ପାରିଲେ ନାହିଁ । ଏ ସମୟରେ ଫିରୋଜ-ସାହା ନିରାଶ ଓ ଦୁଃଖରେ ରାଜ୍ୟମାନଙ୍କରେ ବୁଲୁଥିଲେ । ସୁଲତାନ୍ କୁମାରୀଙ୍କୁ ଭଲ ହେବା ପାଇଁ ଯେଉଁଦିନ ରାଜ୍ୟରେ ଢମକ ଦେଲେ ସେ କାଳରୁ କୁମାର କାଶ୍ମୀରରେ ଗୋଟିଏ ସରାଇ ଘରେ ଭଡ଼ା କରି ରହୁଥିଲେ ଓ ସବୁ ଖବର ରଖୁଥିଲେ । ସୁଲତାନ ବଇଦ ଖୋଜିବା ପାଇଁ ଲୋକ ପଠାଇବାରୁ ଏ ଖବର ପାଇ କୁମାର ଫକୀର ବେଶ ବଦଳାଇ ବଇଦଙ୍କ ପୋଷାକ ପିନ୍ଧି ସୁଲତାନଙ୍କ ଘରେ ଯାଇ ପହଞ୍ଚିଲେ । ତାଙ୍କୁ ଲୋକେ ସୁଲତାନଙ୍କ ନିକଟକୁ ନେଇ ଗଲାରୁ ସେ କହିଲେ, 'ମୁଁ ପାଗଳ ରୋଗ ବହୁତ ଭଲ କରୁଛି । ନିଶ୍ଚୟ ରାଜକୁମାରୀଙ୍କୁ ଭଲ କରି ଦେବି ।' ପାରିଷଦମାନେ କହିଲେ, 'ତମେ ଭଲ କଲେ ଭଲ ପୁରସ୍କାର ପାଇବ ।' ସୁଲତାନ୍ ନୂଆ ବଇଦଙ୍କୁ କହିଲେ, 'ତମେ କୁମାରୀଙ୍କୁ ଭଲ କରିବା ତ ଦୂର କଥା, ତାଙ୍କୁ ଦେଖିଲେ ତମେ ହତାଶ ହୋଇ ଆଉ ଭଲ କରିବା ଚେଷ୍ଟା ବି କରିବ ନାହିଁ ।' ଏ କଥା କହି ସୁଲତାନ୍ ନୂଆ ବଇଦଙ୍କୁ କୁମାରୀଙ୍କ ନିକଟ ନେଇଗଲେ ।

Digitized by srujanika@gmail.com

ଯୋଗଠୁ ରୋଗୀକୁ ବଇଦ ଦେଖିବ, ମାତ୍ର ରୋଗୀ ବଇଦକୁ ଦେଖିବ ନାହିଁ ସେପରି ସ୍ଥାନରେ ବଇଦ ରହିଲେ। କୁମାର ଦେଖିଲେ, କୁମାରୀ ଗୋଟାଏ ସୋଫାରେ ଶୋଇ ତାଙ୍କର ଜୀବନ ଇତିହାସର ଦୁଃଖ କଥା ଗୀତ ଗାଉଛନ୍ତି। କୁମାର ଗୀତ ଶୁଣିଲାରୁ ତାଙ୍କ ସ୍ୱର ପରି ଜଣେବାକୁ ଲାଗିଲା ଏବଂ ସେ ଜାଣିଲେ କୁମାରୀ ଛଳନା କରି ବାୟାଣୀ ହୋଇଛନ୍ତି। ରୋଗ କିଛି ନାହିଁ। କୁମାରଙ୍କ ବିରହରେ କୁମାରୀଙ୍କର ଏପରି ଦୁଃଖ ଦୁରବସ୍ଥା ହୋଇଛି ବୋଲି କୁମାର ଜାଣି ପାରିଲେ। କୁମାରୀ ଚାଲାକି କରି ନିଜର ଏ ଅବସ୍ଥା କରିଛନ୍ତି ବୋଲି କୁମାର ବୁଝି ନେଲେ।

କୁମାର କୁମାରୀଙ୍କ ଅବସ୍ଥା ଦେଖି ଆସି ସୁଲତାନଙ୍କୁ କହିଲେ, 'ରୋଗୀ ପାଗଳ, କିନ୍ତୁ ତାଙ୍କ ଲକ୍ଷଣ ଦେଖି ବୁଝୁଛି ଯଦି ତାଙ୍କ ସହିତ ମୋତେ କଥା କହିବାର ଓ ବସାଉଠା କରିବାର ହୁକୁମ ଦେବେ ମୁଁ ରୋଗୀକୁ ଭଲ କରିବାର ଆଶା କରିବି।' ସୁଲତାନ୍ ଶୁଣି ଖୁବ୍ ଖୁସି ହୋଇ କୁମାରଙ୍କୁ ରାଜକୁମାରୀଙ୍କୁ ଚିକିତ୍ସା କରିବାର ସବୁପ୍ରକାର ସୁବ୍ୟବସ୍ଥା କରି ଦେଲେ। କୁମାର କୁମାରୀଙ୍କ ନିକଟ ଗଲାରୁ କୁମାରୀ କୁମାରଙ୍କୁ ରାଗରେ ଉଠି ଆସି ଗାଳି ଦେଲେ। ମାତ୍ର କୁମାର ଏ କଥାରେ ଖାତିର ନ କରି ତାଙ୍କ ନିକଟ ଯାଇ କୋମଳ କଣ୍ଠରେ କହିଲେ, "ରାଜକୁମାରୀ ଚାହିଁ, ମୁଁ କିଏ ଦେଖ। ପାରସ୍ୟ ରାଜକୁମାର ତମର ବନ୍ଦୀ ହୋଇ ଆସିଛି, ତମକୁ ଏ ବନ୍ଧନରୁ ମୁକୁଳାଇ ଦେବ ବୋଲି, ବିଶ୍ୱାସ କର।' କୁମାରଙ୍କ କଣ୍ଠ ଶୁଣି କୁମାରୀ କାବା ହୋଇ ଗଲେ। ତାଙ୍କର ରାଗ ରୋଷ ଉଡିଯାଇଗଲା। ସେ ବଡ଼ ଖୁସି ହୋଇ ହାତରେ ସ୍ୱର୍ଗ ପାଇଲା ଭଳି ଆନନ୍ଦିତା ହୋଇ ଚାହିଁଲେ ବଇଦଙ୍କୁ। କୁମାରୀ କଥା କହିବାକୁ ଇଚ୍ଛା କରୁଥିଲେ ବି କହି ନ ପାରିବା ଦେଖି କୁମାର ଧୀରେ ଧୀରେ ତାଙ୍କୁ ସବୁ କଥା ମନେ ପକାଇ ଦେଲେ। ତାଙ୍କ ସାମନାରେ କୁମାରୀଙ୍କ ନିରୁପାୟ ଅବସ୍ଥା ଦେଖି ସେ ବଡ଼ ଦୁଃଖିତ ହୋଇ କହିଲେ, 'ମୁଁ ତମକୁ

Digitized by srujanika@gmail.com

ଖୋଜିବାକୁ ଦୁନିଆ ବୁଲି ବୁଲି କାଶ୍ମୀର ଗୁଲଜରେ ନଅର ଭିତରକୁ ଆଜି ଆସିଲେ । ସବୁ ଶୁଣି କୁମାରୀ ତାଙ୍କର ବଙ୍ଗଳାକୁ ଘୋଡ଼ା ପାଳିବା ସହିତ ଆସିବା ପରଠୁଁ ସବୁ ଘଟଣା ବୁଝାଇ କହି କୁମାରଙ୍କୁ କହିଲେ । ସୁଲତାନଙ୍କ ଅତ୍ୟାଚାରରୁ କିପରି ମୁକୁଳିବ ଏଥିପାଇଁ କୁମାର ଉପାୟ କରିବାକୁ ଅନୁରୋଧ ମଧ୍ୟ କଲେ । କୁମାର ସବୁ ଶୁଣି ଥକ୍କା ମାରି ବସିଲେ । କୁମାରଙ୍କୁ କୁମାରୀଙ୍କ ବନ୍ଧୁମତରେ ସୁଲତାନ୍ ଅତି ଅଭଦ୍ର ଭାବରେ ତାଙ୍କୁ ଜୋର କରି ବିଭା ହେବାକୁ ବାଧ ତାଙ୍କୁ ଦଣ୍ଡ ଦେଇ ଲାଗିଲା । କୁମାରୀ କହିଲେ, ତୁମେ ମତେ ଏ ବନ୍ଦୀଖାନାରୁ ନ ଛଡ଼ାଇଲେ ମୁଁ ମରିବି ପଛକେ ସୁଲତାନକୁ ବିଭା ହେବି ନାହିଁ । କୁମାର ତାଙ୍କୁ ଘୋଡ଼ା କଥା କୁମାରୀଙ୍କୁ ପଚାରିବାରୁ ସେ ଘୋଡ଼ା କଥା କିଛି ଜାଣି ନାହାନ୍ତି ବୋଲି କହିଲେ । କୁମାରୀ କହିଲେ, 'ସୁଲତାନ ଘୋଡ଼ାର ଦାମ କଥା ଜାଣନ୍ତି । ମୋର ମନେ ହଉଛି ସୁଲତାନଙ୍କ ପାଖରେ ଘୋଡ଼ା ଥିବ ।' ତାହା ଘୋଡ଼ା ହାତରେ ପଞ୍ଚ କଲେ । କୁମାର କୁମାରୀଙ୍କୁ ନେଇ ପଳାଇ ଚାଲିଯିବାର ଉପାୟ ଖୋଜା ହେଲା । କୁମାର କହିଲେ, 'ଘୋଡ଼ା ହାତ ପାଇବା ହେବା ଆଗରୁ ତୁମେ ଭଲ ବେଶଭୂଷା କରି ସୁଲତାନ କାଲି ସକାଳେ ତୁମକୁ ଦେଖିବାକୁ ଆସିଲେ ତାଙ୍କ ସାଙ୍ଗେ ମିଠା କଥା କହି ଖୁବ ଆଲାପ କରିବ ।' କୁମାର କୁମାରୀଙ୍କଠୁଁ ବିଦାୟ ନେଇ ସୁଲତାନଙ୍କୁ ତାଙ୍କ ଅବସ୍ଥା କହିବାରୁ ସୁଲତାନ୍ ଖୁବ୍ ଖୁସି ହୋଇ ବଇଦଙ୍କୁ ଧନ୍ୟବାଦ ଦେଲେ । ତାହା ପରଦିନ କୁମାରୀ ସୁଲତାନ୍ଙ୍କ ଭଲ ବ୍ୟବହାର କରିବା ଦେଖି ସୁଲତାନଙ୍କ ମନରେ ସନ୍ଦେହ ରହିଲା ନାହିଁ ଯେ ଏ ନୂଆ ବଇଦ ନିଶ୍ଚେ ରୋଗକୁ ଭଲ କରିଦେବ । ସୁଲତାନ୍ କୁମାରୀଙ୍କୁ କୁଶଳ ପଚାରି ତାଙ୍କ ଉତ୍ତରକୁ ଅପେକ୍ଷା ନ କରି ଚାଲି ଆସିଲେ । ତାଙ୍କ ପାଖରେ କୁମାର ମଧ୍ୟ ବାହାରକୁ ଆସିଲେ । ବାହାରେ କୁମାର ସୁଲତାନଙ୍କୁ କହିଲେ, 'ମୁଁ ନିରୋଳାରେ କୁମାରୀଙ୍କୁ ତାଙ୍କ ରୋଗର

Digitized by srujanika@gmail.com

କହ, ଏଠିକୁ କିଆଁ ଓ କିପରି ଆସିଥିଲେ ଏ ସବୁ ପଚାରିବାକୁ ଚାହେଁ । ସୁଲତାନ୍ ଏ କଥା ଅତି ସ୍ୱାଭାବିକ ବୋଲି ମନେ କରି କହିଲେ, 'ସେ କୁହୁକ ଘୋଡ଼ାରେ ଆସିଥିଲେ । ତାଙ୍କୁ ଯିଏ ଚେଟୁବାଇ ଜାଣିଥିଲି, ମୁଁ ତା ମୁଣ୍ଡ କାଟିଛି । କିନ୍ତୁ ଘୋଡ଼ା ମୋର ବନ୍ଦୀ ଘରେ ରଖିଛି । ଘୋଡ଼ା କିପରି ଉଡ଼େ ମୁଁ କିଛି ଜାଣେ ନାହିଁ ।' ଏ କଥା ଶୁଣି କୁମାର କହିଲେ, ମୁଁ ଯାହା ଚାହୁଁଥିଲି, ସେ କଥା ଅପଣ କହିଲେ । ସେହି ଘୋଡ଼ାର ବଡ଼ ଦରକାର ଅଛି । ଯେତେବେଳେ କୁହୁକ ଘୋଡ଼ା ଉଇସ କୁମାରୀଙ୍କୁ ଘୋଡ଼ାରେ ବସେଇଲା ସେତେବେଳେ ଘୋଡ଼ା କୁହୁକ କୁମାରୀଙ୍କ ଦେହରେ ନଖ ଭର୍ତ୍ତି କରି ଦେବାରୁ କୁମାରୀ ବାୟାଣୀ ହୋଇଛନ୍ତି । ମୁଁ ଏ କୁହୁକ ବିଦ୍ୟା ଜାଣିଛି । ଘୋଡ଼ା ଆପଣ ଆଣନ୍ତୁ । କୁମାରୀ ତାଙ୍କ ବାପାଙ୍କ ରାଜ୍ୟରୁ ଆସେ । ସାଙ୍ଗକୁ କିପରି ଟେକେ ଓ ପାରସ୍ୟରୁ କାଶ୍ମୀର କିପରି ଘୋଡ଼ାରେ ଆସିଲେ ତାହା ମୁଁ ଜାଣିବା ଉଚିତ । ରାଜଦଣ୍ଡକୁ ଘୋଡ଼ା ଆଣନ୍ତୁ । ପ୍ରଜାମାନଙ୍କୁ ଆପଣ ଡାକନ୍ତୁ । କୁମାରୀଙ୍କୁ ଆପଣଙ୍କ ଘରର ଭଲ ମଣି ମାଣିକ ଅଳଙ୍କାର ଲୁଗାପଟା ପିନ୍ଧାଇ କରି ଆଣନ୍ତୁ । ମୁଁ ଏ ଘୋଡ଼ାର କୁହୁକ କୁମାରୀଙ୍କ ଦେହରୁ ମନ୍ତ୍ର କରି ଛଡ଼ାଇ ଦେଇ ପାରିବାର ବିଦ୍ୟା ହାସଲ କରିଛି । ଆପଣମାନେ ସମସ୍ତେ ରାଜଦଣ୍ଡରେ ଠିଆ ହୋଇ ଏ କଥା ଦେଖିବେ । ଏ କଥା ଦେଖିଲେ କୁମାରୀ ଭଲ ହୋଇ ଯିବ ନିଶ୍ଚୟ । ତହିଁ ଆରଦିନ ସକାଳୁ ସୁଲତାନ୍ ଘୋଡ଼ାକୁ ବନ୍ଦୀଘରୁ ଅଣାଇଲେ । ପ୍ରାସାଦ ଆଗରେ ଗୋଟାଏ ଚାରିକୋଣିଆ ପଡ଼ା ଜାଗାରେ କ୍ରମେ କ୍ରମେ ଚାରିପଟରୁ ଲୋକେ କୁତୁହଳ ହୋଇ ଗୋଟାଏ ଆଚମ୍ବିତ ଘଟଣା ଦେଖିବେ ବୋଲି ଜମା ହୋଇଗଲେ । ସବା ଶେଷରେ ରାଜ ମନ୍ତ୍ରୀଙ୍କୁ ନେଇ ସୁଲତାନ୍ ସେ ସ୍ଥାନରେ ଯାଇ ବସିଲେ । ଅନ୍ଦରମହଲରୁ ରାଜକୁମାରୀଙ୍କୁ ବେଶ ଭୂଷଣ କରାଇ ଦାସୀମାନେ ନେଇ ଆସିଲେ । ଦାସୀମାନଙ୍କ ସାହାଯ୍ୟରେ ରାଜକୁମାରୀ ଧୀରେ ଧୀରେ ଚାଲି ଘୋଡ଼ାକୁ

Digitized by srujanika@gmail.com

ବସିଲେ । କୁମାରୀ ଘୋଡ଼ା କଳ ଉପରେ ବସି ଲଗାମ ଧରିଲା ପରେ ପାରସ୍ୟ ରାଜକୁମାର ଯେଉଁ ଗୁଡ଼ପଟେ ନିଆଁ ଜାଳି ସୁଗନ୍ଧ ଧୂପମାନ ଜାଳିଲେ । ପରେ ସେ ଘୃତ ଉପରେ ନିଜ ହାତ ରଖି ଘୋଡ଼ାର ଗୁଡ଼ିରେ ମନ୍ତ୍ର ପଢ଼ି ତିନିଥର ବୁଲିଲେ । ଧୂପ ମାନଙ୍କରୁ ଏତେ ଧୂଆଁ ଉଠିଲା ଯେ ଲୋକଙ୍କୁ ଘୋଡ଼ା କି କୁମାରୀ କେହି ହେଲେ ଦେଖିଲେ ନାହିଁ । ଏହି ସମୟକୁ କୁମାର ଅପେକ୍ଷା କରି ରହିଥିଲେ । ଧୂଆଁ ଭିତରେ କୁମାର ଘୋଡ଼ା ଉପରେ ଚଢ଼ି କୁମାରୀ ପଛ ପଟେ ବସି ଘୋଡ଼ାର କଳକୁ ପାଦରେ ଦାବି ଦେବାରୁ କୁହୁକ ଘୋଡ଼ା ଉପରକୁ ଉଠିଲା । ଏହି ସମୟରେ କୁମାର ପାଟିକରି କହିଲା "ସୁଲତାନ୍ ! ଯେଉଁ ରାଜକୁମାରୀ ତୁମର ଶରଣ ନେଇଥିଲା, ତମେ ତାକୁ ରକ୍ଷା କଣ କରିଥାନ୍ତ, ତାର ଯହିଲେ ଅନୁମତି କି ସମ୍ମତି ନ ନେଇ ଜୋର କରି ବାହା ହେବାକୁ ବସିଥିଲ । ଯାହାକୁ ବାହା ହେବ, ତାର ଅନୁମତି ଲୋଡ଼ିବା ଆଗ ଶିଖ ।" ଏହି କଥା ଶୁଣାଇଲା ପରେ ଆଖି ପିଛୁଳାକେ ଘୋଡ଼ା ଆକାଶରେ ଉଡ଼ିଲା । ଅଳ୍ପ ସମୟରେ ଦୁହେଁ ପାରସ୍ୟ ଦେଶରେ ରାଜ ନଗରରେ ପହଞ୍ଚିଲେ । ଖୁବ୍ ଜାକଯମକରେ ଉତ୍ସବ କରାଯାଇ ଯୁବରାଜଙ୍କ ବାହାଘର ହେଲା । ଲୋକେ ଖୁସିହୋଇ ଆନନ୍ଦ କଲେ । ବାହାଘର ସରିଲାରୁ ପାରସ୍ୟରୁ ଦୂତ ଯାଇ ବଙ୍ଗରାଜାଙ୍କୁ ସବୁ ସମ୍ବାଦ ଶୁଣାଇ ଦୁଇ ଦେଶ ଭିତରେ ବନ୍ଧୁତା ପ୍ରତିଷ୍ଠା କରିବା ପ୍ରସ୍ତାବ କଲା । ବଙ୍ଗଳା ରାଜା ଖୁସି ହୋଇ ଏ ପ୍ରସ୍ତାବକୁ ସ୍ୱୀକାର କଲେ । ଦୁଇ ଦେଶରେ ସଦ୍ଭାବ ପ୍ରତିଷ୍ଠା ହେଲା । ମୋ' କଥାଟି ସରିଲା ।

Digitized by srujanika@gmail.com

ସାନ୍ତ୍ରିୟଶ ବଣିକ କଥା

ବାଗଦାଦ ଦେଶରେ ଅଲ୍ କୋଗାନ୍ ବୋଲି ଗୋଟିଏ ବେପାରି ଥିଲା । ତାର ସ୍ତ୍ରୀ ପିଲା କେହୁ ନ ଥିଲେ । ସେଥିପାଇଁ ବେପାରରେ ଯେ ଯୋଉ ଦୁ ପଇସା ରୋଜୁଥିଲା ତହିଁରେ ତାର ଦିନ ଭଲରେ କଟି ଯାଉ ଥିଲା । ତା ବାପ ଯୋଉ ସମ୍ପତ୍ତିକ ରଖିଥିଲା ତହିଁରେ ତାର ଦିନ ଭଲରେ କଟୁଥିଲା । ଏଣୁ ମଝିରେ ଲାଗି ଲାଗି ତିନି ରାତି ତାକୁ ଜଣେ ବୁଢ଼ା ସପନେଇଲା ଯେ ଯଦି ତୁମ୍ଭେ ମକ୍କା ତୀର୍ଥ କରି ନ ଯିବ ତାହେଲେ ଖୁବ ଅନିଷ୍ଟ ଘଟିବ । ସପନରେ ଅଲ ଉଚକିତ ହେଲା ନାହିଁ । ସେ ଭାବିଲା ଯଦି ସେ ମକ୍କା ତୀର୍ଥ କରି ଯିବ ତାର ଦୋକାନଟି ବନ୍ଦ ପଡ଼ିବ । ସବୁ ଗରାଖମାନେ ତାଠାରୁ ଚୁଳିଗଲେ ସେ ଦରିଦ୍ର ହୋଇ ଯିବ । ସପନ ଦେଖି ତୀର୍ଥକୁ ଯିବା ସଂକଳ୍ପ ଛାଡ଼ି ଦେଲେ ତାର ଅନିଷ୍ଟ ହେବ ଏଥିପାଇଁ ସେ ଖୁବ ଦାନ ଧ୍ୟାନ କଲା । ତେବେ ପୁଣି ସେହିପରି ସପନ ଦେଖିବାକୁ ଲାଗିଲା । ଶେଷରେ ସେ ସ୍ଥିର କଲା ତୀର୍ଥଯାତ୍ରା କରିବ । ତେଣୁ ଦୋକାନର ସବୁ ଆସବାବ ପତ୍ର ସେ ବିକିଲା । ତା ଘରକୁ ବିକିଲା । ଜିନିଷ ଯାହା ଦୋକାନର ତାକୁ ବି ବିକି ହଜାରେ ସୁନା ମୋହର ପାଖରେ ରଖିଲା । ଯେତକ ଜିନିଷ ବାଣ୍ଟିଥିଲା ତାକୁ ପୁଳା ବାନ୍ଧିଲା । ହଜାରେ ସୁନା ମୋହର ହଜାରେଟି ସେ ଗୋଟିଏ ମାଟିଆରେ ପୁରାଇ ତା' ଉପରେ ଅଲିଭ ଫଳ ପୁରାଏ ଭର୍ତ୍ତି କରି ମାଟିଆ ମୁହଁ ମଞ୍ଚିରେ ଜୋରି ଦେଲା । ମାଟିଆକୁ ଭଲ କରି ବନ୍ଦ କରି ମୁହଁ ବନ୍ଦ ଥିବା ଜାଗାକୁ ତାହା ମୁଣ୍ଡରେ କରି ଠିକ ଜଣେ ସେ ଗୋଟିଏ ବେପାରି ବନ୍ଧୁ ନିକଟକୁ ଯାଇ କହିଲା "ଭାଇ, ମୁଁ ମକ୍କା ତୀର୍ଥ କରି ଯାଉଛି । ତୁମେ ଗୋଟିଏ ଉପକାର କରିବ । ଏ ଅଲିଭଫଳ ମାଟିଆଟିକୁ ରଖ ଭାଇ । ମୁଁ ଫେରି ଆସିଲେ ନେବି । ଏ କଥା ଶୁଣି ତାର ବନ୍ଧୁ

Digitized by srujanika@gmail.com

କାଳକୁ ତାର ଦୋକାନ ଚାବି ଦେଇ କହିଲା, ଘର ଖୋଲି ମାଟିଆ ରଖି ଦେ। ତୁ ଫେରିବ ଆସିଲୁ ମୋର ମାଟିଆ ନେବୁ, ମୁଁ ହୁଣ୍ଡାପତରେ ରଖିଥିବି। ମନରେ ସନ୍ଦେହ କରିବୁ ନାହିଁ।" କିଛିଦିନ ପରେ ସଦାଗର ଜିନିଷ ଧନ ଜାହାଜରେ ଲଦି ଗୋଟିଏ ତୀର୍ଥଯାତ୍ରୀ ଦଳ ସାଙ୍ଗରେ ଆଲି ଗୋଲାମ ଜାହାଜରେ ବସି ମକ୍କା ତୀର୍ଥ କରି ଗଲା। ମକ୍କାରେ ପହଞ୍ଚି ସେ ଅନ୍ୟ ତୀର୍ଥଯାତ୍ରୀମାନଙ୍କ ଭଳି ଧର୍ମ କର୍ମ ସବୁ କଲା। ଟିକିଏ ବେପାର କରିବା ଜିନିଷ ଯାହା ସାଙ୍ଗରେ ଆଣିଥିଲା, ସହଯାତ୍ରୀମାନଙ୍କୁ ମଧ୍ୟ ବିକିବାକୁ ଇଚ୍ଛା କଲା। ତା ହାତରେ ଯୋଉ ବେପାରୀମାନେ ଭେଟି କରି ଆସିଥିଲେ ସେମାନେ ଆଲିର ଜିନିଷ ଦେଖି କହିଲେ, ଏ ଜିନିଷ ସହର ଦାମ ଏଠି କିଏ ଦେବ। ଏଣୁ କାଇରୋକୁ ନେଲେ ବଡ଼ ଦାମରେ ଜିନିଷ ବିକି ହୋଇ ପାରନ୍ତା। ଏ କଥା ଶୁଣି ଆଲି ଆଉ ସେଠି ବେପାର ନ କରି ଜିନିଷ ପତ୍ର ଜାହାଜରେ ନେଇ ଅନ୍ୟ ବେପାରୀମାନଙ୍କ ସହିତରେ କାଇରୋ ସହରକୁ ଚାଲିଗଲା। ଆଲି କାଇରୋରେ ପହଞ୍ଚି ସବୁ ଜିନିଷ ପତ୍ରକୁ ବଡ଼ା ଦାମରେ ବିକିଲା। ଯୋଉ ଟଙ୍କା ମିଳିଲା, ସେଥିରେ କାଇରୋରେ ମିଳୁଥିବା ସୁନ୍ଦର ଜିନିଷମାନ ମଧ୍ୟ କିଣିଲା। ଦାମସ୍କସ ଇସ୍ପାହାନରେ ବିକିବା ପାଇଁ। ସେଠୁ ନଗର ଦେଖିବା ପାଇଁ ସାଙ୍ଗେ ଯାଇଥିଲା, ସେମାନେ ପେଡ଼ିମାନ କାଇରୋରେ ରହିଥିବାରୁ ଆଲି ମଧ୍ୟ ସେଠି ରହିଲା। ସେ ସହର ଜନ୍ମସ୍ଥାନ ଦେଶର ପିରାମିଡ଼ ଓ ନୀଳ ନଦୀ କିନାରାରେ ଥିବା ମନ୍ଦିରମାନ [illegible] ଦେଖିଲା। ପରେ ମଧ୍ୟ କାଳିଜିରେ [illegible] ଦେଲା। ସେଠାରେ ସୌନ୍ଦର୍ଯ୍ୟ ଦେଖି ଓ ଦେଶର [illegible] ଦେଖି ଦାମସ୍କସରୁ ଉଷି ଫେରିଲା [illegible] ଘରକୁ ଯିବାକୁ ଇଚ୍ଛା କଲା ନାହିଁ। ଦିନେ ତାର ନିଜ ଘର କଥା ମନେ ପଡ଼ିଗଲା, ସେ ଆଲେପୋ ବାଟେ ବୋଗଦାଦ ସହରକୁ ଯିବାକୁ ସ୍ଥିର କଲା। ଇତିମଧ୍ୟରେ ଦେଖ ଗୋଟିଏ [illegible] ପାର ହୋଇ [illegible]

Digitized by srujanika@gmail.com

ବାଟେ ମୁନ୍ଦପାଲ ବୋଲି ଗୋଟିଏ ସହରରେ ପହଞ୍ଚିଲା । ସେଠାରେ ସେ ତାର ଗାଁରୁ ଆସିଥିବା ବେପାରୀମାନଙ୍କ ସହ ଦେଖା ପରିଚୟ ହେଲା । ସେମାନେ ପାରସ୍ୟ ଯିବାକୁ ପ୍ରସ୍ତୁତ ଥିଲେ । ଆଉ ସେମାନଙ୍କ ସହିତ ପାରସ୍ୟ ଯିବାକୁ ପ୍ରସ୍ତୁତ ହେଲା । ତାର ମନେ ପଡ଼ିଲା ବୋଗଦାଦରେ ଯୋଉ ବନ୍ଧୁ ନିକଟରେ ଓଲିଭଫଳ ମାଠିଆ ସେ ରଖି ଆସିଛି, ସେ ଲୋକ ଧନୀ ହେଲେ ଆଉ କଥା ପଚାରେ ନାହିଁ କି ଖୋଜେ ନାହିଁ । ସାତବର୍ଷ ହେଲା ଆଉ ଗାଁର ଖବର ବି ପାଇ ନ ଥିଲା । ତେଣୁ ସେ ପାରସ୍ୟ ଦେଶ ବେପାରୀ ସାଙ୍ଗମାନଙ୍କ ସହିତ ପାରସ୍ୟ ଯିବାକୁ ଇଚ୍ଛା କଲା ।

ଏଣେ ସେ ଲୋଭୀ ବେପାରୀ ବନ୍ଧୁ ଜମାରେ ଓଲିଭଫଳ ମାଠିଆ ଦେଇଥିବା ସେ ବନ୍ଧୁ ମାଠିଆ କଥା ଭୁଲିଯାଇଥିଲା । ଦିନେ ତାର ସ୍ତ୍ରୀ କହିଲା, ମୁଁ କେତେଦିନରୁ ଓଲିଭଫଳ ଖାଇ ନାହିଁ, ମୋ ପାଇଁ ଫଳ ଖୋଜି ଆଣିଦିଅ । ଏ କଥା ଶୁଣି ବେପାରୀର ଓଲିଭଫଳ ମାଠିଆ କଥା ମନେ ପଡ଼ିଲା । ସେ ସ୍ତ୍ରୀକୁ କହିଲା ମୋର ବନ୍ଧୁ ୭ ବର୍ଷ ତଳେ ଫଳ ମାଠିଆଏ ରଖି ଯାଇଛି, ମୁଁ ଭୁଲି ଯାଇଛି । ତମେ ଆଲୁଅ ଦିଅ । ମୁଁ ଦୋକାନରୁ ମାଠିଆ ଖୋଜିକରି ଆଣିବି । ସ୍ତ୍ରୀ କହିଲା "ଏ ବଡ଼ ବିଶ୍ୱାସଘାତକ କଥା ! ଆଉ କେଜାଣି ୭ ବର୍ଷ ହେଲା ବିଦେଶ ଗଲାଣି ସେ ମରି ଯାଇଥିବ ବା ନୁହେଁ, ସେ ଯଦି ଫେରି ଆସି ଦେଖିବ ତାର ମାଠିଆ ମୁହଁ ଖୋଲି ତୁମେ ଫଳ ଖର୍ଚ୍ଚ କରିଛ, ତାହା କେତେ ଲଜ୍ଜାର କଥା ହେବ । ମୁଁ ସେମିତି ଗୋଟାଏ ଖିଆଲରେ ଫଳ ଖାଇବି ବୋଲି କହିଲି କିନା । ତମେ ଏଇ କଥାକୁ ଧରି ମଣି ଏପରି ଅନ୍ୟାୟ କାମ କରିବ ନାହିଁ । ମୁଁ ମଧ୍ୟ ଅନୁମାନ କରୁଛି ଆଉ କେଉଁଦିନ ସେ ଆସିବ । ତମକୁ ସେ କେମିତି ବନ୍ଧୁ ଭାବିବ ଯଦି ତୁମେ ତାର ବିଶ୍ୱାସ ଘାତକତା କରିବ ? ଫଳ ଶୁଖିକି ବି ଖରାପ ହୋଇ ଥିବଣି । ତମେ ଏ

Digitized by srujanika@gmail.com

ଧାରଣା ମନରୁ ଛାଡ଼ି ଦିଅ । ବୋଧହୁଏ ତାର ସ୍ୱପ୍ନର କଥା କାହାକୁ ନ କହି ନିଜେ ଅଳ୍ପଟ ଓ ଧାନ୍ୟ ନେଇ ମାଠିଆ ଖୋଳିବାକୁ ଗଲା । ତାର ଲୁହିଆ ସ୍ୱାମୀର ଏଭଳି ଅବିଶ୍ୱାସ ଓ ଅବୋଧ ପଣ ଦେଖି ଭାବିଲା, ଯେମ ମୋର ଭଲ କଥା ଶୁଣୁ ନାହିଁ, ଏ ଘରରେ ଯାହା [illegible] ବାହାର ଅଛି, ମନେ ଅଛି ନିର୍ଦ୍ଦ ନାହିଁ । ଏ କଥା ବେପାରୀ ମନରେ କିଛି ପ୍ରତିକ୍ରିୟା ଅଣିଲା ନାହିଁ । ବେପାରୀ ଏକା ଜିଦ୍ ଧରି ମାଠିଆ ଖୋଳିଲା । ଉପରେ ଧାନ ଗଦା ଦେଖି ଭିତରେ ଫଳ ଭଲ ଥିବ ଭାବିଲା ସେ ମାଠିଆ ଧରିଲେ ବାସନରେ ମାଠିଆ ମୁହଁ ଅଣ୍ଡାଳି ଦେଲା । ବାସନରେ ଫଳ ସହିତ କେତୋଟି ସୁନା ମୋହର ଦେଖି ବେପାରୀ ଚେଲିମାନଙ୍କୁ ଡାକି ଦେଲେ । ମାଠିଆ ଭିତରୁ ପୁଣି ବୁହା ଦେଖିଲା ଯେ ସୁନା ମୋହର ଗୁଡ଼ିକ ନେଇ ପଡ଼ୁଛି । ସେଠାରୁ ବେପାରୀ ମୋହରକୁ ଅଲଗା ଲୁଚାଇ ରଖି [illegible] ଭାର [illegible]କୁ କହିଲା । କହିଲା ପ୍ରକୃତରେ ଫଳ [illegible] ହୋଇ ଯାଉଛି କିନ୍ତୁ ପ୍ରଥମ ଫଳକୁ ପୁଣି ମୁଁ ମାଠିଆରେ ରଖି ଏହାର ମୁହଁ ବନ୍ଦ କରି ଦେଉଛି ଯେପରି ଅଳିତୋଳିଆ ଅସିଲେ କିଛି ଜାଣି ପାରିବ ନାହିଁ । ସ୍ତ୍ରୀ କହିଲା, ଯେମିତି ମୋ କଥା ମାନି ଥିଲେ [illegible] ହେଇଥାନ୍ତା । ଯା ହେଉ ଏଥିରୁ କିଛି ଖରାପ ଫଳ ଘଟିବ ନାହିଁ ବୋଲି ମୁଁ ଭାବୁଛି ।" ସ୍ତ୍ରୀଙ୍କ କଥା [illegible]ଲାଭରେ ବେପାରୀକୁ କିଛି ଦେଖା ନାହିଁ । ଲୋଭୀ ଲୋକ ସେ [illegible] [illegible] ଉଚିତ ଏ କଥା ଭୁଲି ଥାଏ । ସକାଳ ହେଲା ପରେ [illegible] [illegible] ପାଣି ଦେଇ ଉଠି [illegible] କିଣି ମାଠିଆରେ ମୁହଁ [illegible] [illegible] ପିନ୍ଧି ହେଲା । ମୋହରଗୁଡ଼ିକ ନେଇ ଲୁଚାଇ ଦେଲା । ଅଳି- ତୋଳିଆ ଚୋରଟି ମାଠିଆ ଖୋଲି ଯାଇଥିଲା ପୁଣି ସେଠି ନେଇ ମୁହଁ [illegible] ମାଠିଆ ରଖି ଦେଲା । ମାମଳ [illegible] ଅଳିତୋଳିଆ ନିଜ [illegible] [illegible] [illegible] [illegible] । [illegible] [illegible] [illegible] [illegible] [illegible]

Digitized by srujanika@gmail.com

ଥିବାରୁ ସେ ଟୋକନ ଧରେଇ ଦେବେ କହିଲା । ତା' ଆରଦିନ ବେପାରୀ
ହକିମ୍ ଘରକୁ ନାଇ ତାକୁ ଭେଟିଲା । ବେପାରୀ ଅଲିକୁ ଦେଖି ତାହା
ସ୍ୱଦେଶଯାତ୍ରା ଓ ଦୂରନ୍ତି କୁଶଳ ସମାଚାର ପଚାରି ଅନେକ ହେଲେ । କାହା
ଭୂଷା ସଂକଲ୍ପରୁ ଅଲି କୋଜିଆ ତାର ବେପାରୀ କ୍ଷମା ମାଗି ଯାଇଥିବା
ମାଟିଆ ମାଗିଲା । ବେପାରୀ କହିଲା, ତମ ଚାକର ପୋଇଟି ନେଇ
ଯାଇଛ ଯେଉଁଠି ଅଛି ଗୁଡ଼ା ନେଇ ଦୋକାନ ଖୋଲି ମାଟିଆ ନେଇ
ଆସ । ଏତା କହି ବେପାରୀ ଗୁଡ଼ା ଦେଲା । ଅଲିକୋଜିଆ, ତାର ଫଲ
ମାଟିଆ ନେଇ ସହରର ଘରକୁ ଯାଇ ମାଟିଆ ଖୋଲି ଦେଖିଲା ଯେ ଫଲ
ଫଳ ଠିକ୍ ଅଛି । ତାର ରଖିଥିବା ସୁନା ମୋହର ନାହିଁ । କାଠେଇ
ମାଟିଆ ଭିତରେ ଖୁବ ଖୋଜି ଦେଇ ତାଳୁ ବାସନରେ ମାଟିଆ ଓଲାଇ
ଓ ଦରଣ୍ଡି ଦେଖିଲା, ଗୋଟିଏ ମୋହର ନାହିଁ । ତେଣୁ ଭୟରେ
ଶଙ୍କାରେ ସେ କର୍ମ୍ମ ହାତ ମୁଣ୍ଡରେ ଦେଇ ବସି କହିଲା, ମୋର ବିଶ୍ୱାସି
ବନ୍ଧୁ ଏତେ ବଡ଼ ପାପକର୍ମ କରିବ ବୋଲି କିପରି ବିଶ୍ୱାସ କରିବି !
ବହୁତ କୁଣ୍ଠିତ ହୋଇ ଅଲି କୋଜିଆ ପୁଣି ବେପାରୀ ଘରକୁ ଯାଇ
କହିଲା, "ଭାଇ ମୁଁ ପୁଣି ଆସିବା ଦେଖି ତମେ କିଛି ଭାବିବ ନାହିଁ,
ମାଟିଆରେ ଫଳ ସଙ୍ଗେ ହଜାରଟି ସୁନା ମୋହର ମୁଁ ରଖିଥିଲି ତା
ନାଇଁ । ମୁଁ ଭାବୁଛି ତମେ ବେପାରରେ ଲଗାଇବାକୁ ଏ ଟଙ୍କା । ହୁଏତ
ଧାର କରି ନେଇଛ । ମେର ତା' ଦେଲେ ଆପତ୍ତି ନାହିଁ । ତମେ ଟଙ୍କା
ନେବାର ଗୋଟିଏ ରସିଦ ଦସ୍ତଖତ ଲେଖି ଦିଅ । ତମର ସୁବିଧା
ଅନୁସାରେ ଯେବେ ଇଚ୍ଛା କରିବ ଟଙ୍କା ମତେ ଫେରାଇ ଦିଦ ।"
ବେପାରୀ ଆଗରୁ ଏପରି କଥା ଉଠିବା ସନ୍ଦେହ କରି ଅଲିକୋଜିଆକୁ
କଣ ଉତ୍ତର ଦେବ ଠିକଣା କରି ରଖିଥିଲା । ଧୀରେ ଧୀରେ କହିଲା ଏ
କଥା ଠିକ ନୁହେଁ । ତମେ ଗାଳିଦିଅ ସୁ ତାକୁ ବୁଝି ଦେଲି । ଦେଖ
ତୁମେ ଜାଣି ଉଚିତ୍ ହେଉନାହିଁ ସନ୍ଦେହ କରିବାକୁ ... ଚାକିରି ଅନ୍ୟ ଲୋକ

Digitized by srujanika@gmail.com

ଯଥାପୂର୍ବ ରହିଛନ୍ତି । ମୁଁ ଶପଥ କରି କହୁଛି ମାଠିଆରେ ମୁଁ କିଛି ଛୁଇଁ ନାହିଁ । ତୁମେ ତ କହୁଥିଲ ଓଳିଭର୍ତ୍ତି ମାଠିଆରେ ରଖି ଗଲ ବୋଲି । ସୁନା ମୋହର ରଖିଗଲ ବୋଲି ତ ମତେ କିଛି କହି କରି ଯାଇ ନାହଁ । ତେବେ ମତେ ବିଶ୍ୱାସ କର ବା ନ କର ମୁଁ ତୁମକୁ ସତ କଥା କହୁଛି । ଆଲି କୋଜିଆ ବେପାରୀକୁ ନାନା ଭାବରେ ବୁଝାଇ ସୁଝାଇ ସତ୍ୟ କାଢ଼ିବା ଚେଷ୍ଟା । କରି ଶେଷରେ ନିରାଶ ହୋଇ କହିଲା "ଦେଖ, ଆମର ଏ ସ୍ଥାନରେ ମାନ ସମ୍ମାନ ଅଛି । ମୁଁ ନିରୁପାୟ ହୋଇ ଯଦି କଚେରୀ ଆଇନର ଆଶ୍ରୟ ବାଧ୍ୟ ହୋଇ ନେବି ଏଥିରେ ତୁମର କି ଭଲ ହେବ ? ବେପାରୀ କହିଲା, ତୁମେ ମାଠିଆରେ ତୁମ ଜିନିସ ରଖିଲ ବେଳେ ମତେ ଦେଖେଇ ନା କି ମୋ ଘରୁ ମାଠିଆ ନେଲାବେଳେ ବି ମତେ ଦେଖେଇ ନା । ତୁମେ ମୋହର ରଖିଥିଲ ବୋଲି ମତେ କହୁନ । ଭାଗ୍ୟକୁ ତୁମେ ହୀରା ନୀଳା ମୁକ୍ତା ମାଣିକ ରଖି ମୋ ଉପରେ ଦାବୀ କରୁ ନ । ଯା ହେଉ, ମୁଁ ତୁମ ହାତ ଧରୁଛି ତୁମେ ମୋ ଦୋକାନ ଆଗରୁ ଚାଲି ଯା, ନଚେତ୍ ଏଇ ନାକେ ଲୋକ ଗୁଡ଼ାଏ ଜମା ହୋଇ ପଡ଼ିବେ ମୋ ଦୋକାନରେ ହଲ୍ଲା ହଉଛି ଶୁଣିକରି । ଏପରି ଦୁ'ଜଣଙ୍କ ଭିତରେ ବଚସା ହେଲା ବେଳେ କେତେକ ପଡ଼ୋଶୀ ବେପାରୀ ଓ ବାହାର ଲୋକେ ବେପାରୀ ଦୋକାନରେ ଠିଆ ହୋଇ ଶୁଣୁଥିଲେ । ଆଲିକୋଜିଆ ନିରାଶ ହେଲାରୁ ସେଇ ଲୋକମାନଙ୍କୁ ଭାଇ ଲୋକ ମାନ ସବୁ ଘଟଣା କହିଲା । ଲୋକେ ଆଲି କୋଜିଆ କଥା ଶେଷପାଏ ଶୁଣି ବେପାରୀକୁ ଏ ଘଟଣାର ସତ୍ୟାସତ୍ୟ କଣ ବୋଲି ପଚାରିଲେ । ବେପାରୀ ଗୋଟେ ମୁରୁଣ୍ଡି ହସ କାଢ଼ି କହିଲା, ମିଛରେ ମତେ ଆଲି ଅପମାନ ଦେଉଛି । ସେ ମାଠିଆ ମୁଁ ଛୁଇ ନାହିଁ କି ତା ଭିତରେ ମୋହର ଥିଲା ଜାଣି ନାହିଁ । ଧର୍ମ୍ମ ସାକ୍ଷୀ । ପାଞ୍ଚ [illegible]

Digitized by srujanika@gmail.com

ବୋଲି କେବଳ କହୁଥିଲା । ଏ କଥା କହି ଅଲିକୋଜିଆ ତାକୁ ଅପମାନ କରି କହୁଥିବାରୁ ଲୋକମାନଙ୍କୁ ସାକ୍ଷୀ କଲା । ଏହା ଦେଖି ରାଗରେ ଅଲି କୋଜିଆ ବେପାରୀର ଦାଢ଼ି ଧରି ଭିଡ଼ି ଆଣି କହିଲା, ତୁ ତ କଥା ତୋ ଉପରକୁ ଆଣି ? ଏତେ ଆଉନ ଦେଖାଉଛୁ । ତୋର ଯଦି ସାହସ ଥାଏ, ଚାଲ ଖଲିଫା ଆଗେ ପୁଣି ଏଇ ଯୁକ୍ତି କାଢ଼ି କହିବୁ । ବେପାରୀ ନିର୍ଭୀକ ଭଲ ପଣିଆ ଦେଖାଇ କହିଲା ଭଲ କଥା; ଚାଲ ଖଲିଫା ନିକଟକୁ । ସେ ବିଚାର କରିବେ କିଏ ଠିକ୍ ଆଉ କିଏ ଭୁଲ କହୁଛି । କାଜୀ ନିକଟ ମୁଦେଇ ମୁଦାଲା ଯାଇ ହାଜର ହେଲେ । କାଜୀ ଦୁଇ ତରଫ କଥା ଶୁଣି ଅଲିକୁ କହିଲା "ତୋର ଜିନିସ ରଖିଲା ବେଳେ ସାକ୍ଷୀ କିଏ ଥିଲା ? ଅଲି-କୋଜିଆ କହିଲା ମୋର ସାକ୍ଷୀ କେହି ନାହିଁ । ମୋ ସହିତ ଏ ଲୋକର ଭାବ ଥିଲା ଓ ମୁଁ ବରାବର ଏ ଲୋକର ସାଧୁତା ଦେଖିଛି । ତେଣୁ ବିନା ହିସାବରେ ବିଶ୍ୱାସ କରି ଏହା ଜିମାରେ ଜିନିସ ରଖିଥିଲି । ବେପାରୀ ଏ କଥା ଶୁଣି କହିଲା ହଜୁର । ଏ ମିଛ କହୁଛି । ଜିନିସ ନବା ଦୂରର କଥା । ଜିନିସ କଣ ସେ ରଖିଛି ମୁଁ ଦେଖି ନାହିଁ । ଆପଣ କହିଲେ ମୁଁ ଶପଥ କରିବ ମୁଁ ନିର୍ଦ୍ଦୋଷ ।" ବେପାରୀ ଶପଥ କଲାରୁ ତାକୁ କାଜୀ ବିନା ଦଣ୍ଡରେ ଖଲାସ କରି ଦେଲେ । ଏଥିରେ ରାଗି ଯାଇ ଅଲି କହିଲା, ତମେ ମୋର ଗୁହାରି ଶୁଣି ବିଚାର କଲ ନାହିଁ । ଏ କଥା ମୁଁ ଖଲିଫା ସୁଲତାନଙ୍କ ନିକଟ ବିଚାର କରିବା ପାଇଁ ଯିବି । କାଜୀ କହିଲା ମୁଁ ଯାହା ଉଚିତ ଭାବିଲି ସେପରି ବିଚାର କଲି । ତୁ ଯାହା ଇଚ୍ଛା କରୁ କରିବୁ । ରାୟ ଶୁଣି ବେପାରୀ ମହା ଖୁସି ହୋଇ ଘରକୁ ଗଲା । ଅଲି ଦୁଃଖ ରାଗରେ ଫେରେଇ ଘରକୁ ଆସିଲା । ତହିଁ ଆରଦିନ ସକାଳୁ ସେ ଦରଖାସ୍ତ ଲେଖି ରାସ୍ତା କଡରେ ଖଲିଫା ମସ୍‌ଜିଦ୍‌କୁ ଖରାବେଳେ ପ୍ରାର୍ଥନା କରିବାକୁ ଗଲାବେଳେ ତାଙ୍କ ସହିତ

Digitized by srujanika@gmail.com

ଆଜିରେ ଚୋର କର୍ମଚାରୀ ସମସ୍ତଙ୍କ ଦରଖାସ୍ତ ନେଇ ଖଲିଫାଙ୍କୁ ଦେଇ
ତାଙ୍କ ହାତରେ ଦେବ ବୋଲି ଠିଆ ହୋଇ ଅପେକ୍ଷା କଲା । ଅଲି-
କୋଜିଆ ଦରଖାସ୍ତ ଖଲିଫାଙ୍କୁ ଦେବାକୁ ମନ୍ତ୍ରୀ ତାଙ୍କ ପଛେ ପଛେ
ଉଆସକୁ ଯାଇ ଗଲା, କିନ୍ତୁ ସେ ପର ଦିନର ଆସି କହିଲା "ଖଲିଫା
ତୁମ ଦରଖାସ୍ତ ପଢ଼ି କାଲି ସକାଳବେଳେ ତୁମକୁ ଆସି ଦେଖା କରି-
ବାକୁ କହିଛନ୍ତି । ସେଠି ସେ ତୁମଠୁଁ ଶୁଣି ସବୁ କଥା ବିଚାର କରିବେ ।
ବେପାରୀ ଠିକଣା କହିଲେ ଆମେ ତାକୁ ଡକାଇବୁ, ସେ ବି କାଲି
ଆସିବ । ଅଲି ଏ କଥା ଶୁଣି ତା ଘରକୁ ଗଲା । ସେଇଦିନ ସନ୍ଧ୍ୟାବେଳେ
ଖଲିଫା ତାଙ୍କ ନାଜର ଜଫାର ୨ ଜଣଙ୍କୁ ନେଇ ଛଦ୍ମବେଶ ପିନ୍ଧି
ସହର ବୁଲି ଯାଇଥିଲେ । ଗୋଟାଏ ସ୍ଥାନରେ ଦେଖିଲେ କେତେ-
ଗୁଡ଼ାଏ ପିଲାମାନେ ଖେଳି ହେଉଛନ୍ତି । ସେଠି ଖଲିଫା ଲୁଚିକରି ଠିଆ
ହୋଇ ଶୁଣିଲେ ଯେ ପିଲାମାନେ କଚେରୀ କଚେରୀ ଖେଳରେ ଅଲି-
କୋଜିଆର ମକଦ୍ଦମା ବିଚାର କରୁଛନ୍ତି । ଜଣେ ହୋଇ ଖୁଦାଲାଙ୍କ ସ୍ଥାପି
ଜବାନବନ୍ଦୀ ନେଉଛନ୍ତି । ଖଲିଫା ନିଜକୁ ଅଲିକୋଜିଆ ସକାଳ
ବେଳେ ତାର ମକଦ୍ଦମା ବିଚାର ପାଇଁ ଦରଖାସ୍ତ ଦେବା କଥା
ଖଲିଫାଙ୍କ ମନେ ପଡ଼ିଲା । ସେ ପାରିଷଦଙ୍କ ସହିତ ବିଚାର ପ୍ରହସନ
ଅଭିନୟ ଦେଖିବାକୁ ଠିଆ ହେଲେ ।

ସବୁଠୁ ଚାଲାଖ ଟୋକାଟି କହିଲା ଚାଲ ଆମେ କାଜୀ ବିଚାର
କରିବା । ମୁଁ ହେଲି କାଜୀ । ମୋ ନିକଟ ଅଲିକୋଜିଆକୁ ଆଣ
ଆଉ ଯେ ତା ପାଖରୁ ହଜାର ସୁନା ମୋହର ଟଙ୍କା ନେଇଛି ତାକୁ ଆଣ ।
ଅନ୍ୟ ପିଲାଏ ଏ ମୁତାବକ ତୁରନ୍ତ ହୋଇ ଯେ ଦୋଷ ଅଂଶ ଅଭିନୟ
କରିବ ତା ଠିକଣା କରି ନେଲେ । କାଜୀ ଗମ୍ଭୀର ହୋଇ ତା ଆସନରେ
ବସିଲା । ଅଭିଯୋକ୍ତା ଅଲିକୋଜିଆକୁ କହିଲେ ଶୁଣି କାଜୀ
ଅଭିଯୋଗ ପରିଚୟ କରାଇଲା । ପରେ ତାର ବିପକ୍ଷ ବେପାରୀକୁ

Digitized by srujanika@gmail.com

ପରିଚିତ କରିଦେଲା । ଆଲ୍‌କୋଜାୟ୍ୟା ମୁଣ୍ଡ ନୁଆଁଇ ହାକିମ ଆଗେ ଗୋଟି ଗୋଟି କରି ତାର ଗୁହାରି ଶୁଣାଇଲା । ଶେଷରେ ସେ ଅବେଦନ କଲା ଯେ ଯେପରି ତାର ଟଙ୍କା ଫେରନ୍ତ ପାଇବ । ଆଲିର କଥା ଶୁଣିଲା ପରେ କାଜି ବେପାରୀଙ୍କୁ କହିଲା, ଏ ଘଟଣା ଯଦି ସତ ତୁ ଆଲି ସୁନା ମୋହର କାହିଁକି ଫେରାଉ ନୁ । ବେପାରୀ ଆଗ ଭଳି ସବୁ କଥା ଲୁଚାଇ ଦେଲା ଓ ନିଶ୍ଚୟ କରି କହିଲା, "ଆଲି କଥା ସବୁ ମିଛ । ଯଦି ପାରସ୍ୟର ସବୁ ବେପାରୀଙ୍କୁ ଏ ଘଟଣା ପଚାର ତେବେ ସେମାନେ ସମସ୍ତେ ଆଲିର ଅଭିଯୋଗ ମିଛ ବୋଲି କହିବେ ।" ଆଲି ବି ସେପରି ନିଶ୍ଚୟ କରି କହିଲା ସେ ଯାହା କହୁଛି ସତ ବୋଲି ପାରସ୍ୟର ସବୁ ବେପାରୀମାନେ କହିବେ । ଦୋଷୀ ବେପାରୀ କଣ କହିବ କୁ ଯାଉଥିଲା ମାତ୍ର କାଜି ତାକୁ ବନ୍ଦ କରାଇ ପିଲଙ୍କୁ କହିଲା ଏ ଲୋକଟା ଚୋର । ଏକୁ ନେଇ ଫାସୀ ଦେଇ ଦିଅ । ପିଲଏ ହୁକୁମ ମାନି ସେ ଦୋଷୀ ପିଲକୁ ଫାହି ଦେଲେ ଓ ସମସ୍ତେ ଦୋଷୀର ଦଣ୍ଡ ହେବା ଦେଖି ଆନନ୍ଦରେ ତାଳି ମାରିଲେ । × × ×

କାଜି ମୁଦେଇ ମୁଦାଇଁ ନିଶ୍ଚୟ କରିବା ଆଗରୁ କହିଲା ଠିକେ ରହ । ତମେ ଦହେଁ ନିଶ୍ଚୟ କଲା ଆଗରୁ ମୁଁ ଫଳ ମାଠିଆ ପରଖି ନେବାକୁ ଚାହେଁ । "ଆଲ୍‌କୋଜାୟ୍ୟା ! ତମେ ଘରୁ ଫଳ ମାଠିଆ ନେଇ ଆସ । ବିଚାର କଲା ଆଗରୁ ମୁଁ ତାକୁ ଦେଖିବ । ଆଲି ଘରୁ ଅଲିଭ ଫଳ ମାଠିଆ ଆଣିଲା । କାଜି ବେପାରୀଙ୍କୁ ପଚାରିଲା ଏଇ କଣ ଆଲ୍‌କୋଜାୟ୍ୟା ଫଳ ମାଠିଆ ବୋଲି ଚିହ୍ନୁଚ ?" ବେପାରୀ ନୀରବ ରହିବାରୁ କାଜି ବିଚାରିଲା ଏଇ ପ୍ରକୃତ ଆଲ୍‌କୋଜାୟ୍ୟାର ମାଠିଅ । ସେଇଠୁ ତହିଁକୁ ମୁଦ ଫିଟାଇବାକୁ ପିଲ ଅଫିସରମାନଙ୍କୁ ସେ ହୁକୁମ ଦେଲା । ସାଙ୍ଗେ ସାଙ୍ଗେ ପିଲେ ମାଠିଆ ଖୋଲିଲେ । କାଜି ! ମାଠିଆ ଭିତରକୁ ଛଳନା କରି ଚାହିଁଲା । କାଜୀ ଫଳ ଦେଖି କହିଲା କ ସୁନ୍ଦର ଅଲିଭ ଫଳ ।

Digitized by srujanika@gmail.com

ଙ୍କୁ ଗୋଟାଏ ପ୍ରଶ୍ନ । ପ୍ରଶ୍ନକର୍ତ୍ତା କାଜୀ ଫଳର ତାରିଫ କଲାକାଳୁ କହୁଥିଲେ ଫଳ ମିଠା । ସତ କିନ୍ତୁ ଭାରତବର୍ଷ ଗଛର ଫଳ ଏତେ ମିଠା ଆଉ ମଧୁର ହେବା କିପରି ? ସମ୍ଭବତଃ ଅଙ୍ଗୁରଫଳ ବେପାରୀ ବୁଝିଲାଣି କହାଉ ! ତାଙ୍କ ମତ ନିଆ ଯାଉ । ଏଣିକି ବୁଝାଇବା ବେପାରୀ ପିଲା କଚେରିରେ ଠିଆ କଲା । ତାଙ୍କୁ ପଚାରିଲା, କହିଲ ଭଲ କେତେଦିନ ଅଙ୍ଗୁରଫଳ ମିଠା ଓ ଟାଟକା ରହି ପାରେ ? ବେପାରୀମାନେ କହିଲେ ଖୁବ୍ ଯତ୍ନ ସହିତ ରଖିଲେ ଅଳ୍ପଦିନରୁ ଅଧିକ ଅଙ୍ଗୁରଫଳ ଟାଟକା ଓ ଖାଇ-ବାକୁ ଯୋଗ୍ୟ ରହିବ ନାହିଁ । ଅଳ୍ପଦିନ ପରେ ଫଳ ପଚି ଓ ଶୁଖିଯିବ ନିଶ୍ଚି-ତ । କେବଳ ସେହି ଫଳ ବେପାରୀ ଦାଦାଙ୍କୁ ଯୋଗ୍ୟ ହେବ । କାଜୀ କହିଲା ଏ କଥା ଯଦି ସତ ତେବେ ମାଟିଆ ଭିତରେ ଫଳ ତାଜା ହୋଇ ଓ କେତ କେତେଦିନ ହେଲା ଏ ଫଳ ମାଠିଆରେ ରହିଛି । ବେପାରୀ-ମାନେ ଫଳ ଚାଖିକରି କହିଲେ "ଏ ଫଳ ଟାଟକା ଓ ଭଲ ।" କାଜୀ କହିଲା ତମେମାନେ ଭୁଲ କହୁଛ । ଅଲ୍‌କୋଜିୟା ଏ ମାଠିଆରେ ସାତ ବର୍ଷରୁ ବେଶି ହେଲା ଫଳ ରଖିଛି ।" ବେପାରୀମାନେ କହିଲେ ଅମେ ନିଶ୍ଚୟ କରି କହୁଛୁ ଏ ଫଳ ଟାଟକା ପୁଣି ଏବେ ନିକଟରେ ମାଠିଆରେ ରଖା ଯାଇଅଛି । ତମେ ଏ କଥା ଯାଉଥାଅ ଯେ କୌଣସି ଫଳ ବେପାରୀଙ୍କୁ ଡାକି ବୁଝିଲେ ଏ କଥା ସମସ୍ତେ କହିବେ ! × ×

ପାଦଶା ସୁଲତାନ୍ ଏ ବିଚାରରେ ଖୁସି ହୋଇ ଉଜୀରଙ୍କୁ କହିଲେ ଏଇ ମକଦ୍ଦମା ତ କାଲି ମୋ ପାଖେ ଉଠିବ ? ତମେ ଏଇ ପିଲାମାନଙ୍କୁ ଡକାଇ ନେବ ଓ ବେପାରୀ ଅଲ୍‌କୋଜିୟାଙ୍କୁ ଖବର ଦେବ ଯେମିତି ସେପରି କାଲି ଠିକ ବେଳେ ଆସିବେ ମୋ ଦରବାରକୁ ।

ସୁଲତାନ କହିଲେ ଏ ପିଲାଏ ଯେପରି ବିଚାର କଲେ ତାଠୁଁ ବଢ଼ିଆ ବିଚାର କରି ବୋଧହୁଏ ମୁଁ ହୋଇ ପାରିବି ନାହିଁ ।" ତହିଁ ଆରଦିନ ସକାଳୁ ଯେଉଁ ପିଲାଏ ଖେଳୁଥିଲେ ସେଇ ପିଲା କାଜି ହୋଇ-

Digitized by srujanika@gmail.com

ଥିଲା, ସେମାନଙ୍କୁ ଡାକିବାକୁ ଗଲା । କେତୋଟି ପିଲା ଆସିଲେ । ଯୋଉ ପିଲା କାଜି ହୋଇଥିଲା, ତାର ମା ସବୁ ଶୁଣି କାନ୍ଦି କହିଲା ହଜୁର ! ମୋ ପୁଅ ନିର୍ଦ୍ଦୋଷ । ସେ କିଆଁ ବାଦ୍‌ଶାହାଙ୍କ ଉଆସକୁ ଯିବ । ହଜୁର ପିଲାର ମା'କୁ ସବୁ କଥା କହି ବୋଧ କଲାରୁ ମା ଆ କାଜି ଅଭିନୟ କରିଥିବା ପିଲାକୁ ଓ ଅନ୍ୟ ପିଲାଙ୍କୁ ଭଲ ଜାମା ଲୁଗା ପିନ୍ଧାଇ ଘୋଡ଼ାରେ ଚଢ଼ାଇ ବାଦ୍‌ଶାହ ଘରକୁ ପଠାଇ ଦେଲା । ପିଲାମାନେ ଖଲିଫାଙ୍କ ନିକଟକୁ ଆସିବାରୁ ଖଲିଫା କହିଲେ କାଲି ରାତିରେ ତମମାନଙ୍କ ବିଚାର ଖେଳ ମୁଁ ଦେଖି ବଡ଼ ଖୁସି ହୋଇଛି । ଯୋଉ ଅଲକୋଜିଆ ବିଚାର ଖେଳ ତମେମାନେ କରୁଥିଲ ଆଜି ଏଇଠି ମୋ ପାଖେ ସତରେ ତମ-ମାନଙ୍କୁ କରିବାକୁ ହବ । ଯୋଉ ପିଲା କାଜି ହୋଇଥିଲା ଖଲିଫା ତାକୁ କହିଲେ ତୁ ମୋ' ପାଖ ଚୌକିରେ ବସି ବିଚାର କର । ପିଲା ଆସି ଖଲିଫାଙ୍କ ନିକଟରେ ବସିଲା । ତହୁଁ ମୁଦେଇ ମୁଦାଲମାନେ ଡକା ହୋଇ ଆସି ଖଲିଫାଙ୍କୁ କହିଲେ ତାଙ୍କ ଗୋଡ଼ତଳେ ମୁଣ୍ଡିଆ ମାରିଲେ । ଖଲିଫା କହିଲେ ଏଇନା ବିଚାର ଆରମ୍ଭ ହେଲା । ଏଇ ପିଲାଟି ତମର ବିଚାର କରିବ । ଯଦି ତାଙ୍କୁ ବଳେଇ ଯାଏ ତେବେ ମୁଁ ବିଚାର କରିବି ।" ଅଲକୋଜିଆ ତାର ଦୁଃଖ ଜଣାଇଲା ଓ ପରେ ବେପାରୀ ତାର ଜବାବ ଦେଲା । ଖଲିଫାଙ୍କ ଆଗେ ନିୟମ କଲା ଆଗରୁ କାଜି ପିଲା କହିଲା ନିୟମ କଲା ଆଗରୁ ତେମ ଫଲ ମାଠିଆ ଆଣ ଆମେ ଦେଖିବୁଁ । ଅଲ୍‌କୋଜିଆ ଫଲ ମାଠିଆ ଆଣି ଖୋଲି ଦେଲା । ଖଲିଫା ଫଲ ପାଟିରେ ଦେଇ ଅନ୍ୟ ଫଲ ବେପାରୀମାନଙ୍କୁ ଚାଖିବାକୁ ଦେଇ ଫଲ କିପରି ଲାଗୁଛି ବୋଲି ପଚାରିଲେ । ଫଲ ବେପାରୀମାନେ କହିଲେ "ହଜୁର ! ଏ ଭଲ ତଟକା ଫଲ ଓ ଏଇ ବର୍ଷ ତୋଳା ହୋଇଛି । କାଜି ପିଲା କହିଲା ଅଲକୋଜିଆ କହୁଛି ସାତବର୍ଷ ହେଲା ଫଲ ରଖିଛି, ତଟକା କିମିତି ହବ ? ବେପାରୀମାନେ କହିଲେ ନାହିଁ,

Digitized by srujanika@gmail.com

ଏ ଏବର ତୋଳା ଫଳ। ଦୋଷୀ ବେପାରୀ ଏଥର ମୁଣ୍ଡକାଟ ଶାସ୍ତି ଜାଣି ନିଜ ରକ୍ଷା ପାଇଁ କେତେ କଥା କହିବାକୁ ଚେଷ୍ଟା କଲା। କାଜି ବାଳକ ଦଣ୍ଡ ଦବାପାଇଁ ହୁକୁମ ଦେବା ଖଲିଫାଙ୍କ ଆଗେ ଉଚିତ ହବ ନାହିଁ ବୋଲି ଅନୁଭବ କରି ଖଲିଫାଙ୍କୁ କହିଲା, ବିଚାରକର୍ତ୍ତା ଖଲିଫା! କାଲି ପିଲା ଆମେ ଖେଳୁଥିଲୁ। ବର୍ତ୍ତମାନ ଏ ବିଚାର ଖେଳ କଥା ନୁହେଁ। ଏ କ୍ଷେତ୍ରରେ ବର୍ତ୍ତମାନ ଆପଣଙ୍କ କର୍ତ୍ତବ୍ୟ ହେଉଛି ଏ ଚୋର ଦୋଷୀ ଲୋକଟିକୁ ଫାଶୀ ଦେଇ ମାରି ଦବା; କିନ୍ତୁ ମୁଁ କହୁଛି ବୋଲି ଆପଣ ଦଣ୍ଡ ଦେବେ ଏପରି କଥା ନୁହେଁ। ଆପଣଙ୍କ ବିଚାରକୁ ଯାହା ଆସିବ, ଦୁଷ୍ଟଦମନ ସନ୍ଥପାଳନ ପାଇଁ ଆପଣ ସେପରି କାମ କରିବେ, ଖଲିଫା ବେପାରୀର ବଦମାସି ଓ ଚୋରୀ କଥା ବିଚାର କରି କହିଲେ ଏ ଲୋକଟା ପ୍ରକୃତରେ ଚୋର। ଏକୁ ନେଇଯାଇ ଫାସି ଖୁଣ୍ଟରେ ଟାଙ୍ଗି ଦିଅ; କିନ୍ତୁ ଫାସି ଦିଆ ଆଗରୁ ବେପାରୀ ତାର ନିଜ ଦୋଷ ମାନି ଯୋଉଠି ଅଲି-ଖୋଜାର ସୁନା ମୋହର ପୋତିଥିଲା ତାକୁ କାଢ଼ି ଦେଲା। ପରେ ତାକୁ ଫାସି ଦିଆଗଲା। କାଜି ପିଲାଠାରୁ ଖଲିଫା ଶିଖିଲେ କିପରି କୌଶଳରେ ବିଚାର କଲେ ଦୋଷୀ ମୁହଁରୁ ତାର ନିଜ ଦୋଷ କଥା ବାହାରେ। ଖଲିଫା କାଜି ପିଲା ଉପରେ ବଡ଼ ଖୁସି ହେଲେ। ତାକୁ ତାର ବୁଦ୍ଧି ଚତୁର ପାଇଁ ଶହେଟି ସୁନା ମୋହର ଦେଇ ବହୁତ ସମ୍ମାନ ଦେଖାଇ ତାର ଘରକୁ ପଠାଇ ଦେଲେ।

Digitized by srujanika@gmail.com

କୁହୁକୀ ଖରିଆ କଥା

କାଉଁଶ୍ରୀ କାମାକ୍ଷା ଦେଶରେ ଚନ୍ଦ୍ରମୌଳି ବୋଲି ଜଣେ ରାଜା ହଜାରେ ବର୍ଷ ତଳେ ରାଜୁତି କରୁଥିଲେ । ସେ ସବୁବେଳେ ପ୍ରଜାଙ୍କ ସୁଖ ଦୁଃଖ ବୁଝୁଥିଲେ । ଶିଷ୍ଟପାଳନ ଦୁଷ୍ଟଦଳନ ତାଙ୍କର ରାଜ୍ୟର ନୀତି ଥିଲା । ରଜା ଏତେ ଦୟାଳୁ ଥିଲେ ଯେ ମଣିଷ ତ ଦୂର, ପଶୁ ପକ୍ଷୀ ଜାନୁଆରମାନଙ୍କ କଷ୍ଟ ଦେଖିଲେ ତାଙ୍କୁ ବଡ଼ ବାଧୁଥିଲା । ସେଥିପାଇଁ ସେ କେବେ ହେଲେ ପାରିଧି କରିବାକୁ ଯାଉ ନ ଥିଲେ କି ତାଙ୍କ ରାଜ୍ୟରେ କେହି ଶିକାର କରିବା ମନା ଥିଲା । ତାଙ୍କର ଚରମାନେ ନିତି ଆସି ପ୍ରଜାଙ୍କ ଦୁଃଖ ସୁଖ କହୁଥିଲେ । ଯୋଉମାନେ ପଶୁମାନଙ୍କୁ ଅତ୍ୟାଚାର କରୁଥିଲେ ରଜାଙ୍କ କାନରେ ତା ପଡିଲେ ରାଜା ସାଙ୍ଗେ ସାଙ୍ଗେ ସେଇ ଲୋକମାନଙ୍କୁ ଡକାଇ ଆଣି ଦଣ୍ଡ ଦଉଥିଲେ । ଘୋଡ଼ା ହାତୀ ଗାଈ ଛେଳି ମେଣ୍ଢା ଏମାନେ ତାଙ୍କ ଶାସନରେ ସୁଖରେ ଥିଲେ । କିନ୍ତୁ ବାଘ ସିଂହ ସାପ ଏଇ ହିଂସ୍ରକ ପ୍ରାଣୀଙ୍କୁ ବଧ କରିବାରେ ତାଙ୍କର ମନା ନ ଥିଲା । ଯେ ଏ ହିଂସ୍ରକ ପ୍ରଜାପୀଡ଼କ ପ୍ରାଣୀଙ୍କୁ ମାରୁଥିଲା ରଜା ତାକୁ ବକ୍‌ସିସ୍ ଦଉଥିଲେ । ଦିନକର ରଜା ପାତ୍ର ମନ୍ତ୍ରୀ ନେଇ ସଭା କରୁଛନ୍ତି । ଏଇ ସମୟରେ ଚରଟା ଆସି କହିଲା ହଜୁର ! ଗୋଟିଏ ଲୋକ ତାର ଘୋଡ଼ାକୁ ନିତି ରାତିବେଳେ ଖୋଇବାକୁ ଦିବା ଆଗରୁ ଘୋଡ଼ାଶାଳାରେ ବନ୍ଧା କାରଣରେ ପିଟେ । ଆଜି ସକାଳୁ ସେ ଘୋଡ଼ାଟି ଲହୁସ୍ନାନ ହେଇ ତାର ଠାକୁ ଭାଙ୍ଗି ଯାଇଛି । ମୁଁ ତାକୁ ଆପଣଙ୍କ ହୁକୁମ ଜଣାଇଲି । ସେ ଖାତର ନ କରି ସେମିତି ଘୋଡ଼ାକୁ ମାରୁଛି । ରଜା ଶୁଣି ରାଗରେ ଜଳିଗଲେ । ଚରଟାକୁ କହିଲେ କଣ ଏମିତି ବେଆଦବ ଲୋକ ସେ । ମୋର ହୁକୁମ୍ ତାମିଲ କରୁନାହିଁ । ତାକୁ ଧରି ଆଣ । କାଲି ସକାଳୁ ରାଜଦ୍ୱାର ଉପରେ ସମସ୍ତଙ୍କ ଆଗରେ ତାକୁ ଶୂଳିରେ

Digitized by srujanika@gmail.com

ଚଢ଼ା ହବ । ତପରେ ଯାଇ ଘୋଡ଼ା ମାଲିକ ମୋହନସିଂହଙ୍କୁ ରଜାଙ୍କ ହୁକୁମ ଶୁଣାଇଲା । ବରକନ୍ଦାଜମାନେ ଲୋକଟିର ହାତ ଗୋଡ଼ରେ କଡ଼ି ପକାଇ ତାଙ୍କୁ ଆଣି ବନ୍ଦଶାଳାରେ ଅଟକ ରଖିଲେ । ତହିଁ ପରଦିନ ରାଜ୍ୟରେ ଢେମକ ଦିଆଗଲା । ମୋହନସିଂ ଶୂଳରେ ବସିବ । ସମସ୍ତେ ଆସି ରାଜଦାଣ୍ଡରେ ଠିଆ ହୋଇ ଗଲେ । ପାତ୍ର ମନ୍ତ୍ରୀଙ୍କୁ ନେଇ ରଜା ଗଲେ । ତାଙ୍କୁ ଶ୍ରେଷ୍ଠ ଘୋଡ଼ାକୁ ଆଣି ଶୂଳ ଖୁଣ୍ଟ ନିକଟରେ ପିଆଦା ବାନ୍ଧି ଦେଲା । ଲୋକେ ବସିଲାରୁ ପିଆଦାମାନେ ଶୂଳବାଲା ମୋହନସିଂର ହାତ ଗୋଡ଼ ବନ୍ଧା ଅବସ୍ଥାରେ ତାକୁ ରାଜଦାଣ୍ଡକୁ ଟେକାଟେକି ଆଣିଲେ । ସବୁ ଠିକ୍ ଠାକ୍ ହେଲାରୁ ରଜା ପ୍ରଜାମାନଙ୍କୁ କହିଲେ ମୋ ରାଜ୍ୟରେ ଗୃହପାଳିତ ପଶୁଙ୍କ ଉପରେ କେହି ଯଦି ନିଷ୍ଠୁର ବ୍ୟବହାର କରେ, ଆଇନ କରା ଯାଇଛି ସେ ଲୋକକୁ ଶୂଳି ଦିଆହବ । କିନ୍ତୁ ମୋହନସିଂ ରାଜଆଜ୍ଞା ନ ମାନି ତାର ଘୋଡ଼ାକୁ ବାଡ଼େଇକରି ତାର ଡାଙ୍କୁ ଭାଙ୍ଗି ଦେଇଛି । ଏଥିରେ ମୋହନସିଂକୁ ଶୂଳଦଣ୍ଡ ହେବ କି ନା ପ୍ରଜାମାନେ ଜବାବ ଦିଅ । ସବୁ ପ୍ରଜା କହିଲେ "ସ୍ୱାମୀ ଠିକ ଦଣ୍ଡ ଦେଉଛନ୍ତି, ଏପରି ହୃଦୟହୀନ ପାପୀ ରାଜ୍ୟରୁ ମରିବା ଉଚିତ ।" "ପରେ ରଜା କହିଲେ ମୋହନସିଂ ତାର ଦୋଷ ମାନିବା ଉଚିତ । ତାକୁ ହାତକଡ଼ି ଫିଟାଇ ଆଣ ।" ରଜାଙ୍କ ହୁକୁମରେ ମୋହନସିଂ ମୁକ୍ତ ହୋଇ ଆସି ସିଂହାସନ ତଳେ ରଜାଙ୍କ ପାଦତଳେ ଲମ୍ବ ହୋଇ ପଡ଼ି କାନ୍ଦିବାକୁ ଲାଗିଲା ଏବଂ ଏକଥା ଦେଖି ସଭାରେ ସମସ୍ତେ କାବା ହେଲେ । ରଜା କହିଲେ ମୋହନସିଂ ତୁ ନିର୍ଜୀବ ଘୋଡ଼ା ଡାଙ୍କୁ ଭାଙ୍ଗି ଅନୁତାପ କରୁଛୁ କି ନାହିଁ ? ତୋର ଦଣ୍ଡବିଧି ଅଛି, ତହିଁରେ ତୋର ଶୂଳି ହବ ଲେଖିଲା । ଶୂଳି ହବା ଆଗରୁ ତୁ ତୋର ଅପରାଧ ସ୍ୱୀକାର କରିବାକୁ ହବ । ମୋହନସିଂ କାନ୍ଦି କାନ୍ଦି କହିଲା "ପ୍ରଭୁ, ଆପଣ ରାଜ୍ୟର ମା ବାପ । ଏଣିକି ଏଣିକି

Digitized by srujanika@gmail.com

ପ୍ରଜାଙ୍କ ଭାଗ୍ୟ ତୋର ଆପଣଙ୍କ ହାତରେ ରହୁଛି । ମୋତେ ଶୂଳିଦବା ଆଗରୁ ମୁଁ ଦୋଷ ମାନିବା ଆଗରୁ ମୋର କେତେକ ବିଷୟ କହିବାର ଅଛି, ଯଦି ଆପଣ ଅନୁଗ୍ରହ କରି ଅଭୟ ଦେଇ ହୁକୁମ କରିବେ ତେବେ ଜଣାଇବି । ସବୁ କଥା ଶୁଣି ଯଦି ମୋର ଦୋଷ ଧରାଯିବ, ତେବେ ସନ୍ତୋଷଚିତ୍ତରେ ମୁଁ ଶୂଳି ଖାଇବି ଓ ମୋର ଦୋଷ ମାନିବି ।" ରାଜା ଇତସ୍ତତ ହୋଇ କହିଲେ ଅଚ୍ଛା ମୁଁ ଅନୁମତି ଦେଲି । ତୋର ଘଟଣା କି କାହାଣୀରୁ ଘୋଡ଼ାକୁ ନିଷ୍ଠୁର ବ୍ୟବହାର କରୁ ସବୁ କହି ଯା । ମେହେରସିଂ ଦୁଃଖରେ କାନ୍ଦୁଥିଲା ଏ କଥା ଶୁଣି ତାର ମନରେ ଟିକେ ଆନନ୍ଦ ଓ ସାହସ ହେଲା । ମରିବାକୁ ଯିବା ଆଗରୁ ସେ ତାର ଆତ୍ମକାହାଣୀ ରାଜସଭା ଆଗରେ କହିବାକୁ ଆରମ୍ଭ କଲା :—

ହୁଜୁର୍ ଜାଣନ୍ତି ମୋର ବାପ ଅଜା ଗରିବ ନ ଥିଲେ । ସେମାନେ ଆପଣଙ୍କ ସେନାବିଭାଗରେ କାମ କରି ବହୁତ ଧନ ରତ୍ନ ଜମିବାଡ଼ି କରିଥିଲେ । ମୁଁ ମୋର ଧନ ଦୌଲତ କଥା କେବେ କାହାକୁ କହେ ନା କି ଦେଖାଏ ନା । ମୁଁ ବଂଶର ଏକମାତ୍ର ଉତ୍ତରାଧିକାରୀ । ମୋର କିଛି ଅଭାବ ନ ଥିଲା । କେବଳ ଗୋଟିଏ ଭଲ ଗୁଣବତୀ ସୁନ୍ଦରୀ ସ୍ତ୍ରୀ ମୁ ଚାହୁଁଥିଲି । ଜଣେ ମୋର ଭାଇ ବିରାଦର ଏ କଥା ଜାଣି ମୋତେ ଗୋଟିଏ ସଦ୍‌ବଂଶଜାତ ସୁନ୍ଦରୀ କନ୍ୟା ବିଭା କରି ଦେଲେ । ମୁଁ ଭାବିଲି ମୋର ସ୍ନେହ ପ୍ରୀତିର ପ୍ରତିଦାନ ଏହି ସ୍ତ୍ରୀ ଠାରୁ ପାଇ ସୁଖରେ କାଳ କାଟିବି କିନ୍ତୁ ବିଭାଘର ସରିଲାରୁ ମୋର ଭାର୍ଯ୍ୟା ଏପରି ଖରାପ ବ୍ୟବହାର ମୋ' ସହିତ କରିବାକୁ ଆରମ୍ଭ କରିଦେଲା ଯହିଁରେ ମୋର ଜୀବନ ବିଷମୟ ହୋଇଗଲା । ମୋତେ ପ୍ରତି ମୁହୂର୍ତ୍ତରେ ସ୍ତ୍ରୀ ବ୍ୟବହାର ପାଇଁ ଅତି ଅଶାନ୍ତି ଓ ଦୁଃଖ ଭିତରେ ଦିନ କଟେଇବାକୁ ପଡ଼ିଲା । ମୋର ଧୈର୍ଯ୍ୟ ବି ଭାଙ୍ଗି ପଡ଼ିଲା । ଆମ ଜାତି ପ୍ରଥାନୁସାରେ ବିଭା ଆଗରୁ ବର କନ୍ୟାଙ୍କ ଭେଟ ହୁଏ ନାହିଁ ।

Digitized by srujanika@gmail.com

ଜଞ୍ଜାଳ ଭିତର ଭଲ ମନ୍ଦ ସହିବାକୁ ପଡ଼େ । ଅବଶ୍ୟ ସ୍ତ୍ରୀର ଆଚରଣ ଖୁବ୍ ଖରାପ ନ ହେଲେ କି କୁଳକଳଙ୍କିନୀ ନ ହେଲେ ସ୍ୱାମୀର ତା ସମ୍ବନ୍ଧେ ନିନ୍ଦା କରିବା ଅନ୍ୟାୟ । ବରଂ ସ୍ତ୍ରୀ ଅସୁନ୍ଦର କି ବିକଳାଙ୍ଗୀ ହେଲେ ତାର ଯଦି ମଧୁର ସ୍ୱଭାବ ଓ ଭଲ ବ୍ୟବହାର ଥାଏ, ତେବେ ଅସୁନ୍ଦର ହେଲେ କି ଗୋଟିଏ କେମିତି ହେଲେ ତାର ପ୍ରତିକାର ହୁଏ । କିନ୍ତୁ ମୋର ସ୍ତ୍ରୀ ସୁନ୍ଦର ହେଲେ ବି ଗୁଣ ତାର ଏତେ ଖରାପ ଥିଲା; ଦୁର୍ଗୁଣରୁ ତାର ସୁନ୍ଦର ପଣ ମୋ' ଆଗରେ ଅତି କୁତ୍ସିତ ଦିଶୁଥିଲା ।

ପହିଲେ ମୋ'ର ପତ୍ନୀ ଯେତେବେଳେ ଆସିଲା, ମୁଁ ଭାବିଥିଲି ସେ ରୂପରେ ଯେପରି ଗୁଣରେ ସେପରି ହୋଇଥିବ, ମୋ ପରି ସୁଖି ଭାଗ୍ୟବାନ୍ ସ୍ୱାମୀ କେହି ନାହିଁ । ବିଭାଘର ପରଦିନ ଭୋଜିଭାତ ଆମ ଦୁହିଁଙ୍କୁ ଗୋଟିଏ ଘରେ ସୁଆଇ ବାଢ଼ିଦେଇ ଗଲେ । ମୁଁ ସ୍ତ୍ରୀକୁ ଅପେକ୍ଷା କରି ବହୁତ ସମୟ ବସିଲି, ଗୁହାରି ପଠାଇଲି, ସେ ଯମାରୁ ଆସିଲା ନାହିଁ । ପୁଣି ମୋର ଧୈର୍ଯ୍ୟଚ୍ୟୁତ ଘଟିଲା । ମୁଁ କିଛି ବୁଝିପାରୁ ନ ଥାଏ । ବହୁ ସମୟପରେ ସେ ଆସି ଆସନରେ ବସିଲା । ମୋର ଆସନରେ ମୁଁ ବସି ଖାଇବାକୁ ଆରମ୍ଭ କଲି । ମାତ୍ର ମୁଁ କାବା ହୋଇଗଲି ମୋ' ସ୍ତ୍ରୀ ହାତରେ ନ ଖାଇ ଦୁଇଟି ଲୁହାର ଲମ୍ବା ପିନ୍‌ରେ ଗୋଟି ଗୋଟି କରି ଭାତ ଗୁଣ୍ଠି କରି ଖାଇବାକୁ ଲାଗିଲା । ମୋର ସ୍ତ୍ରୀର ନାଁ କୌଶଲ୍ୟା । ମୁଁ ତାକୁ ଅଶ୍ଚର୍ଯ୍ୟ ହୋଇ କହିଲି ତମେ ଆମ ଘରେ ଏପରି ଖାଉଚ ନା ତମ ବାପ ଘରେ ଏପରି ଭାବେ ଖାଉଥିଲ ? ତମକୁ ଭୋକ ହୁଏ ନାହିଁ ବୋଲି ତମେ କଣ ଏତେ ଅଳ୍ପ ଖାଅ ? ତମେ ଯଦି ଭାବୁଥିବ ତମର ଢଙ୍ଗରେ ମୁଁ ଖାଇବି, କାହିଁକିନା ଭାତ ବେଶି ସରିବ, ତେବେ ତମେ ଭୁଲ କରୁଚ । ଏଥିପାଇଁ ଆମର ଚିନ୍ତାର କାରଣ ନାହିଁ । ଭଗବାନ୍ ଆମକୁ ବହୁତ ଦେଇଛନ୍ତି । ତମ ଇଚ୍ଛା ମୁତାବକ ପେଟ ପୂରାଇ ମୋ' ଭଳି ଖାଅ । ମୁଁ ଭାବିଥିଲି ମୋର କେହୁରରେ ମୋ' ସ୍ତ୍ରୀ

Digitized by srujanika@gmail.com

ଖାଇବ ଓ ମୋତେ ମଧ୍ୟ ହେଣ୍ଡସୁଟଙ୍କ କଥା ହସିକର କହିବ । କିନ୍ତୁ ଦେଖିଲି ସେ ଯାହା ଖାଉଥିଲା, ଅଉଳ ଡେର କର ଗୁଣ୍ଡି ଖାଇଲା । ଝୋଳ ତରକାରୀ ଭାଜି ନ ଖାଇ ଖଣ୍ଡେ ପିଠା ପିନ୍ଧରେ ନେଇ ଟିକେ ଟେକୁବାଉଥିଲା ଯାହାକି କାଉର ଥଣ୍ଟେ ଧବ । ମୋତେ ତା ଢଙ୍ଗ ଯେମିତି ବିଚିତ୍ର ଲାଗିଲା ସେମିତି ବିରକ୍ତ ଲାଗିଲା । ମାନି ନେଲି ଥରେ ସେ ଲାଜ କରୁଛନ୍ତି କି ତା ବାପଘର ସ୍ୱାମୀ ଆଗେ ଖାଇବ ନାହିଁ ବୋଲି ହୁଏତ ଶିଖାଇଛନ୍ତି ବୋଲି ସେ ଖାଉନାହିଁ ! ଏକା ତା କୁଠରିରେ ବସି ହୁଏତ ସେ ଖାଏ, ଏ କଥା ଭାବି ମୁଁ ଖାଇସାରି ଉଠି ଆସିଲି । ମନରେ ବଡ଼ ରାଗ ଥାଏ । କିନ୍ତୁ ଏଇଥର ନୁହଁ, ମୁଁ ଯେତେବେଳେ ତାକୁ ଖାଇବାକୁ ଡାକେ ସେ ଏଇପରି ଭାତ ପିନ୍ଧରେ ଯୋଡ଼ ଖାଏ ଓ ରୁଟି ଟେଙ୍କ କରି ଦୁଇ ତିନିଖଣ୍ଡ ଖାଏ, ଯହିଁରେ ଗୋଟିଏ ପିଲା ପେଟ ଭରିବ ନାହିଁ । ମୁଁ ସ୍ଥିର କଲି କାହିଁକି କୌଶଲ୍ୟାକୁ ଜୋର କରୁ ନାହିଁ, ସେ କଣ ଲୁଚାଇ ଖାଏ ତାକୁ ଜାଣିବି । ସେଥିପାଇଁ ସେ କେମିତି ଖାଉଥିଲା ମୁଁ କିଛି କହେ ନାହିଁ । ଭାବୁଥିଲି ଦିନାକେତେ ଗଲେ ହୁଏତ ସେ ମୋ' ଆଗେ ଖାଇବ ଓ ନମ୍ରତା କରିବ । କିନ୍ତୁ ବହୁଦିନ ବିତିଲା । ତାର ଏଇ ସ୍ୱଭାବର ପରିବର୍ତ୍ତନ ଦେଖିଲି ନାହିଁ । ଦିନେ ରାତିରେ ମୁଁ ଛଳନା କରି ଶୋଇଥାଏ । ଦେଖିଲି କୌଶଲ୍ୟ ଥିର କରି ଉଠି ତାର ବେଶ ପିନ୍ଧି ଧୀରେ ଧୀରେ ଘର କବାଟ ଖୋଲି ପର୍ଦ୍ଦା ପକାଇ ବାହାରକୁ ଗଲା । ମୁଁ କଳ୍ପନା କରି ନ ଥିଲି ସେ ରାତି ଅଧରେ ମୋତେ ଲୁଚି ବାହାରକୁ ଏପରି ଭାବରେ ଯିବ ବୋଲି । ମନରେ ଖୁବ୍ କୌତୁହଳ ହେଲାରୁ ମୁଁ ଜାମା ଚଟି ମାତ୍ର ଗୋଟିଏ ଝରକାରେ ଚାହିଁ ଦେଖିଲି ସେ ସାବଧାନରେ ଫାଟକ ଖୋଲି ରାସ୍ତାକୁ ଚାଲିଗଲା । ମୁଁ ଘଟଣା କଣ ବୁଝିବି ବୋଲି ତାର ଅଜାଣାରେ ପଛ ପଛେ ପଛେ ଗଲି । ଜହ୍ନ ଆଲୁଅ ପଡ଼ିଥାଏ । ସୁତରାଂ ତାକୁ ଅଖି

Digitized by srujanika@gmail.com

ଅନ୍ଧାରେ ରହି ମୁଁ ଲୁଚିକରି ଯାଉଥାଏ । ସେ ଗୋଟିଏ କବର ପାଖେ ଆଉ ଜଣଙ୍କୁ ମୁଁ ଗୋଟିଏ ଭଙ୍ଗା କାନ୍ଥ ଉଢ଼ାଳରେ ଅନ୍ଧାରରେ ଲୁଚି ଗଲି । ଦେଖିଲି ସେ ଗୋଟିଏ ଡାହାଣୀ ପାଖେ ଯାଇ ବସିଲା । ଏହି ଡାହାଣୀ ପ୍ରେତନୀମାନେ ଭଙ୍ଗା ଘରମାନଙ୍କରେ ରହନ୍ତି । ଅସତର୍କ ଲୋକମାନଙ୍କ ବେକ ମୋଡ଼ି ଖାନ୍ତି । ଯୋଉଦିନ ଜୀଅନ୍ତା ମଣିଷ ଶିକାର ନ ମିଳେ କବର ତଳେ ପୋତା ଥିବା ମୁର୍ଦ୍ଦାର କାଢ଼ି ଖାନ୍ତି । ମୁଁ ଭିତରେ କମ୍ପି ଗଲି । ମୋ ସ୍ତ୍ରୀ ଅନ୍ୟ ଡାହାଣୀ ମିଶି ସେଇଦିନ ପୋତା ହୋଇଥିବା ଗୋଟାଏ ମଡ଼ା କାଢ଼ି ଖାଉଥାନ୍ତି । ମୁଁ ଲୁଚିଥିଲି ଯୋଉଠି ସେମାନେ ମତେ ଦେଖି ନ ପାଇ ସେହି ବାଟେ ଗଲେ । ଦୂରରେ ଥିବାରୁ ତାଙ୍କ କଥା ମୁଁ ଶୁଣି ପାରୁ ନଥିଲି । ଏସବୁ ଦେଖିସାରି ମୋ ଘରକୁ ମୁଁ ପୁଣି ଫେରି ଆସି ଛଳନା କରି ବିଛଣାରେ ଶୋଇଲି । କିଛିକ୍ଷଣ ପରେ କୌଶଲ୍ୟା ଛପି ଛପି ଆସି ବେଶ ବଦଳାଇ ନିଜର ନିଶ୍ଚିନ୍ତପଣ ପାଇଁ ନିଜକୁ ବାହାଦୁରି ଦେଇ ପୁଣି ତା ବିଛଣାରେ ଶୋଇଲା । ରାତିଯାକ ମୋତେ ନିଦ ହେଲା ନାହିଁ । ବଡ଼ି ସକାଳୁ ଉଠି ମୁଁ ବାହାରକୁ ଆସି ମୋର ବଗିଚା ବାଡ଼ ଦେଖିବାକୁ ଗଲି । ମନେ ହେଲି, ଏ ସ୍ତ୍ରୀର ସ୍ୱଭାବ ନ ବଦଳିଲେ ମୁଁ ଚଳିବି କିପରି ? ଏକୁ ଶିକ୍ଷା ଦେବ । ନହେଲେ ଭଲେ ଗାଳି ମାଡ଼ ଦେଇ ଜବତ କରିବି, ପରେ ଭାବିଲି କୌଣସି କଥାରେ ବୁଝାସୁଝା କଲେ ସେପରି ଫଳ ହୁଏ, କାହାରି ଆଗରେ କି ବ୍ୟବହାରରେ ତା ହୁଏ ନା । ମୁଁ ଘରକୁ ଫେରିବେଳେ ଫେରିଲି । କୌଶଲ୍ୟା ମତେ ଦେଖି ଦୁଆରକୁ ଭାତ ବାଢ଼ିବାକୁ ଲାଗିଲା । ଭାତ ଡାଉଁଣ ଆସିଲାରୁ ମୁଁ ଖାଇ ବସିଲି । କୌଶଲ୍ୟା ତାର ଅଭ୍ୟାସ ମତେ ଭାତ ପିନ୍ କଣ୍ଟାରେ ଖୁଣ୍ଟି ଖାଇବାକୁ ଲାଗିଲା । ମୋ ମନ ଭାରି ଖରାପ ହୋଇଥାଏ । ମୁଁ ଭାବିଲି କୌଶଲ୍ୟାକୁ ମନ କଥା ଖୋଲି କହିଲେ ମୋର ଜୀବନ ଅସହ୍ୟ ହେବ । କହିଲି କୌଶଲ୍ୟା !

Digitized by srujanika@gmail.com

ତମେ ଯେପରି ଖାଉଛ ଓ ବ୍ୟବହାର କରୁଛ ପ୍ରତି ସ୍ୱାମୀ ଏଥିରେ ଦୁଃଖ କରିବା କଥା । ମୁଁ କିନ୍ତୁ ତମର ସ୍ୱଭାବ ହୁଏ ତ ବଦଳିବ ବୋଲି ଅପେକ୍ଷା କରି ରହିଛି । ତମେ ମତେ ବାହା ହେବା ଦିନୁଁ ମୁଁ ଭଲ ଭଲ ପିଠା ମିଠାଇ ତରକାରୀ ଭଜାର ବରାଦ କରିଥାଏ । କାହିଁକିନା ତମେ କିପରି ଭଲରେ ଖାଇବ । ମୋ’ ସ୍ୱେଚ୍ଛାରେ ଏପରି ଅନେକ କିସମର ତରକାରୀ କରେ, ଯାହା କି ମୂର୍ଦ୍ଧାର ମାଉଁସ ଠୁଁ ଭଲ ଲାଗିବା କଥା ନୁହେଁ କି ? ମୁଁ ଏ କଥା କହିଲାରୁ କୌଶଲ୍ୟା ଜାଣିପାରିଲା ଯେ ମୁଁ ଲୁଚିକରି ତା ପଛରେ ଯାଇ ସବୁ ଘଟଣା ଦେଖିଛି ଓ ତା ମୁହଁରୁ ଖିଆ କଥା ଜାଣେ । କଥା ଶୁଣୁ ଶୁଣୁ ଏପରି ସେ ରାଗିଗଲା ଓ ତୋଡ଼ରୁ ମୁଣ୍ଡଯାଏ ଥରି ଚିତ୍କାର କଲା ଯେ ମୁଁ ଭୟରେ ଶଙ୍କାରେ ମୋ ଜୀବନ ରହିବ ନାହିଁ ବୋଲି ମନେ ମନେ ଥରିଲି । ମୋ’ ଦେହ ତାର ଚାହାଣି ଓ ରାଗ ଦେଖି ଅବସନ୍ନ ହୋଇ ପଡ଼ିଲା । ଝାଳ ବହିଗଲା । ତେଣିକୁ ସେ ପାଣି ଗିଲାସଟିଏ ଆଣି ଗୁଣୁ ଗୁଣୁ କରି କଣ ମନ୍ତ୍ର ପଢ଼ିଲା ମୁଁ ଶୁଣି ପାରିଲି ନାହିଁ । ମୋ’ ନିକଟକୁ ଆସି କହିଲା “ହତଭାଗ୍ୟ ! ତୁ ମତେ ଲାଗି ଯୋଉପରି କାମ କରିଛୁ ଏବେ ତାର ଫଳ ପା—ତୁ କୁକୁର ହୋଇ ଯା । ମୁଁ ଜାଣି ନ ଥିଲି କୌଶଲ୍ୟା ଗୁଣି ବିଦ୍ୟା ଜାଣିଛି ବୋଲି । ପାଣି ମୋ’ ଉପରେ ପଡ଼ି ନ ସାରୁଣୁ ମୁଁ ଅନୁଭବ କଲି ମୋଠୁଁ ମଣିଷ ରୂପ ଚାଲି ଯାଉଛି । ମୁଁ ଯଦି ଏ କଥା ଜାଣିଥାନ୍ତି ତେବେ ଗୋଟିଏ ଥରେ ମଣିଷ କୁକୁର ହୁଏ ବୋଲି ସେ ପାଣି ପକାଇବା ଆଗରୁ ପଳାଇ ଯାଆନ୍ତି । ଯା’ ହେଉ, ମୁଁ କୁକୁର ହେଲା ପରେ କୌଶଲ୍ୟା ମତେ ଏମିତି ଠେଙ୍ଗାରେ ମାଡ଼ ଦେଲା ଯେ ବିକଳରେ ଭୁକୁଥାଏ ସେ ମତେ ହେଲେ ଜୀବନରେ ମାରି ଦିଅନ୍ତା ! ଏପରି ଭାବରେ ଠେଙ୍ଗାରେ ମତେ ସେ ମାରିବାକୁ ଚେଷ୍ଟା କଲା ଯେ ମୁଁ ଯଦିଓ କୁକୁର ହୋଇଥିଲି ଦୁଃଖ । ଏ ଅଣ ମୁହଁଟିକି ଟିଆ ହୋଇ ସେ ମତେ ପିଟି ପିଟି ପ୍ରାଣରେ ମାରି ଦେବା-

Digitized by srujanika@gmail.com

ଥାନ୍ତା । ଜୀବନ ସକାଳରେ ମୁଁ ରାସ୍ତା ଘାଟକୁ ପଳେଇଥାଏ । ଛୋଟ ପିଲେ ଆଡ଼େଇ ଆଡ଼େଇ କେବଳ ମୋର ଲାଙ୍ଗୁଡ଼ ବହୁତ ଜୋରରେ ମୋଡ଼ି ଦେଉଥିଲେ । ମୁଁ ଆଉ ସବୁ ଷଡ଼ଯନ୍ତ୍ର ବୁଝି ପାରୁଥିଲି । ତା ହାତରୁ ଖସି ମୁଁ ରାସ୍ତାରେ ଯୋଉ ଆଡ଼େ ଆଖି ଯାଏ ସେଇ ଆଡ଼େ ପଳାଇ ଚାଲେ । ରାସ୍ତାରେ ମୋ' ଲାଙ୍ଗୁଡ଼ ମୋଡ଼ା ହେଇ ଏପରି ଯନ୍ତ୍ରଣା ହଉଥାଏ, ମୁଁ ବିକଳରେ କାନ୍ଦୁଥାଏ । ମୋର ଭୁକା ଚିତ୍କାର ଶୁଣି ଅନ୍ୟ କୁକୁର-ମାନେ ଦୌଡ଼ି ଆସି ମୋତେ କାମୁଡ଼ିବାକୁ ବାହାରିଲେ । ଅବସ୍ଥା ଦେଖି ମୁଁ ଗୋଟେ ମାଂସ ଦୋକାନୀ ଘରେ ପଶି ଗଲି । ସେ ଲୋକ ହେଲେ ମେଣ୍ଢା ବିକେ । ସେ ଲୋକ ଦୋକାନ କଣରେ ମୁଁ ଶୁଏ । ସେ ଓଡ଼ାରେ ପଡ଼ିଲେ ଭଲ ବ୍ୟବହାର କଲା । କିନ୍ତୁ ତା ପାଖେ ଯୋଉ ମଇଳା କୁକୁର ଗୁଡ଼ାକ ଥିଲେ ସେମାନଙ୍କ ଦୁର୍ଗନ୍ଧ ସହ୍ୟ କରିବା ମୋ' ପକ୍ଷେ କଠିନ ହେଲା । ଲାଙ୍ଗୁଡ଼ ଧାଉଁଜି ଭଲ ହବା ଯାଏ ସବୁ କଷ୍ଟ ସହି ଦୋକାନୀ ଘର ପାଖରେ ମୁଁ ଶୁଏ । ସେ ଲୋକ ମତେ ରାସ୍ତାକୁ ବିଦା କରିବାକୁ ବସେ । ମାତ୍ର ମୁଁ ସବୁ ସହେ । ମୁଁ ଅବେଦନ ଦୋକାନୀ ବହୁତ ମାଂସ ବିକିବାକୁ ଆଣିଲା । ଅନ୍ୟ କୁକୁରମାନଙ୍କ ଯୋଉ ଭରି ଚିନ୍ତା ହେଉଥିଲା । ହାଡ଼ ଚମ ଖାଉଥିଲେ । ମୁଁ ମୋର ଭାଗ ହାଡ଼ ମାଂସ ଖଣ୍ଡରେ ନେଇ ବୁଲିଯାଇ ଚେଷ୍ଟା କରି ଗାତ ଖୋଳି-ର ଖାଇଲି । କାହିଁକି ହେଲେ ଏ ଦିନ ଦୋକାନୀର ମନ ବଡ଼ ଥିବାରୁ ସେ ସବୁ କୁକୁରଙ୍କ ଭିତରୁ ମୋତେ ବଡ଼ ମାଂସ ଖଣ୍ଡ ଦେଉ ଥାଉଥିଲା । କିନ୍ତୁ ମୁଁ ନ ଖାଇ ସାଇତେଇ ରଖୁ ଟାଣି ପାଖେ ବାଡ଼ି ନେଇ ଟିଆ ହଉ ଥିବାରୁ ମୁଁ ସେଠି ଆଉ ନ ରହି ପଳାଇଗଲି । କିଛିଦୂର ଯାଇ ଭଲପାଏ ଗୋଟାଏ ଦୋକାନୀକୁ ଦେଖିଲି । ସେ ସକାଳେ ଜଳଖିଆ ଖାଉଥିଲା । ମତେ ଘରେ ପଶିବା ଦେଖି ସେ ହାତଗୁଡ଼ାକ ନ ଦେଇ

Digitized by srujanika@gmail.com

ମୋ' ଆଡ଼କୁ ଖଣ୍ଡେ ଲଡୁ ପକାଇ ଦେଲା । ଯଦିଓ ମୋର ଖାଇ-ବାକୁ ଇଚ୍ଛା ନ ଥିଲା, ତାହାର ପ୍ରତ୍ୟାଖ୍ୟାନ କରିବା ଅଭଦ୍ରତା ଭାବି ମୁଁ ଅନିଚ୍ଛାରେ ଅଳ୍ପ ଖାଇଲି । ଏ କଥା ଦୋକାନୀ ବି ବୁଝିଲା । ସେ ମତେ ଆଉ ଦବ ଭାବି ମୁଁ ତା ଗୋଡ଼ରେ ବସି ରହିଲି— ହସିଲି । ସେ ଦୋକାନୀ ବି ବୁଝିଲା ମୁଁ ତା ଶରଣରେ ରହି ଯିବାକୁ ଚାହେଁ । ତେଣୁ ମୋ ରହିବା ପାଇଁ ସେ ଭଲ ଜାଗା କରିଦେଲା । ମିଠେଇ ଦୋକାନୀ ଏତେ ସୁନ୍ଦର ଲୋକ ଥିଲା ଯେ ମୁଁ ଯାହା କୌଣସି ଲୋକଠୁ ଆଶା କରି ନ ଥିଲି ସେପରି ସହୃଦୟ ବ୍ୟବହାର କଲା । ସେ ଯେତେବେଳେ ଖାଇ ବସେ ମତେ ପାଖକୁ ଡାକି ଦିଏ । ମୁଁ ପଶୁ ହେଲେ କଣ ହେବ, ମଣିଷ ମୁଁ ମୋର କୃତଜ୍ଞତା ବେଶି ଥିଲା । ସେଇ ହେତୁ ନିମକହଲା ପଣ ମୁଁ ଦେଖାଉଥିଲି ଓ ମୋର ଯେତେପ୍ରକାର ମୁନିବଙ୍କୁ ଖୁସି କରିବା ପାଇଁ ଉପାୟ ଥିଲା, ମୁଁ ତାହାଦ୍ୱାରା ମୁନିବଙ୍କୁ ଖୁସି କରୁଥିଲି । ଆମ କୁକୁର ଜାତିରେ ଠିକ୍ ମଣିଷଙ୍କ ଭଳି ବହୁତ କୃତଘ୍ନ ଅଛନ୍ତି, ସେମାନେ ଖାଇପିଇ ଯାହାର ଗୃହ-ମାଲିକ ମୁହଁ ନ ଚାହିଁକି କିମ୍ବା ତାର ଉପକାର ନ କରି ଚାଲିଯାନ୍ତି । ମୁଁ କିନ୍ତୁ ଆମ କୁକୁରର ଜାତରୁ ବାହାର ଥିଲି । ମୋ' ମୁନିବ ଯେତେ ଯାଏ, ମୋତେ ଡାକେ, ମୁଁ ଗୋଇଠି ଚାଟେ ତାକୁ ଆଦର କରେ ଓ ସେ ଆଉଁସି ଦେଇ କହିକରି ଯାଏ । ମୁଁ ଯଦି ବସି ଗଲାବେଳେ ଶୋଇ-ଥାଏ, ମୋତେ ତାର ଦେଇଥିବା ଶଖାନାମ 'ରତନ୍' ବୋଲି ଡାକେ । ମୁଁ ଉଠି ତାକୁ ଦେଖା କଲେ ସେ ଯାଏ । ଦିନକାର କଣ ହେଲାଟା କି ଆମ ମିଠେଇ ଦୋକାନକୁ ଗୋଟିଏ ମାଇପିଟିଏ ମିଠେଇ କିଣିବାକୁ ଆସି ଅଚଳ ପଇସା ଦେଲା । ଏ କଥା ଦେଖି ଦୋକାନୀ ମିଠେଇ ଦେବାକୁ ମନାକରି ପଇସା ଫେରାଇ ଦେଲା । ହେଲେ ଚାଲନ୍ତି ପଇସା ଦୋକାନୀ ମାଗଲାରୁ ମାଇପିଟି ଯୁକ୍ତି ତର୍କ କାଢ଼ି କହିଲା, କାଲି ଏ ପଇସା ଭଲ ଥିଲା, ଆଜି ମନ୍ଦ ହୋଇଗଲା ନା ? ଦୋକାନୀ ଥଟ୍ଟା କରି

Digitized by srujanika@gmail.com

କହିଲା, ମୁଁ ତ ମଣିଷ । ମୋ କୁକୁର ବି ତମ ଅଚଳ ପଇସା ଛୁଇଁବ ନାହିଁ । ଏହା କହିଲା ପରେ ଦୋକାନୀ ମତେ ରତନ୍, ରତନ ବୋଲି ଡାକିଲାରୁ ମୁଁ ମୋର ଗାତ ଘରୁ ଉଠି ଗଲି । ଦୋକାନୀ କହିଲା ଏଇ ପଇସା'ରେ କିଏ ଭଲ କିଏ ମନ୍ଦ ବାଛି ଦେ । ମୁଁ ଅଚଳ ପଇସାକୁ ଚଳନ୍ତି ପଇସାରୁ ଅଲଗା କରି ମୁନିବକୁ 'ମୋ' ପାଦରେ ଆଡ଼େଇ ଦେଖାଇ ଦେଲି । ଏଥିରେ ମାଇପିଟି କାବା ହୋଇ ମତେ ଆଉ ଗୋଟେ ଅଚଳ ପଇସା ଭଲ ପଇସାରେ ମିଶାଇ ବାଛିବାକୁ କହିଲା । ମୁଁ ଅଚଳ ପଇସା ପାଦରେ ଆଡ଼େଇ ଦବା ଦେଖି ମୋ' ମୁନିବ ବଡ଼ ଖୁସି ହୋଇ ସାଙ୍ଗ ପଡ଼ିଶା ସଭିଙ୍କ ମୋର ପ୍ରଶଂସା କହିଲା । ଅବଶ୍ୟ ସେ ଠଟ୍ଟା କରି ମାଇପିଟିକୁ କହୁଥିଲା । କିନ୍ତୁ କୁକୁର ହୋଇ ଏପରି ଆଶ୍ଚର୍ଯ୍ୟ କାମ କରିବାରୁ ସେ ଆନନ୍ଦ ହୋଇ ଗଲା । ମୋର କଥା ସବୁଆଡ଼େ ଏତେ ବ୍ୟାପ୍ତ ହୋଇଗଲା ଯେ ମତେ ଦେଖିବାକୁ ଅଚଳ ପଇସା ଟଙ୍କା ବଛେଇ ନବାକୁ ମିଠେଇ ଦୋକାନରେ ଗରାଖକମାନେ ଭିଡ଼ ପଡ଼ିଲେ । ମୋ' ମୁନିବର ବହୁତ ମିଠେଇ ବିକ୍ରି ହେଲା ଓ ମୋ' ପାଇଁ ସେ ଧନୀ ହୋଇଗଲା । ଏଥିରେ ତାର ସମବ୍ୟବସାୟୀମାନଙ୍କ ମନରେ ତା ପ୍ରତି ବଡ଼ ଈର୍ଷା ହିଂସାଭାବ ଆସିଲା ଓ ମୁଁ ଆଖପାଖ ଲୋକଙ୍କ ଚକ୍ଷୁଶୂଳ ହୋଇଗଲି, ଏପରି ଦିନ ଯାଏ । ଦିନେ ଗୋଟାଏ ନାଗ୍ରା ଆସି ୬ଟି ପଇସା ମୋ' ଆଗେ ପିଙ୍ଗି ଦେଲା । ମୁଁ ଅଚଳ ପଇସା ବାଛି ଦେବାରୁ ସେ ଖୁସି ହୋଇ ମୋ' ଆଡ଼େ ଟିକେ ସସ୍ନେହ ଦୃଷ୍ଟି ଚାହିଁଲା ଆଉ ତା ସାଙ୍ଗେ ଯିବାକୁ ମତେ ଡାକିଲା । ତା ଚାହାଣିରେ ମୋ ମନରେ ଏପରି ଉତ୍ସୁକ ହେଲା ଯେ ମୁଁ ତାର ଯିବାବେଳେ ଦୋକାନ ଦୁଆରେ ଠିଆ ହୋଇ ତାକୁ ଚାହିଁଲି । ଗଲି ଆଉ ମୋଡ଼ରେ ଗଲାବେଳେ ସେ ମତେ ଚାହିଁଲା ଓ ଠାରି ଡାକିଲା । ମୁନିବ ବିକା କିଣାରେ ମୋ' କଥା ଭୁଲି ଯିବାର ଦେଖି ମୁଁ ସେଇନା ଲୁଚିକରି ଥରେ ଥିର ହୋଇ ଖସି ଗଲି ତା ପଛେ ପଛେ ମାଇପିଟିର ଘରକୁ । ବହୁକାଳରୁ ମୁଁ ଖୋଜୁଥିଏ କାହାରି

Digitized by srujanika@gmail.com

କୁକୁର ଦେହରୁ ମୁକ୍ତ ପାଇ ପୁଣି ମଣିଷ ରୂପ ନେବ । ମୁଁ ଅନ୍ନ ପାଣି ନ ଖାଏ । ଭଗବାନଙ୍କୁ ଡାକୁଥାଏ । ମୋ' ଦୁଃଖ ଭଗବାନ୍ ଶୁଣିଲେ । ମୁଁ ମାଇକିନିଟିର ଘରକୁ ଗଲି । ସେ ମତେ ଆଦରରେ ଘରକୁ ନେଇଗଲା । ବୁଢ଼ି ଘରେ ତା' ଝିଅ ପାଖରେ ବସି ହଲେଇ କରୁଥିଲା । ବୁଢ଼ୀ ଝିଅକୁ କହିଲା, ଝିଅ ଲୋ ! ଯୋଉ କୁକୁର ଅଚଳ ପଇସା ଦାଛି ତାକୁ ତୁ ଦେଖିବୁ ବୋଲି ମୁଁ ଆଣିଛି । ମୁଁ ଆଖିରେ ଦେଖିଲି ଆଜି ଏ ପଇସା ବାଣ୍ଟୁ ମତେ ଦେଲା । ମୋର ମନେ ହେଉଛି ଏ ମଣିଷ । କାହିଁର ଜାଣିଥିବା ଲୋକ ମାଇକିନା ଏକୁ କୁକୁର କରିଛି । ନହେଲେ ଯାର ଏତେ ବୁଦ୍ଧି କାହୁଁ ହୁଅନ୍ତା ? ଝିଅ ମତେ ଚାହିଁ କଣ ଟିକେ ଭାବି ପାଣି ପିଇଲେସେ ଆଣି ମନ୍ତ୍ର ପଢ଼ି କହିଲା ସତେ ଯଦି ତୁ ମଣିଷ ହୋଇଥିବୁ, କାଉଁରୀ କାମାକ୍ଷୀ କମଳଚଣ୍ଡୀ ସହସ୍ର କୋଟି ଆଜ୍ଞାରେ ତୁ ଏଇନେ ନିଜ ମଣିଷ ରୂପ ନେ, ନଇଲେ କୁକୁର ହୋଇ ଯେମିତି ରହିଛୁ ସେମିତି ପଡ଼ି ଥା । ଏହା କହି ମତେ ଯେମିତି ପାଣି ଛିଞ୍ଚିଦେଲା ଆଖି ପିଛୁଳାକେ ମୋର ଦିବ୍ୟ ମଣିଷ ରୂପ ମୁଁ ଫେରି ପାଇ ନେଇ ଯୋଡ଼ି ଝିଅଟିର ଗୋଡ଼ତଳେ ପଡ଼ି ତାର ଦୟା ନିମନ୍ତେ ତାକୁ ବହୁତ କୃତଜ୍ଞତା ଜଣାଇଲି । ପୁଣି ମୋର ଜୀବନ ରକ୍ଷା କରିବି ବୋଲି କହିଲି । ସେ ଝିଅ ତାନ୍ତ୍ରିକା ହୋଇ ମୋ ଆଡ଼କୁ ଚାହିଁ ଖୁସି ହୋଇ ପଚାରିଲା—"ତମକୁ କିଏ କୁକୁର କଲା ? ମୁଁ ମୂଳରୁ ଶେଷଯାଏ ମୋର ସ୍ତ୍ରୀର କଥା ସବୁ କହିଗଲି । ସେ ଶୁଣି କହିଲା ମୁଁ ବହୁକାଳରୁ କୌଶଲ୍ୟାକୁ ଜାଣେ । ସେ ମୂଳରୁ ଗୁଣି ଟୋଣେଇ ବିଦ୍ୟାରେ ପାରଗ ଥିଲା । ସେ ଭାରି ବଦମାସ ମାଇକିନା । ଡାଆଣୀ ଯୋଗୁଣୀ ଚଣ୍ଡୀ ଗୁଣୀମାନେ ତାର ସବୁଦିନ ସାଙ୍ଗ । ମୋ ହାତରେ ସେ କିମିତି ପଡ଼ିଲା ? ମୋର ତାର ଭଲ ଚିହ୍ନା ଅଛି, ମାତ୍ର ଅନ୍ତରରେ ଆମେ କେହି କାହାକୁ ଦେଖି ପାରୁନାହିଁ । ତାକୁ ଅଲବତ୍ ଜବାବ କରି ତା' ପାପର ପ୍ରତିଶୋଧ ନବାକୁ ହବ । ଏହା କହି ସେ ମତେ ମନ୍ତ୍ର ପାଣି ବୋଇଲ ଦେଲା, କହିଲା କୌଶଲ୍ୟାକୁ ଦେଖି ମୁହୂର୍ତ୍ତେ ଡେର

Digitized by srujanika@gmail.com

ନା କରି ତମେ ତା' ଉପରକୁ ପିଙ୍ଗି ଦେଲେ ସେ ଘୋଡ଼ୀ ରୂପ ହେଇ ଯିବ । ଏହା କହି ମତେ ଆଦର ଯତ୍ନ କରି ବଦା କଲା । ମୁଁ ମିଥ୍ୟା ପ୍ରତାରଣା ଧରିବାକୁ କିଛି ନ ଜାଣିଲା ପରି ମୋ' ଘରର ଆସି ମହଞ୍ଚି ଗଲି । କୌଶଲ୍ୟା ସନ୍ଧ୍ୟା ଯେମିତି ଭେଟ ହେଲା ସେ ମତେ ଦେଖି କାବା ହେଇ ଆକାଶରୁ ପଡ଼ିଲା । ସେ ଭାବି ନ ଥିଲା କେବେ ମୋ କୁକୁର ରୂପ ପାଲଟି ମଣିଷ ରୂପ ହେବ । ସେ ମତେ ଦେଖି ପୁଣି ଚିତ୍କାର କରି କଣ ପିଙ୍ଗି ଦବାକୁ ଆସୁଥିଲା । ମୁଁ ସତର୍କ ଥିଲି, ତେଣୁ ତାକୁ ସମୟ ନ ଦେଇ ମୋ' ପାଖେ ସେ ସ୍ତ୍ରୀ ଦେଇଥିବା ପାଣି ଛିଞ୍ଚି କହିଲି ଚଣ୍ଡାଳୀ ! ଏବେ ତୋ ପାପର ଫଳ ଭୋଗ କର ।" ସେ ପାଣି ପଡ଼ୁ ନ ପଡ଼ୁ ଘୋଡ଼ୀ ପାଲଟିଗଲା ! ସେଇକାଳୁ ମୁଁ ତାର ଉପଯୁକ୍ତ ଶାସ୍ତି ଦବାକୁ ଚାବୁକ୍ ପିଟେ ଓ ତାଙ୍କୁ ଭିଡ଼ିଚି ଚାବୁକରେ ।

ମୋହନସିଂ କହିଲା ଧର୍ମାବତାର ! ମୋର ଇତିହାସ ଆପଣଙ୍କ ସମ୍ମୁଖରେ କହିଲି; ମୋର ଯଦି ଦୋଷ ବୋଲି ମହାରାଜ ବିଚାର କରନ୍ତି, ଶୁଣି ଦେଉନ୍ତୁ ।" ସଭା ଲୋକେ ଚପ୍ ହେଲେ । ରଜା କହିଲା ତମେ ମତେ ଆଶ୍ଚର୍ଯ୍ୟ କଥା ଆଜି ଶୁଣାଇ ଥିବାରୁ ମୁଁ ଧନ୍ୟବାଦ ଦେଉଛି । ତମକୁ ଶୁଳି ହବ ନାଇଁ । ତମ ବାପ ଭଳି ତମେ ଆଜିଠୁଁ ମୋର ପାଞ୍ଚ ସେନାପତି ହେଲ । ରଜା ନିଜେ ମୋହନସିଂ ହାତ ଗୋଡ଼ କଣ୍ଢେଇ ପିଠାଇ ତା ମଥାରେ ପାଠ ଶିରପା ବାନ୍ଧି ଦେଲେ । ଶେଷରେ କହିଲେ ସ୍ତ୍ରୀ ପାପ ପାଇଁ ତାକୁ ବହୁତ ଶାସ୍ତି ଦେଲଣି । ସବୁ ଦଣ୍ଡର ସୀମା ଅଛି ଓ ସବୁ ଦୋଷର କ୍ଷମା ଅଛି । ଏଣିକି ଘୋଡ଼ୀକୁ ମଣିଷ କରି ନଇଲେ ଘୋଡ଼ୀକୁ ପିଠାଇ ବଣକୁ ଛାଡ଼ି ଦଅ, ଆଉ ମାର ନାହିଁ । ମୋହନସିଂ ହାତ ଯୋଡ଼ି ରଜାଙ୍କରେ ଖୁସିରେ ସମ୍ମତି ଜଣାଇଲା । ସଭା ଭାଙ୍ଗିଲା । କଥାଟି ଏଇଠି ସରିଲା ।

Digitized by srujanika@gmail.com

ଲୋଭୀର କପାଳ କଥା

କାଞ୍ଚି ଦେଶରେ ଚନ୍ଦ୍ରଭାନୁ ନାମରେ ଏକ ରାଜା ଥିଲେ । ତାଙ୍କର ଗୋଟିଏ ଅଭ୍ୟାସ ଥିଲା । ଯେମିତି ସଞ୍ଜ ବୁଡ଼େ, ସେମିତି ସେ ପାତ୍ର ମିତ୍ରଙ୍କୁ ଧରି ବୁଲି ବାହାରନ୍ତି । ଏପରି ଦିନକର ବାଟରେ ଯାଉଛନ୍ତି ଦେଖିଲେ ଗୋଟିଏ ବୁଢ଼ା ନାଳ ପୋଲ ପାଖେ ଠିଆ ହୋଇ କାନ୍ଦି କାନ୍ଦି ଯେ ବାଟୋଇ ଯାଉଛନ୍ତି, ତାଙ୍କୁ ଭିକ ମାଗିବାରେ ଲାଗିଛି । କେହି ତାଙ୍କୁ ଅନାଉ ନାହାନ୍ତି । ବୁଢ଼ାଟି ଅନ୍ଧାରରେ ହାତରେ ଝୁଲି ଧରି ଥାଏ, ଲୋକଙ୍କୁ ଧର୍ମର ଦୁହାଇ ଦେଇ ଡାକୁଥାଏ, କେହି ଶୁଣନ୍ତି ନାହିଁ । ଅବସ୍ଥା ଦେଖି ରଜାଙ୍କ ମନରେ ଦୟା ହେଲା । ସେ ତାଙ୍କ ବରକନ୍ଦାଜ ପଠାଇ ଅନ୍ଧକୁ ପାଖକୁ ଡାକି ପଠାଇଲେ । ଅନ୍ଧ ବୁଢ଼ା ଆସିଲାରୁ କିଏ ମହା ଦୟାଳୁ ବ୍ୟକ୍ତି ତାକୁ ଡାକୁଛନ୍ତି ଭାବି ଝୁଲି ପସାରି ଭିକ ମାଗିଲା । ରଜା ପକେଟରୁ କାଢ଼ି ତାକୁ ଦୟା କରି କିଛି ଟଙ୍କା ଦେଲାରୁ ସେ କହିଲା—ବାବୁ ! ତମେ ମତେ ଦୟା କଲ, ଭଗବାନ ତମକୁ ଅଧିକ ଦିଅନ୍ତୁ, କିନ୍ତୁ ମୋର ଗୋଟିଏ ବ୍ରତ ଅଛି ତାକୁ ଆପଣ ପୂରଣ କରିବେ । ରଜା ଆଶ୍ଚର୍ଯ୍ୟ ହୋଇ ପଚାରିଲେ, କେଉଁ ବ୍ରତ ଅଛି ଯାହା ମୁଁ ପାଳିବି ? ଏ କଣ ଦାନ ଉପରେ ଦକ୍ଷିଣା ? ବୁଢ଼ା କହିଲା ତା ନ କଲେ ତମ ଭିକ ଟଙ୍କା ମୁଁ ନେବି ନାହିଁ । ଏହା କହି ଝୁଲିରୁ ଟଙ୍କା କାଢ଼ି-ବାକୁ ହାତ ପୂରାଇଲା । ରଜା କୁତୂହଳୀ ହୋଇ ପଚାରିଲେ, ହଉ ତୋ' ବ୍ରତ କଣ ! କହ, ମୋର ସାଧ୍ୟ ହେଲେ ପାଳିବି । ବୁଢ଼ା କହିଲା ମୋର ଭିକ ନେବା ନିୟମ ଅଛି, ଯେ ମତେ କିଛି ଦେବ, ତା' ପଛରେ ସେ ମୋ ଦୁଇ ଗାଲରେ ଖୁବ୍ ଜୋରରେ ଦୁଇ ଖୁଦା ମାରିବ ଓ ପିଠିରେ କଷିକରି ଗୋଟିଏ ବିଧା ମାରିବ । ଯଦି ଆପଣ ମତେ

Digitized by srujanika@gmail.com

ହାତରେ ଦବାକୁ କହୁଲ ସେତକ ଛାଡ଼ବାକୁ ବି ମୋତେ କୁଣ୍ଠିତ ଲାଗୁଥିଲ । ମୋର ପ୍ରସ୍ତାବରେ ବାବାଜି ଖୁସି ହେଲେ କି ନା ଜାଣିଲି ନାହିଁ; କିନ୍ତୁ ମୁଁ ଲୋଭୀ ଓ ନୀଚ ପ୍ରାଣ ଲୋକ ବୋଲି ବାବାଙ୍କ ବୁଝିବାକୁ ବାକି ନ ଥିଲ, ସେ କହିଲ, ତମକୁ ମୁଁ ବୁଝି ପାରେ । ମୁଁ ସ୍ତ୍ରୀଧନ ସନ୍ଧାନ କଥା ତମକୁ ବିଶ୍ୱାସରେ କହିଲି । ଧନ ସବୁରେ ମାଲିକ ମୁଁ । ଠିକ୍ ହବ, ଯଦ ଆମେ ଅଧାଅଧି ବାଣ୍ଟି ନବା । ତମେ ଯେତେ ପଥର ହଳ ବଳଦ ଓ ଗାଡ଼ି ଯୋଗାଡ଼ି ଦେଲେ ମୁଁ ମୋ' ଭାଗ ଧନରୁ ତମକୁ ଏତେ ପରିମାଣ କାଢ଼ି ଦେବି ଯହିଁରେ ତମେ ହଜାର ହଳ ବଳଦ କିଣି ପାରିବ । ବାବାଙ୍କ କଥା ଠିକ ହେଲେ ବି ମୁଁ ଦେଖିଲି ବାବାଙ୍କ କଥାରେ ରାଜି ନ ହେଲେ ମୋର ଉପାୟ ନାହିଁ; ନହେଲେ ଚିରଦିନ ମୁଁ ଗରୀବ ହୋଇ ପଡ଼ିଥିବି । ମନ ବଡ଼ ଖଟା ଲାଗିଲା, କିନ୍ତୁ ନିରୁପାୟ ହୋଇ ଶେଷରେ ବାବାଙ୍କ କଥାରେ ରାଜି ହୋଇ ଗଲି । ଖଣ୍ଡେ ଦୂରରୁ ଦେଖିଲି ଦୁଇଟି ପାହାଡ଼ ଚୂଡ଼ା ମାଝରେ ସରୁ ବାଟଟିଏ ଯାଇଛି । ତହିଁରେ ବଳଦ ତ ଦୂରର କଥା, ମଣିଷ ପଶିବା ଅସମ୍ଭବ । ବାବାଜି କହିଲେ ଦୁଇଟି ମନ୍ଦିରର ଠିଆ ହୋଇ ଯାଇଛି, ବଳଦ ଏଠି ଖୋଲିଦିଅ । ଆମେ ସହଜରେ ଏମାନଙ୍କ ପିଠିରେ ଜିନିଷ ଲଦିଦେଇ ନେଇ ପାରିବା ଅଯଥା ଜାହାକୁ ନେଇ । ବାବାଜି ଆଣିଥିବା ବଳଦକୁ ନେଇ ପର୍ବତ ତଳ ଖୋଲା ଜାଗାରେ ଚରିବାକୁ ଛାଡ଼ି ଦେଲି । ଦେଖିଲି ଶୁଖିଲା କାଠରେ ନିଆଁ ଜଳେଇବାକୁ ଚେଷ୍ଟା କରୁ ଥାଆନ୍ତି ସେ । ନିଆଁ ଜଳିଲାରୁ ସେ ସୁଗନ୍ଧ ଧୂପ ଗୁଣ୍ଡ ସେଥିରେ ପକାଇଲେ ଓ ମନ୍ତ୍ର କଣ ବୋଲିଲେ ଯାହା ମୋର ଅବୋଧ ଥିଲା । ଧୂଆଁରୁ ଏତେ କଳାଧୂଆଁ ଉପରକୁ ଉଠିଲା ଯେ ଧୂଆଁ ଆକାଶରେ ଛାଇଗଲା । ଏପରି କଲା, ଧୂଆଁ ବାବାଙ୍କ ହୁକୁମରେ ଦୁଇଭାଗ ହୋଇ ଗଲା । ଉଭୟଙ୍କ ଗୁଳ ପାଙ୍କରୁ ଦୁଇ ପର୍ବତ ମନ୍ଦିରର ଚୂଡ଼ାଟିଏ ହେଲା

Digitized by srujanika@gmail.com

ଲୋଭୀର କପାଳ କଥା

କାଞ୍ଚି ଦେଶରେ ଚନ୍ଦ୍ରଭାନୁ ନାମରେ ଏକ ରାଜା ଥିଲେ । ତାଙ୍କର ଗୋଟିଏ ଅଭ୍ୟାସ ଥିଲା । ଯେମିତି ସଞ୍ଜ ବୁଡ଼େ, ସେମିତି ସେ ସାଙ୍ଗ ମିତ୍ରଙ୍କୁ ଧରି ବୁଲି ବାହାରନ୍ତି । ଏପରି ଦିନେକର ବାଟରେ ଯାଉଯାଉ ଦେଖିଲେ ଗୋଟିଏ ବୁଢ଼ା ନାଳ ପୋଲ ପାଖେ ଠିଆ ହୋଇ ଯେଉଁ କାଠି ଯେ ବାଟୋଇ ଯାଉଛନ୍ତି, ତାକୁ ଭିକ ମାଗିବାରେ ଲାଗିଛି । କେହି ତାକୁ ଅନେଇ ନାହାନ୍ତି । ବୁଢ଼ାଟି ଅନ୍ଧାରରେ ହାତରେ ଝୁଲି ଧରି ଥାଇ ଲୋକଙ୍କୁ ଧର୍ମର ଦୁହାଇ ଦେଇ ଡାକୁଥାଏ, କେହି ଶୁଣନ୍ତି ନାହିଁ । ଅବସ୍ଥା ଦେଖି ରାଜାଙ୍କ ମନରେ ଦୟା ହେଲା । ସେ ତାଙ୍କ ହରକରାଙ୍କୁ ପଠାଇ ଅନ୍ଧକୁ ପାଖକୁ ଡାକି ପଠାଇଲେ । ଅନ୍ଧ ବୁଢ଼ା ଆଇଲାରୁ କିଏ ମହା ଦୟାଳୁ ବ୍ୟକ୍ତି ତାକୁ ଡାକଛନ୍ତି ଭାବି ଝୁଲି ପସାରି ଭିକ ମାଗିଲା । ରାଜା ପକେଟରୁ କାଢ଼ି ତାକୁ ଦୟା କରି କିଛି ଟଙ୍କା ଦେଲାରୁ ସେ କହିଲା—ବାବୁ ! ତମେ ମତେ ଦୟା କଲ ଭଗବାନ ତମକୁ ଅଧିକ ଦିଅନ୍ତୁ; କିନ୍ତୁ ମୋର ଗୋଟିଏ ବ୍ରତ ଅଛି ତାକୁ ଆପଣ ପୂରଣ କରନ୍ତୁ । ରାଜା ଆଶ୍ଚର୍ଯ୍ୟ ହୋଇ ପଚାରିଲେ ତୋର କି ବ୍ରତ ଅଛି ଯାହା ମୁଁ ପାଳିବି ? ଏ କଣ ଦାନ ଉପରେ ଦକ୍ଷିଣା ? ବୁଢ଼ା କହିଲା ତା ନ କଲେ ତମ ଭିକ ଟଙ୍କା ମୁଁ ନେବି ନାହିଁ । ଏହା କହି ଝୁଲିରୁ ଟଙ୍କା କାଢ଼ି ତାକୁ ହାତ ପୁରାଇଲା । ରାଜା କୁତୁହଳୀ ହୋଇ ପଚାରିଲେ, ହଉ ତୋ' ବ୍ରତ କଥା କହ, ମୋର ସାଧ୍ୟ ହେଲେ ପାଳିବି । ବୁଢ଼ା କହିଲା ମୋର ଭିକ ନେବା ନିୟମ ହଉଛି, ଯେ ମତେ କିଛି ଦେବ, ସେ ପଛରେ ସେ ମୋ ଦୁଇ ଗାଲରେ ଖୁବ୍ ଜୋରରେ ଦୁଇଟି ଚଟକଣା ମାରିବ ଓ ପିଠିରେ କସିକରି ଗୋଟିଏ ବିଧା ମାରିବ । ଏହା [illegible] [illegible]

Digitized by srujanika@gmail.com

ହାତରେ ଧରିବାକୁ କହିଲ ସେତିକି ଛାଡ଼ିବାକୁ ହିଁ ମୋତେ କୁଣ୍ଠିତ ଲାଗୁଥିଲ । ମୋର ପ୍ରସ୍ତାବରେ ବାବାଜି ଖୁସି ହେଲେ କି ନା ଜାଣିଲି ନାହିଁ ; କିନ୍ତୁ ମୁଁ ଲୋଭୀ ଓ ନୀଚ ପ୍ରାଣ ଲୋକ ବୋଲି ବାବାଙ୍କୁ ବୁଝିବାକୁ ବାକି ନ ଥିଲା, ସେ କହିଲେ, ତମକୁ ମୁଁ ବୁଝି ପାରିଲି । ମୁଁ ଗୁପ୍ତଧନର ସନ୍ଧାନ କଥା ତମକୁ ବିଶ୍ୱାସରେ କହିଲି । ଧନ ସବୁ ନେବେ ନାକି ମୁଁ । ଠିକ୍ ହବ, ଯଦି ଆମେ ଅଧାଅଧି ବାଣ୍ଟି ନବା । ତମେ ମୋତେ ପନର ହଳ ବଳଦ ଓ ଗାଡ଼ି ପନ୍ଦରଟି ଦେଲେ ମୁଁ ମୋ' ଭାଗ ଧନରୁ ତମକୁ ଏତେ ପରିମାଣ କାଢ଼ି ଦେବି ଯହିଁରେ ତମେ ହଜାର ହଳ ବଳଦ କିଣି ପାରିବ । ବାବାଜି କଥା ଠିକ ହେଲେ ବି ମୁଁ ଦେଖିଲି ବାବାଜି କଥାରେ ରାଜି ନ ହେଲେ ମୋର ଉପାୟ ନାହିଁ ; ନହେଲେ ଚିରଦିନ ମୁଁ ଗରିବ ହୋଇ ପଡ଼ିଥିବି । ମନ ବଡ଼ ଖଟା ଲାଗିଲା, କିନ୍ତୁ ନିରୁପାୟ ହୋଇ ଶେଷରେ ବାବାଜି କଥାରେ ତା' ସମ୍ମତ ହେଲି । ଖଣ୍ଡେ ଦୂର ଗଲାରୁ ଦେଖିଲି ଦୁଇଟି ପାହାଡ଼ ଦୁଇଟା ଫାଙ୍କରେ ସରୁ ବାଟଟିଏ ଯାଇଛି । ତହିଁରେ ବଳଦ ତ ଦୂରର କଥା, ମଣିଷ ପଶିବା ଅସମ୍ଭବ । ବାବାଜି ପର୍ବତ ଦୁଇଟି ମଝିରେ ଠିଆ ହୋଇ କହିଲେ, ବଳଦ ଏଠି ଖୋଲିଦିଅ । ଆମେ ସହଜରେ ଏମାନଙ୍କ ପିଠିରେ ଜିନିଷ ଲଦିହୋଇ ନେଇ ପାରିବା । ଅସଲ ଜାଗାକୁ ନେଇ । ବାବାଜି କଥାରେ ବଳଦକୁ ନେଇ ପର୍ବତ ତଳ ଖୋଲା ଜାଗାରେ ଚରିବାକୁ ଖୋଲି ଦେଲି । ଦେଖିଲି ଶୁଖିଲା କାଠ ନେଇ ନିଆଁ ଜଳେଇବାକୁ ଚେଷ୍ଟା କରି ସଫଳ ହେଲି । ନିଆଁ ଜଳିଲାରୁ ସେ ସୁଗନ୍ଧି ଧୂପ ତହିଁରେ ପକାଇଲା ଓ ମନ୍ତ୍ର କଣ ବୋଲିଲା ଯାହା ମୋର ଅବୋଧ୍ୟ ଥିଲା । ଧୂପରୁ ଏତେ କଳାଧୂଆଁ ଉପରକୁ ଉଠିଲା ଯେ ଧୂଆଁ ଆକାଶରେ ଛାଇଥିଲା । ସେଇ କଳା ଧୂଆଁ ବାବାଜି ହୁକୁମରେ ଦୁଇଭାଗ ହୋଇ ଗଲା । ଦେଖିଲି ଦୁଇ ଫାଙ୍କରେ ଦୁଇ ପର୍ବତ ମଝିରେ ଗୋଟିଏ ବଡ଼

Digitized by srujanika@gmail.com

ପାହାଡ଼ ଖୁମ୍ବ ଭଳି ରହୁଛନ୍ତି । ସେଇ ପାହାଡ଼ ଦୁଇଭାଗ ହୋଇଗଲା । ଆଖି ଚମକିଗଲା । ଝଲସା ଆଖିରେ ଚାହିଁ ଦେଖିଲି ସୁନା ରୁପା ହୀରା ମାଣିକର ଅସରନ୍ତି ତେଜ ଝକଝକ ଦିଶୁଛି । ମୁଁ ଲୋଭରେ ପାଗଳ ହୋଇ ଦୂରକୁ ନ ଯାଇ ପାରି ମୋ' ସାମନାରେ ଯୋଉ ସୁନା ଗଦା ଦିଶିଲା, ତା ଉପରେ ନେପଟି ପଡ଼ି ହାତରେ ନେଇ ଯାଇଥିବା ବସ୍ତାରେ ସୁନା ଗୁଡ଼ିକ ଭରିବାକୁ ଲାଗିଲି, ଆଉ ବହୁମୂଲ୍ୟ ପଦାର୍ଥ କଣ ଥିବା ଦେଖିବା ଧୈର୍ଯ୍ୟ ବି ମୋର ରହିଲା ନାହିଁ । ବାବାଜି କିନ୍ତୁ ବିଲକ୍ଷଣ ଥିଲେ । ସେ ସୁନା ଗଦାରେ ମୋ ଭଳି ନ ପଶି ଯୋଉଠି ହୀରା ନୀଳା ମୋତି ମାଣିକ ଥିଲା, ସେ ଗଦାରୁ ଆଣି ତା ବସ୍ତା ଭରୁଥିଲେ । ମୁଁ ଏ କଥା ଦେଖି ଈର୍ଷାରେ ମୋ' ବୋକାମୀ ପାଇଁ ଅନୁତପ୍ତ ହେଲି । ଯା' ହଉ ବଳଦ ପିଠିରେ ସବୁ ବସ୍ତା ଗୁଡ଼ିକ ଲଦା ହେଲା, ବଳଦ ଯେତେ ନେଇ ପାରିବେ, ତାଠୁଁ ଅଧିକା ବୋଝ । ଆମେ ସେଇଠୁଁ ଧନ ଭଣ୍ଡାର ଖାଲି କରି ଚାଲି ଆସିଲୁ । ଆସିଲା ଆଗରୁ ବାବାଜି ଗୋଟିଏ ସୁନା ଫୁଲଦାନୀ ନିକଟକୁ ଯାଇ ତା ଭିତରୁ ଗୋଟିଏ କାଠ ବାକ୍ସ ଆଣି ଜାମା ପକେଟରେ ରଖିଲେ । ମତେ କହିଲେ ଏହା ଏକ ପ୍ରକାର ମଲମ । ପୁଣି ନିଆଁ ଜଳାଇ ଆଗ ଭଳି ମନ୍ତ୍ର ବୋଲି ଧୂପ ଜାଳିଲେ । ଦେଖିଲି ଆଗରେ ଯୋଉ ପାହାଡ଼ ଦିଖଣ୍ଡ ହୋଇଯାଇ ଆମକୁ ବାଟ ଛାଡ଼ିଥିଲା, ସେ ପାହାଡ଼ ପୁଣି ବନ୍ଦ ହୋଇଗଲା । ବାଟ ବି ଲିଭିଗଲା । ଆମେ ଯେପରି ପଦାରେ ଯୋଉଠି ଥିଲୁ, ସେଇଠି ପୁଣି ପହଞ୍ଚିଲୁ । ଶେଷରେ ବଳଦ ଓ ଧନ ବଣ୍ଟା କଥା ବାକି ଥିଲା । ଯେ ଯେତିକି ଧନ ଆଣିଥିଲା ସେ ସେତିକି ଧନ ଓ ବଳଦ ନେଲା । ଆମେ କ୍ରମେ ରାଜପଥରେ ପହଞ୍ଚିଲୁ । ସେ ପୂର୍ବ ଆଡ଼କୁ ଯିବ, ମୁଁ ପଶ୍ଚିମକୁ । ମୁଁ କୃତଜ୍ଞ ହୋଇ ବାବାଜିଙ୍କୁ ଜୁହାରିଲି ଓ ସେ ମତେ ବି ଆଦର କଲେ । ମୋତେ ଏକା ଛାଡ଼ି ଏବଂ ଏତେ ଧନର ଦାୟିତ୍ୱ ଦେଇ

Digitized by srujanika@gmail.com

ବାବାଜୀ ଜାମା ଭିତରୁ ଟାଣି ଆଣି ପାଟଙ୍କ ପାଟଙ୍କ ଠିପି ଖୋଲି ପଚାରିଲି "ମହାରାଜ, ତମେ ମୋର ଏତେ ବଡ଼ ବନ୍ଧୁ । ମତେ ଅନୁଗ୍ରହ କରି ଏ ମଲମର ଗୁଣ କଣ ବତାଅ ।" ବାବାଜୀ କହିଲା ଏ ମଲମ ବଡ଼ ଆଶ୍ଚର୍ଯ୍ୟମୟ ଗୁଣ ରଖେ । ଏହାକୁ ଯଦି ତମେ ବାଁପାଖ ଆଖିରେ ଲଗାଅ ତ ପୃଥିବୀ ତଳେ ଯେତେ ସୁନା ମଣି ମାଣିକ୍ୟ ଅଛି, ସବୁ ଦେଖିବ । ଆଉ ଯଦି ଡାହାଣପଟ ଆଖିରେ ଏହି ମଲମ ଲଗାଇବ ଚିରଦିନ ପାଇଁ ଅନ୍ଧ ହୋଇଯିବ । ବାବାଜୀ କଥା ଶୁଣି ମୋର ଅଧିରତା ଓ ଲୋଭ ଏତେ ବଢ଼ିଲା ଯେ ମୁଁ ପାଗଳ ପରି ହୋଇ ମଲମ ବାକ୍ସ ତା ହାତକୁ ଦେଇ କହିଲି, ତମକୁ ପ୍ରାର୍ଥନା କରୁଛି, ମୋ ଆଖିରେ ଲଗାଇ ଦିଅ । ସେ ମୋ ବାଁ ପଟ ଆଖିରେ ମଲମ ମାରିଦେଲାରୁ ମୁଁ ଅସଂଖ୍ୟ ସୁନା ମଣି ମୁକ୍ତାର ଗୁପ୍ତ ସ୍ଥାନ ଦେଖି ପାରିଲି । ସେଇଠୁ ମୋ' ମନେ ହେଲା, ବାବାଜୀ ମୋ ଡାହାଣ ଆଖି ବୁଜାଇ ଥିବାରୁ ମତେ ଭ୍ରାନ୍ତି ଆସିଲା । ମୁଁ କହିଲି ମୋ' ଡାହାଣ ଆଖିରେ ମଲମ ଲଗା । ବାବାଜୀ ହୁଏ ତ ଆଉ ବେଶି ଧନ ସମ୍ପଦ ଜାଗା ଲୁଚାଇବ ଭାବି ଡାହାଣ ଆଖିରେ ମଲମ ଲାଗିଲେ ମୁଁ ଅନ୍ଧ ହୋଇଯିବି ଏହି ଭୟ ଦେଖାଇ ମତେ ବଞ୍ଚିତ କରୁଅଛି ବୋଲି ମୋର ମନେ ହେଲା । ଯଦିଓ ଏ ଯାବତ୍ ଗୋଟିଏ କଥାରେ ବାବାଜୀ ମତେ ଠକିବା କି ମିଛ କହିବା ପ୍ରମାଣ ମୁଁ ପାଇ ନ ଥିଲି । ମୋର ଜିଦ୍ ଓ ଆଗ୍ରହ ଦେଖି ବାବାଜୀ ଦୁଃଖିତ ହେଲା । ମୁଁ କହିଲି ଭାଇ ! ଏ ଗୋଟାଏ ଅପସନ୍ଦ କଥା, ଗୋଟାଏ ମଲମରେ ଦୁଇ ଆଖିରେ ଲଗାଇଲେ ଦୁଇ ରକମ ଗୁଣ ହୁଏ ନା, ଏକା ପରି ହେବାଇ ସ୍ୱାଭାବିକ । ବାବାଜୀ କହିଲା ତମେ ମତେ ବିଶ୍ୱାସ କର । ତମର ଭଲ ହବ । ମୋ' ଆଖି ଲୋଭରେ ଝଲସୁଥିଲା । ମୁଁ ବାବାଜୀ ସତ୍‌ପରାମର୍ଶରେ କାନ ନ ଦେଇ ଭାବିଲି ଯେତେବେଳେ

Digitized by srujanika@gmail.com

ପାହାଡ଼ ଶୂନ୍ୟ ଭଳି ରହୁଛି । ସେହି ପାହାଡ଼ ଦୁଇଭାଗ ହୋଇଗଲା । ଆଖି ଚମକିଗଲା । ଝଲସା ଆଖିରେ ଚାହିଁ ଦେଖିଲି ସୁନା ରୁପା ହୀରା ମାଣିକର ଅସରନ୍ତି ତେଜ ଝକଝକ ଦିଶୁଛି । ମୁଁ ଲୋଭରେ ପାଗଳ ହୋଇ ଦୂରକୁ ନ ଯାଇ ପାରି ମୋ' ସାମନାଥିବା ଉପାଓ ସୁନା ଗଦା ଧରିଲି, ତା ଉପରେ ନେପଣ୍ଟି ପଢ଼ି ହାତରେ ନେଇ ଯାଇଥିବା ବସ୍ତାରେ ସୁନା ଗୁଡ଼ିକ ଭରିବାକୁ ଲାଗିଲି, ଏତେ ବହୁମୂଲ୍ୟ ପଦାର୍ଥ କେଣ ଥିବା ନ ଦେଖିବା ଯୋଗୁଁ ମୋର ଉଦ୍ଧାର ନାହିଁ । ବାବାଜି କିନ୍ତୁ ଚାଲାଖ ଥିଲା । ସେ ସୁନା ଗଦାରେ ମୋ ଭଳି ନ ହୋଇ ଯୋଉଠି ହୀରା ନୀଳା ମୋତି ମାଣିକ ଥିଲା, ସେ ଗଦାରୁ ଆଣି ତା ବସ୍ତା ଭରୁଥିଲା । ମୁଁ ଏ କଥା ଦେଖି ଈର୍ଷାରେ ମୋ' ବୋକାମୀ ପାଇଁ ଅନୁତପ୍ତ ହେଲି । ଯା' ହେଉ ହାଉଦ ପିଠିରେ ସବୁ ବସ୍ତା ଗୁଡ଼ିକ ଲଦା ହେଲା, ଲେଦା ଯେତେ ନେଇ ପାରିବେ, ତାଠୁଁ ଅଧିକା ବୋଝ । ଆମେ ସେଇଠୁଁ ଧନ ଭଣ୍ଡାର ଖାଲି କରି ଫେରି ଆସିଲୁ । ଆସିଲା ଆଗରୁ ବାବାଜୀ ଗୋଟିଏ ସୁନା ଫୁଲଦାନୀ ନିକଟକୁ ଯାଇ ତା ଭିତରୁ ଗୋଟିଏ କାଠ ବାକ୍ସ ଆଣି ଜାମା ପକେଟରେ ରଖିଲା । ମନେ ହେଲା ଏହା ଏକ ପ୍ରକାର ମଲମ । ପୁଣି ନିଆଁ ଜଳାଇ ଆଗ ଭଳି ମନ୍ତ୍ର ବୋଲି ଧୂପ ଜାଳିଲା । ଦେଖିଲି ଆଗରେ ଯିଉଁ ପାହାଡ଼ ଦୁଇଖଣ୍ଡ ହୋଇଯାଇ ଆମକୁ ବାଟ ଛାଡ଼ିଥିଲା, ସେ ପାହାଡ଼ ପୁଣି ବନ୍ଦ ହୋଇଗଲା । ବାଟ ବି ଲିଭିଗଲା । ଆମେ ଯେପରି ପଦାରେ ଯୋଉଠି ଥିଲୁ, ସେଇଠି ପୁଣି ପହଞ୍ଚିଲୁ । ଶେଷରେ ହାଉଦ ଓ ଧନ ବଣ୍ଟା କଥା ବାକି ଥିଲା । ଯେ ଯେତିକି ଧନ ଆଣିଥିଲା ସେ ସେତିକି ଧନ ଓ ହାଉଦ ନେଲା । ଆମେ ନିଜେ ଖଣ୍ଡପଥରେ ପହଞ୍ଚିଲୁ । ସେ ପୂର୍ବ ଆଡ଼କୁ ଗଲା, ମୁଁ ପଶ୍ଚିମକୁ । ମୁଁ କୃତଜ୍ଞ ହୋଇ ବାବାଜୀଙ୍କୁ କୁଣ୍ଢାଇଲି ଓ ସେ ମତେ ବି ଆଦର କଲା । ମୋତେ ଏକା ଯାତ୍ରାର ସବୁ ଏତେ ଧନର ଦାୟିତ୍ୱ ହେବା

ବାବାଜି ଜାମା ଭିତରୁ କାଣି ଆଣି ପାନ୍ତଙ୍କ ପାଟେଙ୍କ ଠିଏ ଖୋଲି ପଚାରିଲି "ମହାରାଜ, ତମେ ମୋର ଏତେଞ୍ଚ ବଡ଼ ବନ୍ଧୁ । ମତେ ଅନୁଗ୍ରହ କରି ଏ ମଲମର ଗୁଣ କଣ ବତାଅ ।" ବାବାଜୀ କହିଲା ଏ ମଲମ ବଡ଼ ରହସ୍ୟମୟ ଜିନିଷ ଉଟେ । ଏକୁ ଯଦି ତମେ ବାଁପାଖ ଆଖିରେ ଲଗାଅ ତ ପୃଥିବୀ ତଳେ ଯେତେ ସୁନା ମଣି ମାଣିକ୍ୟ ଅଛି, ସବୁ ଦିଶିବ । ଆଉ ଯଦି ଡାହାଣପଟ ଆଖିରେ ଏଇ ମଲମ ଲଗାଇବ ଚିରଦିନ ପାଇଁ ଅନ୍ଧ ହୋଇଯିବ । ବାବାଜୀ କଥା ଶୁଣି ମୋର ଅଧିରତା ଓ ଲୋଭ ଏତେ ବଢ଼ିଲା ଯେ ମୁଁ ପାଗଳ ପରି ହୋଇ ମଲମ ବାକ୍ସ ଟି ହାତକୁ ନେଇ କହିଲି, ତମକୁ ପ୍ରାର୍ଥନା କରୁଛି, ମୋ ଆଖିରେ ଲଗାଇ ଦିଅ । ସେ ମୋ ବାଁ ପଟ ଆଖିରେ ମଲମ ମାରିଦେଲାରୁ ମୁଁ ଅସଂଖ୍ୟ ସୁନା ମଣି ମୁକ୍ତାର ଗୁପ୍ତ ସ୍ଥାନ ଦେଖି ପାରିଲି । ସେଇଠୁ ମୋ' ମନେ ହେଲା, ବାବାଜୀ ମୋ ଡାହାଣ ଆଖି ବୁଜାଇ ଥିବାରୁ ମତେ ଭ୍ରାନ୍ତି ଆସିଲା । ମୁଁ କହିଲି ମୋ' ଡାହାଣ ଆଖିରେ ମଲମ ଲଗା । ବାବାଜୀ ହୁଏ ତ ଆଉ ବେଶି ଧନ ସମ୍ପଦ ଜାଗା ଲୁଚାଇବ ଭାବି ଡାହାଣ ଆଖିରେ ମଲମ ଲାଗିଲେ ମୁଁ ଅନ୍ଧ ହୋଇଯିବି ଏଇ ଭୟ ଦେଖାଇ ମତେ ନିବୃତ୍ତ କରୁଅଛି ବୋଲି ମୋର ମନେ ହେଲା । ଯଦିଓ ଏ ଯାବତ୍ ଗୋଟିଏ କଥାରେ ବାବାଜୀ ମତେ ଠକିବା କି ମିଛ କହିବା ପ୍ରମାଣ ମୁଁ ପାଇ ନ ଥିଲି । ମୋର ଜିଦ୍ ଓ ଆଗ୍ରହ ଦେଖି ବାବାଜୀ ଦୁଃଖିତ ହେଲା । ମୁଁ କହିଲି ଭାଇ ! ଏ ଗୋଟାଏ ଅସମ୍ଭବ କଥା, ଗୋଟାଏ ମଲମରେ ଦୁଇ ଆଖିରେ ଲଗାଇଲେ ଦୁଇ ରକମ ଗୁଣ ହୁଏ ନା, ଏହା ପରି ହବାଟା ସ୍ୱାଭାବିକ । ବାବାଜୀ କହିଲା ତମେ ମତେ ବିଶ୍ୱାସ କର । ତମର ଭଲ ହବ । ମୋ' ଆଖି ଲୋଭରେ ଝଲସୁଥିଲା । ମୁଁ ବାବାଜୀ ପରାମର୍ଶରେ କାନ ନ ଦେଇ ଭାବିଲି ଯେତେବେଳେ

Digitized by srujanika@gmail.com

ଗୋଟାଏ ଆଖିରେ ମଲମ ଲଗାଇବାରୁ ମୋତେ ଦୁନିଆଯାକର ସମ୍ପଦ ଦିଶିଲା, ତେବେ ଅନ୍ୟ ଆଖିରେ ଲଗାଇଲେ ସେସବୁର ଉପରେ ମୋ ଅଧିକାର ଆଣି ଭୋଗ ଦଖଲ କରନ୍ତି ତାହା ଦର୍ଶିବ ନିଶ୍ଚୟ । ବାବାଜୀ ସଙ୍ଗେ ମୁଁ ବଡ଼ ଜିଦ୍ କଲି । ସେ କହିଲା, ତମର ଏତେ ଉପକାର କରି ଶେଷକୁ ତମକୁ "ନୂଆଟେଟି ଆଖି ମାରିବାକୁ ଅନ୍ଧ କରେଇବା ମୋର କାମ ନୁହେଁ । ମୁଁ ଆଖିରେ ତମର କଦାପି ମଲମ ଦେବି ନାହିଁ ।" ମୁଁ କହିଲି, ତମେ ମୋର ଯେତେ ଉପକାର କରିଛ, ଏଇ କଥା ନ ରଖିଲେ ମୋ ମନରେ ଗ୍ଲାନି ରହିଯିବ । ତମ ଉପକାର ମନେ ରହିବ ନାହିଁ ।" ମୋର କ୍ଷତି ହେଲେ ମୁଁ ତମକୁ ଦାୟୀ କରିବି ନାହିଁ କି ଗାଳି ଦେବି ନାହିଁ । ତମେ ମତେ ଏତେ ଦୟା କରିଛ, ସାମାନ୍ୟ କଥାରେ ମନ ମୋର ଉଣା ରଖିବ କାହିଁ ?" ବାବାଜୀ ବ୍ୟଗ୍ରରେ କହିଲା, ତମର ଯଦି ଏତେ ଦୃଢ଼ ସଂକଳ୍ପ ଓ ଜିଦ୍, ସେତେବେଳେ ମୋର ପରାମର୍ଶର ମୂଲ୍ୟ ତମେ ଦେବାକୁ ନାରାଜ । ଏଥା କହି ବାକ୍ସରୁ ମଲମ ଯେମିତି ମୋ' ଡାହାଣ ଆଖିରେ ଲଗାଇଛି, ମୋ' ଆଖି ଖୋଲିଲା ବେଳକୁ ମୋ' ଆଗେ ଦୁନିଆଁ ଅନ୍ଧାର ପାଲଟିଗଲା, ପଲକରେ ମୁଁ ଅନ୍ଧ ହେଲି । ବାବାଜୀକୁ କହିଲି—"ମୋର ଅସୀମ ଲୋଭ ମତେ ଆଣି ଏ ଅନ୍ଧାରରେ ମାଡ଼ିଛି । ପ୍ରକୃତରେ ମୁଁ ଅନ୍ଧ ଥିଲି । ଅନ୍ଧ ହେଇ ମୋ' ଆଖି ଫିଟିଲା । ମୁଁ ଭାବେ ମୋ' କର୍ମ ପାଇଁ ଜୀବନ ସାରା ମୁଁ ଦୁଃଖ ଭୋଗିବି । କିନ୍ତୁ ତମେ ଏଡ଼େ ଗୁଣିକ, ବିଦ୍ୱାନ, ମୁଁ ଆଶାକରେ ତମଠି ଏପରି କିଛି ବିଦ୍ୟା ଥିବ, ଯହିଁରେ ତମେ ମତେ ଭଲ କରିଦେବ । ମୁଁ ଚକ୍ଷୁଦାନ ପାଇବି ।" ବାବାଜୀ କହିଲା ଅସୁଖି ଲୋକ ! "ତମେ ଅନ୍ଧ ତମ ଦୋଷରୁ ହେଲ, ମୋ' ଦୋଷରୁ ନୁହଁ । ଯାହା ବିଧେୟ ହେଲା, ତହିଁରେ ତମ ଦୋଷର ଶାସ୍ତି ହେବ । ତମ ମନର ଅନ୍ଧ ଭର୍ତ୍ତି ତମ ଦେହକୁ କି ଆଜି ଅନ୍ଧ କଲା । ମୁଁ କିଛି ଗୁପ୍ତବିଦ୍ୟା ଜାଣେନା, ତମ

Digitized by srujanika@gmail.com

ଦେଖିଛ, କିନ୍ତୁ ମୋଠି ଏମିତ ଔଷଧ ନାହିଁ ଯେ ଯଦ୍ଦ୍ବାରେ ତମ ଷଷ୍ଠି ଭଲ ହୋଇ ଦୃଷ୍ଟିଶକ୍ତି ଫେରି ଆସିବ। ତମେ ଧନୀ ହେବାର ଅଯୋଗ୍ୟ ବୋଲି ପ୍ରମାଣ ଦେଲ। ବର୍ତ୍ତମାନ୍ ସବୁ ଧନ ଗୁଡ଼ିକର ମାଲିକ ମୁଁ। ଏ ଧନକୁ ମୁଁ ଏପରି ଲୋକମାନଙ୍କୁ ବାଣ୍ଟି ଦେବି ଯୋଉମାନେ ତମଠୁ ବଳିକରି ଲୋଭୀ ଓ କୃତଘ୍ନ ନୁହନ୍ତି। ଆଉ କିଛି ନ କହି ବାବାଜୀ ଧନ ଓ ବଳଦ ନେଇ ମୋ' ନିକଟରୁ ଚାଲିଗଲା। ଲଜ୍ଜାରେ ମୋ' ପାଟି ବନ୍ଦ ହୋଇଗଲା। ମୁଣ୍ଡ ବି ଖରାପ ହୋଇଗଲା। ସେଇଠି ମୁଁ ଠିଆ ହୋଇ ରହିଲି। ବାବାଜୀ ସେଇ ବାଟେ ବଳଦ ଅଡ଼େଇ ଗଲାବେଳେ ମତେ ବଳଦ ଘଣ୍ଟି ଶୁଭିଲା। ଆଗ ଭଳି ମତେ ସାଙ୍ଗରେ ନବାକୁ ବାବାଜୀଙ୍କୁ ଅନୁରୋଧ କରିବାକୁ ମୋର ମୁହଁ ନ ଥିଲା। ତଥାପି ମୁଁ ତାଙ୍କୁ ହାତ ଯୋଡ଼ି ମତେ ମୋ' ଘରକୁ ଯିବା ରାସ୍ତାରେ ଛାଡ଼ିବାକୁ କହିଲି। ସେ ନ ଶୁଣି ଚାଲିଗଲେ। କୌଣସି ଧନୀ ସୌଦାଗର ସେ ବାଟରେ ଯାଇ ମତେ ଉଦ୍ଧାର କରି ନ ଥିଲେ ମୁଁ ସେଇଠି ମରିଥାନ୍ତି। ବାବାଜୀ ଗଲାବେଳେ କହିଗଲେ—"ତୁ ସେଇଠି ଲୋଭରେ ପଡ଼ି ଚଞ୍ଚଳ ମରିବୁ।" ବହୁ ଧନ କୁବେର ହେବାକୁ ଯାଇ ଯାଇ ମୁଁ ଆଖି ପିନ୍ଧୁଳାଙ୍କେ ଫକୀରଠୁଁ ହୀନ ହେଲି। ମୁଁ ଭିଖ ମାଗି ବଞ୍ଚେ। ମୋର ମନ୍ଦ କାର୍ଯ୍ୟକୁ ଚିରଦିନ ମନରେ ସ୍ମରଣ ରଖିବାକୁ ମୁଁ ଦାତାମାନଙ୍କୁ ପ୍ରାର୍ଥନା କରେ ମତେ ଦାନ କରି ଗୋଟିଏ ଲେଖାଁ ଚଢ଼ା ବସେଇବାକୁ। ରାଜା ଚନ୍ଦ୍ରଭାନୁ ସବୁ ବୃତ୍ତାନ୍ତ ବୁଢ଼ାର ଜାଣି କହିଲେ "ପ୍ରକୃତରେ ତମେ ବହୁତ ପାପ ଓ ଅନ୍ୟାୟ କରିଛ ସେଥିପାଇଁ ବହୁତ ଦୁଃଖ ଭୋଗ କଲଣି। ଏଣିକି ତମେ ଖାଲି ବସି ପାପ ପାଇଁ ଅନୁତାପ କର। ତମର ଦର୍କାର ଲୁଗାପଟା ଓ ଖାଦ୍ୟ ପଦାର୍ଥ ସବୁ ରାଜକୋଷରୁ ଦିଆଯିବ।

ବୁଢ଼ା ଦୁଃଖ ଓ ଆନନ୍ଦରେ କାନ୍ଦି ପକାଇ ରଜାଙ୍କ ପାଦତଳେ ପଡ଼ି କହିଲା "ମହାରାଜାଙ୍କର ଜୟ ହେଉ! ଜୟ ହେଉ!" ଏଇଠି କଥାଟି ସରିଲା।

Digitized by srujanika@gmail.com

କେଉଟର ବୁଦ୍ଧି

ଗୋଟିଏ ଗାଁରେ ନରହରି ବୋଲି ଗୋଟିଏ ବୁଢ଼ା କେଉଟ ଥିଲା । ସେ ନିତି ଜାଲ ନେଇ ସମୁଦ୍ର କୂଳେ ବସି ଜାଲ ପକେଇ ଯେତକ ମାଛ ଆଣେ ତାକୁ ହାଟରେ ବିକି କରି ବହୁ କଷ୍ଟରେ ଘରଯା ଓ ପିଲାଙ୍କୁ ପାଳେ । ସେ ନିୟମ କରିଥିଲା ତିନିଥରରୁ ବେଶି ଥର ଜାଲ ପକେଇବ ନାହିଁ । ଦିନକର ସେ ପହିଲେ ଜାଲ ମେଲି ଟାଣିଲା ବେଳକୁ ତାକୁ ଭାରି ଓଜନ ଲାଗିଲା । ସେ ମନେ ମନେ ଖୁସି ହେଲା । ମାତ୍ର ପଦାକୁ ଜାଲ ଆଣି ଦେଖେ ତ ଗୋଟାଏ ମଲା ଗଧ । ବଡ଼ ବିରକ୍ତ ହୋଇ ସେ ତାକୁ ସମୁଦ୍ରକୁ ଫିଙ୍ଗି ଦେଲା । ଛିରା ଜାଲକୁ ମରାମତି କରି ପୁଣି ପାଣିକି ପକାଇଲା । ଦ୍ୱିତୀୟ ଥର ବାହାରିଲା ଅଳିଆ ଗଦା । ସେ ବିରକ୍ତ ହୋଇ ମୁଣ୍ଡ କୁରୁଡ଼ି ସେ ଅଳିଆ ଫିଙ୍ଗି ଜାଲକୁ ଧୋଇ ପୁଣି ପାଣିରେ ମେଲିଲା । କହିଲା ଭଗବାନ୍ ! ମତେ ଆଜି ଏତେ ଦହଗଞ୍ଜ କର ନାହିଁ । ପୁଣି ଜାଲ ଓଟାରି ଦେଖିଲା କାଦୁଅ, ସାମୁକା, କାଠ ପଥରକୁ ପୂଳାଏ । ପୁଣି ଜାଲ ସାଫ କରି ପାଣିକୁ ପକାଇଲା । ଏଥର ଜାଲ ଟାଣିଲା ବେଳକୁ ଓଜନ ଲାଗିବାରୁ କେଉଟ ବୁଢ଼ା ଖୁସି ହୋଇ ଭାବିଲା ଆଜି ହାଟରେ ମାଛ ବିକି ସବୁ ଗୃଜିଲା କିଣିବ । କିନ୍ତୁ ଜାଲ ଆଣି ଦେଖିଲା ମାଛ ନାହିଁ, ଗୋଟିଏ ବଡ଼ ତବାଟେ ମୁଦ ଦିଆ ଜିନିଷ । କେଉଟ ଭାବିଲା କାହା ତବା ହଜିଛି । ତାକୁ ଖୋଜି ଏ ତବା ଦେଲେ ସେ ମତେ ବକ୍‌ସିସ୍ ଦେଲେ ମୋର ଦିନ କଟିବ । କୁତୁହଳୀ ହୋଇ ବହୁ କଷ୍ଟରେ କେଉଟ ଛୁରିରେ ତବା ମୁଦ ଖୋଲିଲା । କିନ୍ତୁ ବାହାରିଲା ନାହିଁ । ତବାଟିରୁ କିଛି ନ ବାହାରିବାରୁ କେଉଟ ତବା ଭିତରକୁ କେତେବେଳ ଯାଏ ନିରେଖି ଅନାଇଲା । ସେଇଠୁ ଧୂଆଁ

Digitized by srujanika@gmail.com

ଯାହାର ଆକାଶ ଯାଏ ଉଠିଲା । ଉପରେ କେଉଟ ଡବା ପାଖରୁ ଉଠି ଯାଇ ଡାବା ଟିକି ଦେଖିଲା । କ୍ରମେ ଧୂଆଁ ବନ୍ଦ ହେଲାରୁ ଗୋଟାଏ ଭୟଙ୍କର ରୂପ ଅସୁର ଡବାରୁ ବାହାରିଲା । ତାକୁ ଦେଖି କେଉଟ ଥରିଗଲା ପାଣି । ଅସୁର କହିଲା, ତୋର କି ସେବାରେ ଲାଗିବି କହ, ତୁ ମତେ ଡବାରୁ ଉଦ୍ଧାର କଲୁ । କେଉଟ କହିଲା—ତୁ କିମିତି ଡବାରେ ପଶିଲୁ ଓ ବନ୍ଦ ହେଲୁ ମୋତେ ସେ ଇତିହାସ କହ । ଅସୁର କହିଲା, ମୁଁ ତୋତେ ହତ୍ୟା କରିବି, ଭଦ୍ର ଭାବେ କଥା କହ ।" କେଉଟ କହିଲା, ମତେ କାହିଁ ମାରିବ ମୁଁ ତତେ ମୁକ୍ତ କଲି, ଏ କଥା କି ଏତେ ଶୀଘ୍ର ଭୁଲିଗଲ ?" ଅସୁର କହିଲା, ଏତିକି କହ ତୁ ମୋଠୁଁ ମୁକୁଳି ନିବୁ । କେବଳ ଗୋଟିଏ ଅନୁଗ୍ରହ ତତେ ମୁଁ କରିବି । କେଉଁ ଉପାୟରେ ତୁ ମରିବା ଭାବେ ମରିବୁ ମୋତେ କହ । କେଉଟ କହିଲା, ମୁଁ ତୋର କି ଅପରାଧ କଲି ଯେ ତୁ ମୋତେ ମାରିବୁ । ଅସୁର କହିଲା, ତୁ କେତେ କହିଲେ କି ମୁଁ ତୁମ ମାରିବି । ତା ଆଗରୁ ମୋ ଇତିହାସ ଶୁଣ । ଅସୁରଙ୍କ ରାଜା ବିରୁଦ୍ଧରେ ମୁଁ ବିଦ୍ରୋହ କରିବାରୁ ସେ ମତେ ଏହି ଡବା ବନ୍ଦ କରି ସମୁଦ୍ରରେ ଫିଙ୍ଗି ଦେଲେ । [illegible] ବନ୍ଦି ହୋଇ ଥିବାରୁ ମୁଁ ଡବା ଖୋଲି ପାରିଲି ନାହିଁ । ବନ୍ଦୀ ଅବସ୍ଥାରେ ମୁଁ ପ୍ରତିଜ୍ଞା କରିଥିଲି ଯେ ଯେଉଁ ଲୋକ ଏହି ଶହେ ବର୍ଷ ଭିତରେ ଉଦ୍ଧାରିବେ, ମୁଁ ତାଙ୍କୁ ରାଜା କରି ଦେବି, ସେ ମରିଥିଲେ ବି ତାଙ୍କୁ ଯମପୁରରୁ ଆଣି ଧନୀ କରି ଦେବି । କିନ୍ତୁ କେହି ଡବା ଖୋଲିଲେ ନାହିଁ । ଶହେ ବର୍ଷ ପରେ ପୁଣି ପ୍ରତିଜ୍ଞା କଲି ଯେ ମତେ ଉଦ୍ଧାରିବ ତାକୁ ପୃଥିବୀର ସବୁ ଧନ ଦାନ କରି ଦେବି । କିନ୍ତୁ କେହି ଆସିଲେ ନାହିଁ । ତିନିଶ ବର୍ଷ ବିତିଲାରୁ ମୁଁ ପ୍ରତିଜ୍ଞା କଲି ଯେ ମତେ ଉଦ୍ଧାରିବ ତାକୁ [illegible] ମୁଁ [illegible]

Digitized by srujanika@gmail.com

ହିଁଶାସ୍ତ୍ର ଶେଷର ଲୋକଠୁ ଶୁଣି ମାରନ୍ତି । କେଉଟ ଯେତେ କାକୁତି ମିନତି ହୋଇ ଅସୁର ଗୋଡ଼ ଧରିଲା ଅସୁର ନ ଶୁଣି ଅଟଳ ରହିଲା । ଏହା ଦେଖି କେଉଟ ବୁଦ୍ଧି ପାଞ୍ଚି କହିଲା ତମକୁ ଗୋଟିଏ ପ୍ରାର୍ଥନା ଅଛି । ତମେ କଣ ସତରେ ଢ଼ିବାରେ ଥିଲ ? ପର୍ବତ ପ୍ରମାଣ ତମ ଦେହ ମୁଣ୍ଡ । ଏତେ ବଡ଼ ଶରୀର କିପରି ଥିଲ ମୋର ବିଶ୍ୱାସ ହେଉ ନାହିଁ । ଏହା ଶୁଣି ଅସୁର ତାକୁ ପିଟିବା ଆଗରୁ ଦେହର ଧୂଆଁ କରିଥିଲା, ସେପରି ଧୂଆଁ କରି କ୍ରମେ ଧୂଆଁରେ ଲୀନ ହୋଇ ଢ଼ିବାରେ ପଶି ସେଇଠୁ କହିଲା, ଅବିଶ୍ୱାସି କେଉଟ, ଦେଖିଲୁ ମୁଁ ସତ୍ୟ କି ମିଛୁଆ ! ଏବେ ବିଶ୍ୱାସ କଲୁ ତ ? କେଉଟ କିଛି ଜବାବ ନ ଦେଇ ଢ଼ିବା ଉପର ମୁଦ୍ରା ଆଣି କସିକରି ବାନ୍ଧିଲା ଢ଼ିବାରେ ଦେଇଦେଲା । କେଉଟ କହିଲା, ତୁ ଅକୃତଜ୍ଞ । ତୋର କଲା କାମର ଫଳ ପା । ମୁଁ ତତେ ମୁକ୍ତ କଲି ! ତୁ ମତେ ମାରିବାକୁ ବସିଲୁ ! ତୁ କିପରି ଉପାୟରେ ମରିବୁ ମତେ ଏଇକ୍ଷଣି କହ । ମୁଁ ତତେ ସମୁଦ୍ରରେ ଫିଙ୍ଗାଇ ଦଉଛି । ଏହା କହି ସମୁଦ୍ରରେ ଢ଼ିବା ଫିଙ୍ଗି ଦେଲା । ଅସୁର ଢ଼ିବା ଭିତରୁ କହିଲା, ଜୁହାର କରୁଛି, ମୁଁ ତୋ ଚାକର ହୋଇ ରହିବି । ତୁ ମତେ ମୁକୁଳି ଦେ । ଅସୁର ଚେଷ୍ଟା କଲା ମାତ୍ର ଢ଼ିବା ମୁହଁରେ ମନ୍ତ୍ର ହୋଇ ଥିବାରୁ ଢ଼ିବା ମୁହଁ ଫିଟିଲା । ଅସୁର ପୁଣି ପ୍ରାଣ ମୁକ୍ତି ପାଇଁ କେଉଟକୁ କହିଲା । ମାତ୍ର କେଉଟ କହିଲା ମୁଁ ଯଦି ବେକୁବଙ୍କ ଭଳି ତତେ ଢ଼ିବା ଫିଟାଇ ମୁକ୍ତ କରିଦିଏ ତେବେ ମୋର ଦୁର୍ଦ୍ଦଶାକୁ ମୁଁ ନିଜେ ଡାକି ଆଣିବି । ଏଭଳି ବୁଦ୍ଧି କରି କେଉଟ ଅସୁର ଠାରୁ ନିଜ ପ୍ରାଣକୁ ରକ୍ଷା କଲା ଏବଂ ଅସୁରକୁ ଅଧୋମୁକ୍ତି ଦିଆ ନ ଦେଲା । ଖଳ ଲୋକଙ୍କ ସାଙ୍ଗରେ ଏପରି ବୁଦ୍ଧିରେ ହିଁ ସାବଧାନରେ ଚାଳିବାକୁ ହୁଏ ।

Digitized by srujanika@gmail.com

କୃତଘ୍ନ ରଜା

ଅଙ୍ଗ ଦେଶରେ ପ୍ରତାପ କେଶରୀ ବୋଲି ଜଣେ ରାଜା ଥିଲେ । ତାଙ୍କର ବହୁତ ଧନ ଦୌଲତ ଥିଲେ କଣ ହେବ, ସେ ବଡ଼ ଅଶାନ୍ତି ଓ ଦୁଃଖରେ କାଳ କଟାଉଥିଲେ । ତାଙ୍କର ପ୍ରିୟ ଲୋକମାନେ ମଧ୍ୟ ଏଥିପାଇଁ ଦୁଃଖିତ ଥିଲେ । ବାଟରେ ପାରିଧିକୁ ଯାଉଁ ଯାଉଁ ଦିନେ ସେ ଗୋଟିଏ କୁଷ୍ଠରୋଗୀ ବୁଢ଼ାକୁ ଦେଖିଥିଲେ । ବୁଢ଼ା ରଜାଙ୍କୁ ତାର ଜୀବିକା ନିର୍ବାହର ବନ୍ଦୋବସ୍ତ କରି ଗୋଟିଏ ଆଶ୍ରୟ ସ୍ଥାନ ମାଗିଥିଲା । ରଜା ଲୋକଟିର ଗଳିତ କୁଷ୍ଠ ଦେଖି ତାକୁ ତାଚ୍ଛଲ୍ୟ କରି କହିଲେ ଏବଂ କିଛି ଦୟା ଦେଖାଇଲେ ନାହିଁ । ବୁଢ଼ା କହିଲା, ତୁ ଏ ରାଇଜର ରଜା । ପ୍ରଜା ପାଳିବା ତୋର ଧର୍ମ । ତୋ ରାଇଜରେ ରୋଗୀ, ଭୋକୀ, ଶୋଷୀଙ୍କୁ ତୁ ଅନାଉନୁ । ଧନ କ୍ଷମତା ମଦରେ ଅନ୍ଧ ହୋଇ ତୁ ମଣିଷଙ୍କୁ ପଶୁଠୁଁ ଘୃଣା କରୁଛୁ । ତୋ' ରାଜ୍ୟରେ ପ୍ରଜା ରୋଗ ଶୋକ ଦୁଃଖ କଷ୍ଟରେ ନ ଖାଇ ନ ପିଇ ମରୁଛନ୍ତି । ରାଜ୍ୟ ପାପ ତତେ ଭୁଞ୍ଜାଇବାକୁ ହବ । ମୁଁ ଏତେ ଆଶା କରି ତତେ ଶରଣ ପଶିଥିଲି । ତୁ ଶରଣ ଦେଲୁ ନାହିଁ । ସେଥିପାଇଁ ମୁଁ ତତେ ଶାପ ଦେଉଛି ଯେ ତୁ ମତେ ଯେପରି ଘୃଣା କଲୁ, ସେହି ରୋଗରେ ତୁ ପଡ଼ିବୁ ତତେ ବି ତୋ ନିଜ ଲୋକେ ଘୃଣା କରିବେ । ରଜା ବହୁତ କାକୁତି ମିନତି କଲାରୁ ବୁଢ଼ା କହିଲା ବ୍ରହ୍ମଶାପ ଖଣ୍ଡିବାର ନୁହେଁ । ତତେ ଅଙ୍ଗ ପୀଡ଼ା ଭୁଞ୍ଜାଇ ଭୋଗିବାକୁ ହବ । ପୁଣି ପଚେନ ଦଅଁ ଦେବତା ଦାଉ ଧ୍ୟାନ କରି ତୋର ସଞ୍ଚିତ ପାପ କଟିଲେ ତୁ ଭଲ ହୋଇଯିବୁ । ରଜା ବୁଢ଼ାକୁ ଅର୍ଥ ଦେଇ ତା ନିମନ୍ତେ ସେହି ବଣରେ ରହିବା ଘର କରାଇ ଖିଆ ପିଆ ବନ୍ଦୋବସ୍ତ କରି ରାଜ୍ୟକୁ ଫେରିଗଲେ । କିଛିକାଳ ପରେ ତାଙ୍କଠି ଗଳିତ କୁଷ୍ଠ

Digitized by srujanika@gmail.com

ଦେଖାଗଲା । ରାଜକୁମାର, ରାଣୀ, ପରିଚାରକମାନେ ତାଙ୍କଠୁଁ ଅଲଗା ରହିଲେ । ରାଜା ଦାନ ଧ୍ୟାନ ବହୁତ କଲେ । ଶିବ ପୂଜା କଲେ । ମାତ୍ର କାହିଁରେ ରୋଗ ଭଲ ହେଲା ନାହିଁ । କାଳକ୍ରମେ ରାଜ୍ୟଯାକର ବଇଦ ଡାକିଲେ କେହି ଭଲ କରି ପାରିଲେ ନାହିଁ । ରାଜ୍ୟରେ ଢମକ ବାଜିଲା ରାଜାଙ୍କୁ ଯେ ଭଲ କରିଦେବ ସେ ଅଧେ ରାଜ୍ୟ ସମ୍ପତ୍ତି ପାଇବ । ଏ କଥା ଶୁଣି ଗାନ୍ଧାର ଦେଶରୁ ଜଣେ ବଇଦ ଆସି ସେ ରାଜ୍ୟରେ ପହଞ୍ଚି ରାଜାଙ୍କୁ ଖବର ଦେଲା ଯେ ଭଲ କରିଦେବ ନଚେତ୍ ସେ ମୁଣ୍ଡକାଟ ଶାସ୍ତି ପାଇବ । ରାଜା ଖବର ପାଇ ନୂଆ ବଇଦଙ୍କୁ ଡକାଇଲେ । ବଇଦ ଭଲ ଜାମା ଯୋଡ଼ ହୋଇ ପଗଡ଼ି ବାନ୍ଧି ଯାଇ ରାଜା ଘରେ ହାଜର । ରାଜା ବଇଦଙ୍କୁ ପାଖକୁ ଡାକି କହିଲେ, ମୁଁ ନିରାଶ ହେଲିଣି, ଏଣିକି ବୈଦ୍ୟରୂପୀ ଜନାର୍ଦ୍ଦନ ଆପଣ ମତେ ନିରାଶ କର ନା । ବଇଦ କହିଲେ, ମୋର ଆପଣଙ୍କ ରୋଗ ଲକ୍ଷଣ ଦେଖି ମନେ ହୁଏ, ଆପଣ ଯଦି ମୋ' କଥାରେ ଚାଲିବେ ତେବେ ଚାଳିଶ ଦିନ ଏ କୁଷ୍ଠ ବ୍ୟାଧିରୁ ମୁକ୍ତ ହେବେ । ରାଜା ସମ୍ମତ ହେଲାରୁ ବଇଦ କହିଲା, ଦଣ୍ଡଟିଏ ମୁଦ୍‌ଗର ଅଣାଅ । ସେହି ମୁଦ୍‌ଗର ତମେ ଦି ବେଳା ବୁଲାଇବ । ଦି ବେଳା ଘୋଡ଼ାରେ ଦୌଡ଼ିବ ଘଣ୍ଟାଏ କରି । ଗୋଟିଏ ବାଉଁଶରେ ଘୁମୁଡ଼ିଆ ବାନ୍ଧ । ତହିଁରେ ଲମ୍ବା କଡ଼ି ଲଗାଅ । ତହିଁରେ ମଧ୍ୟ ଦିହରୁ ଡମର ଝାଳ ନ ବହିବା ଯାଏ ଝୁଲିବ । ଦିହରୁ ଝାଳ ବହିଲେ ତମେ ଗାଧୋଇ ପରିଷ୍କାର ହେବ ଏବଂ ଖାଇକରି ବିଶ୍ରାମ ନେବ କି ଶୋଇବ, ତା ଆଗରୁ ବିଶ୍ରାମ ନେବ ନାହିଁ । ବଇଦ କଥା ମତେ ରଜା ବଡ଼ ପରିଶ୍ରମ କରି ମନ ଦେଇ କସରତ୍ କଲେ, ଦୌଡ଼ିଲେ । ଏପରି ଭାବରେ ଦୁଇ ଚାରିଦିନ ଅଭ୍ୟାସ କଲାରୁ ସେ ଦେଖିଲେ ତାଙ୍କ ଶିରା ଗୁଡ଼ିକରେ ଯେ ରକ୍ତ ଚଳାଚଳ ବନ୍ଦ ହୋଇ ଯାଇଥିଲା, ତାହା ପୁଣି ସଞ୍ଚାଳିତ ହେଲା । ଅପରିଷ୍କାର ରକ୍ତ କସରତ ବେଳେ ଝାଳରେ

Digitized by srujanika@gmail.com

ପାଣି ମାରି ଛାଡ଼ିଦେଲା । ଏବେ ପାଦରେ ନୂଆ ରକ୍ତ ଚଳାଚଳ କଲାରୁ ଅନେକ ଦିନୁ କୁଷ୍ଠ ରୋଗରେ ରାଣୀଙ୍କ ଅଚଳ ଅବସ୍ଥା ଭଲ ହୋଇଗଲା, ଓ ରାଣୀ ଭଲ ହୋଇ ଆଗ ପରି ଚେହେରା ପାଇଲେ । ଏଥିରେ ରାଜ୍ୟରେ ସବୁ ଆଡ଼େ ଉତ୍ସବ ହେଲା । ବଇଦକୁ ରାଜା ଡାକି ପାଟକୁଣ୍ଡଳ ହୀରା ମୁଦି ଦେଲେ ଓ ତା ଘରକୁ ଗାଡ଼ି ଶଗଡ଼ରେ ସୁନା ରୂପା ଲୁଗା ବାସନ ଧାନ ମୁଗ ହୀରା ନୀଳା ସବୁ ରକମ ଜିନିଷ ପଠାଇବାକୁ ଲାଗିଲେ । କିନ୍ତୁ ଏ କଥା ଦେଖି ତାଙ୍କର ବିନାୟକ ଶର୍ମା ବୋଲି ଗୋଟିଏ ମନ୍ତ୍ରୀର ଦେହ ଜଳିଲା । ଧନର ପ୍ରବଳତା ସେ ସହି ନ ପାରି ଲୁଚି ପାଇଁ ରାଜାଙ୍କୁ କହିଲା, ବଇଦ ବଡ଼ ବଦମାସ୍ । ସେ ଆପଣଙ୍କୁ ମାରି ଦେବାକୁ କୌଶଳ ଆସିଥିଲା । ଯେ ସେ ଲୋକକୁ ବିଶ୍ୱାସ କରିବା ରାଜଧର୍ମ ଓ ରାଜନୀତି ବିରୁଦ୍ଧ । ଆପଣ ଲୋକ ନ ଚିହ୍ନି ରାଜ୍ୟ ଧନର ସମ୍ପଦ ବଇଦ ଘରକୁ ଦେଉଛନ୍ତି । ସେ ଲୋକକୁ ଶୂଳି ଦେବା ଉଚିତ ଥିଲା । ରାଜା ମନ୍ତ୍ରୀର ଈର୍ଷା ବୁଝିପାରି କହିଲେ; ବଇଦକୁ ମୁଁ ଅନୁଗ୍ରହ କରିବାରୁ ତମର ଈର୍ଷା ହିଂସାରେ ଜଳିବା କେବଳ ସାର ହେଉଛି । ସେ ଲୋକ ପ୍ରକୃତ ଭଲ ବଇଦ ଓ ଭଲ ଲୋକ । ମୁଁ ତା ନିକଟରେ ଚିର ଋଣୀ । ତମେ ମତେ କହିଲେ କି ମୁଁ ବଇଦକୁ ଶାସ୍ତି ଦେଇ ନ ପାରେ, ତମେ ଖରାପ ଲୋକ । ମନ୍ତ୍ରୀ ନିରାଶ ହୋଇ ଆଉରି ଜଳି ରାଜାଙ୍କୁ ଶିଖାଇବାରେ ଲାଗିଲା । ଶେଷରେ କହିଲା ମୁଁ ଗୋଟିଏ ଗଳ୍ପ କହିବି, ଆପଣ ଶୁଣି ସାର ଯାହା ବିଚାର କରିବେ । ମୁଁ ଆପଣଙ୍କ ଗୁରୁ କି ପ୍ରଭୁ ନୁହେଁ । ଯାହା କହିବେ ତାହା ମାନିବାକୁ ପ୍ରସ୍ତୁତ । କିନ୍ତୁ ଅଜଣା ଲୋକକୁ ବିଶ୍ୱାସ କଲେ କି ବିପଦ ପଡ଼େ, ସେଥିର କଥା କହେଁ— ଅବଧାନଙ୍କୁ ଆସିଲେ ମୋର ପରିଶ୍ରମ ସାର୍ଥକ ହେବ । ରାଜା ଶୁଣି କହିଲେ ତମ କଥା ଆଗରୁ ମୋ କଥା ଶୁଣ । ଗୋଟିଏ ଲୋକର ଗୋଟିଏ ବଡ଼ ସୁନ୍ଦରୀ ସ୍ତ୍ରୀ ଥିଲା । ସେ ସ୍ତ୍ରୀକୁ ସେ ତିଳେ ଛାଡ଼ି ଯାଏ ନାହିଁ ।

Digitized by srujanika@gmail.com

ଦିନେ ଗୋଟିଏ ବ୍ୟବସାୟ କାମରେ ତାକୁ ଘରୁ ବାହାରକୁ ଯିବାକୁ ପଡ଼ିଲା । ଯାଉ ଯାଉ ଦେଖିଲା ହାଟରେ ଗୋଟିଏ ଲୋକ ସବୁ ରକମ ପକ୍ଷୀ, ସୁଆ, ପାରା ଓ ନାନା ରଙ୍ଗର ପିଞ୍ଜରା ବିକୁଛି । ଏ ଲୋକଟି ଗୋଟିଏ ପାରା କିଣିଲା । ସେ ପାରାଟିର ଏପରି ଗୁଣ ଥିଲା ଯେ ସେ ସବୁ ଘଟଣା ମନେ ରଖି ନିଜ ମାଲିକକୁ କହି ପାରୁଥିଲା । ଏହି ପାରା-ଟିକୁ ପିଞ୍ଜରାରେ ପୂରାଇ ଲୋକଟି କିଣି ଆଣି ଭାରିଯା ଜିମାରେ ଦେଲା । ଏବଂ ଯତ୍ନରେ ରଖିବାକୁ କହିଲା । ଥରେ ଲୋକଟି ଘରକୁ ଫେରି ସେ ଦିନର ଘଟଣା ପାରାକୁ ପଚାରିଲରୁ ପାରା ଯାହା ତା ସ୍ତ୍ରୀ ନାଁରେ କହିଲା ତାହା ଶୁଣି ଭାରିଯାକୁ ସେ ଗାଳି ଦେଲା । ଭାରିଯା ଚାକରମାନଙ୍କୁ ପଚାରି ବୁଝିଲା ଯେ ସେମାନେ କେହି ବାବୁଙ୍କୁ ତାର ନାଁରେ ଖରାପ କଥା କହି ନାହାନ୍ତି, ପାରା କହୁଛି । ପାରା ଉପରକୁ ରାଗି ତାର ସ୍ତ୍ରୀ ପ୍ରତିଶୋଧ ନବାକୁ ବସିଲା । ତା ଆରଦିନ ବାବୁ ରାତିରେ ବୁଲିଗଲା । ସ୍ତ୍ରୀଟି ଚାକରଙ୍କୁ କହିଲା ପାରା ଆଗେ କୁଲା ଠାଉଁ ଠାଉଁ କରିବେ, ଫାଟକା ମାରିବେ, ବାଣ ମାରିବେ । ଚାକର ସେହିଭଳି କଲେ । ବାବୁ ଆସି ପାରାକୁ ଘଟଣା ପଚାରିଲାରୁ ପାରା କହିଲା ରାତି ଯାକ ବଜ୍ର ବିଜୁଳି ବର୍ଷା ଶବ୍ଦ ମୁଁ ଶୁଣିଛି ଦେଖିଛି, ଆଉ ମତେ କିଛି ଶୁଝୁ ନାହିଁ । ଏ କଥା ମିଛ ବୁଝି ବାବୁ ଭାବିଲା ପାରାଟା ମିଛୁଆ । ଏହାକୁ ମାରିଦବା ଉଚିତ । ସାଙ୍ଗେ ସାଙ୍ଗେ ସେ ପାରା ତଣ୍ଟି ଚିପି ମାରିଲା । ପରେ ଅବଶ୍ୟ ଚାକରଠୁଁ ବୁଝି ଜାଣିଲା ତାର ବନୀ-ଦୋଷରେ ଭୁଲ ବୁଝି ପାରାକୁ ମାରିବା ଅନ୍ୟାୟ ହୋଇଛି । ସେଥି-ପାଇଁ ବାବୁଟି ଚିରଦିନ ଅନୁତାପ କଲା । ସେହିପରି ଭାବରେ ମୁଁ ଭ୍ରମ କଥାରେ ପଡ଼ି ବୃଥାରେ ବଇଦଟିକୁ ଜୀବନରେ ମାରିଦବା ଉଚିତ ହବ ନାହିଁ । ସେ ମତେ ଭଲ କଲା ମୁଁ କିଛି ନ ଜାଣି ବୃଥା ସନ୍ଦେହରେ ତାକୁ ମାରି ପାରା ମାଲିକ ଭଳି ଚିରଦିନ ଅନୁ-ତାପ କରିବି କାହିଁ ? ଉତ୍ତମ ମତେ ମନ୍ଦ ପ୍ରସ୍ତାବ [illegible] ! [illegible]

Digitized by srujanika@gmail.com

କହିଲା ହଜୁର, ରାଜାମାନେ କାହାକୁ ପୂରା ବିଶ୍ୱାସ କରିବା ଉଚିତ ନାହିଁ । ସବୁବେଳେ ତାଙ୍କ ଚାରିପଟେ ଗୁପ୍ତ ଶତ୍ରୁ ଥାନ୍ତି ଛଦ୍ମବେଶରେ ଆସି ରଜାଙ୍କ ପ୍ରାଣ ସେମାନେ ନିଅନ୍ତି ନତୁବା ବିପଦରେ ପକାନ୍ତି । ଶୁଣିବେ ଗୋଟେ କଥା ? ଗୋଟିଏ ରାଜ୍ୟରେ ସୁଲୋଚନ ବୋଲି ଏକ ରଜା ପୁଅ ଥିଲା । ସେ ସଦାବେଳେ ଶିକାର କରିବାକୁ ଭଲ ପାଏ । ସେଥିପାଇଁ ନିଜ ବାପ ମା କଥା ନ ଶୁଣି ଘୋର ଜଙ୍ଗଲକୁ ନିତି ଶିକାର କରି ଯାଏ । ତାର ମନ୍ତ୍ରୀ ତା'ଠୁଁ ବୟସ୍କ ଓ ବଳୁଆ ଥିଲା । ତେଣୁ ସେ ଯେଉଁଠି ଯାଏ ତାକୁ ସଙ୍ଗରେ ନେଇକରି ଯାଏ । ଦିନକର ପାରିଧିରେ ରଜାପୁଅ ଗୋଟିଏ ହରିଣ ଶୀକାର କରି ତାକୁ ଆଣିବାକୁ ଘୋଡ଼ାରେ ଦୌଡ଼ି ଦୌଡ଼ି ଜନ ମାନବ ଶୂନ୍ୟ ଅପନ୍ତରା ବଣରେ ପଶିଗଲା । ତାର ମନ୍ତ୍ରୀ ଅସାବଧାନ ରହିଥିବାରୁ ରଜା ପଛେ ପଛେ ଆସି ନ ପାରି ବାଟରେ ରହିଗଲା । ରଜାପୁଅର ଶୋଷରେ ହଂସା ଉଡ଼ିଲା । ଅନ୍ଧାର ବଣରେ ଯାଉ ଯାଉ ଦେଖିଲା ଗୋଟିଏ ଅତି ସୁନ୍ଦରୀ ରାଜକୁମାରୀ ଭଳି ଝିଅ କାନ୍ଦୁଛି । ତେଣୁ ଦୟା ବଶରେ ସେଠି ଘୋଡ଼ାରୁ ଓହ୍ଲାଇ ତାର କାନ୍ଦିବା କାରଣ ପଚାରିଲା ଓ ସାହାଯ୍ୟ କରିବ ବୋଲି କହିଲା । କିନ୍ତୁ ସୁନ୍ଦରୀ ଯୁବତୀ କାନ୍ଦିବା ବନ୍ଦ ନ କରି କହିଲା ମୁଁ ବାପ ମାର ଗୋଟିଏ ଝିଅ । ମୁଁ ରଜା ଝିଅ । ବାପ ସଙ୍ଗେ ପାରିଧିକୁ ଆସି ବାଟ ବଣା ହେଲି । ମୋର ଘୋଡ଼ା କୁଆଡ଼େ ପଳାଇଲା ମୁଁ କଣ କରିବି କିପରି ଘରକୁ ଯିବି । ପଥ ଦିଶୁ ନାହିଁ । ରଜାପୁଅ ଆଶ୍ୱାସନା ଦେଲାରୁ ଯୁବତୀ ଉଠି ଚାଲିଲା । ପଛେ ପଛେ ରଜାପୁଅ ଗଲା । ଦୂର ବନସ୍ତରେ ଦେଖିଲା ବିଶାଳ ପ୍ରାସାଦ । ସେ ଘରକୁ ଆଗ ଯୁବତୀଟି ପଶିଯାଇଣ କହିଲା ପିଲେ ! ଆଜି ଭଲ ରଜା ମାଂସ ଆଣିଛି ମଜାରେ ଖାଇବ । ଏ କଥା ଦୂରରୁ ରଜା ଶୁଣି ତାର ଛାତି ଭୟରେ ଥରିବାକୁ ଲାଗିଲା । ସେ କିପରି ପଳାଇ ବଞ୍ଚିବ ତାହାର ଭାବନାରେ ଛନ୍ଦିଆ ହୋଇ ଠିଆ ହେଲା କାଳ ଗୁଡ଼ଲୀ ଗଳ ।

Digitized by srujanika@gmail.com

ସେଇଠୁ ଛାତି ଦମ୍ଭ କରି ଘୋଡ଼ାରେ ବସି ଛାଟ ମାରି ଘୋଡ଼ା ଦୌଡ଼ାଇବାକୁ ବସିଲାରୁ ସେ ମାଇପିଟି ହଠାତ୍ ପେଟିରୁ ଅଗ୍ନି ଶିଖା [illegible] ଖସିଯିବାରୁ ପଚାରିଲା କୁଆଡ଼େ ଯାଉଛ, କଣ [illegible], [illegible] [illegible] । ରଜା କହିଲା, ମୁଁ ବାଟ ଭୁଲିଥିଲି । ବର୍ତ୍ତମାନ ଆମ ଦେଶ ରାସ୍ତା ଠିକ୍ ଦୂରରୁ ଦେଖିବି—ମୁଁ ଯାଉଛି । ଏ କଥା କହି ଅଣ୍ଟା ଚିପିଲା ଘୋଡ଼ା ଛୁଟାଇ ଦେଲା । ମାଇପିଟି ଅସୁରୁଣୀ ଜାତି ରାସ୍ତାର ପଥିକ ମାନଙ୍କୁ ଭୁଲାଇ ଆଣି ନିଜେ ମାଂସ ଖାଏ ଓ ତା ପିଲାଙ୍କୁ ଦିଏ । ଏ କଥା ରଜା ବୁଝି ପାରିଥିଲା । ନିଜ ରାଜ୍ୟରେ ପହଞ୍ଚି ବାପକୁ ତାର ସବୁ କଥା କହିଲାରୁ ବାପ ବିଚାର କରି ଠିକ୍ କଲା ଯୁବରାଜର ମିତ୍ର ଏଥି ନିମନ୍ତେ ଦାୟୀ । ସେ ଯୁବରାଜକୁ ଆଖି ଆଗେ ରଖିଥିଲେ ଯୁବରାଜର ଏପରି ବିପଦ ହୋଇ ନ ଥାନ୍ତା । ଏହା ଶୁଣି ଯୁବରାଜ ବି ବାପକୁ ସମର୍ଥନ କଲା । ସାଙ୍ଗେ ସାଙ୍ଗେ ଜଲ୍ଲାଦ ଆସି ମିତ୍ରକୁ ଶୁଳିରେ ଚଢ଼ାଇ ମୁଣ୍ଡ କାଟି ଦେଲା । ଦେଖନ୍ତୁ ମିତ୍ର ହୋଇ ସେ କେତେ ଅସାବଧାନ ହେଲା ଯହିଁରେ ଯୁବରାଜ ମୃତ୍ୟୁମୁଖରେ ପଡ଼ିଲା । ଭାଗ୍ୟରେ ଥିବାରୁ ସିନା ଅସୁରୁଣୀ ପାଲରୁ ଉଦ୍ଧାର ଅଇଲା । ତେଣୁ ବଇଦକୁ ବିଶ୍ୱାସ ନ କରି ଶୀଘ୍ର ତା ମୁଣ୍ଡ କାଟ କରନ୍ତୁ ଯଦି ଆପଣ ନିଜର ମଙ୍ଗଳ ଚାହାନ୍ତି । ଅଙ୍ଗ ଦେଶର ରଜାର ମତ ଠିକ ନ ଥାଏ । ସେ ଏ ଓଳି ଯାହା ଠିକ୍ କରେ ଆର ଓଳି ବଦଳାଏ । ବିଚାର ମୀମାଂସାରେ ବି ତାର ବରାବର ବଦଳା ବଦଳି ଚାଲେ । ଲୋକଟା ପର ବୁଦ୍ଧିଆ, ମାଇଚିଆ, ମାଇପ ହୋଲା, ଉରୁଆ, ଦୁର୍ବଳ ଥିଲା । ଶେଷରେ ମନ୍ତ୍ରୀ କଥାରେ ସେଇ ମଣି ତାକୁ ଯେ ବଇଦ ଭଲ କରିଥିଲା, ତାର ହାତ ଗୋଡ଼ କାଢ଼ି ପକାଇବା [illegible] କହିଲା, ଉଚିତ ପାଇଁ ଦଣ୍ଡ ହେଲା । ତୁ ଯେଉଁ ଔଷଧ ଦେଇ [illegible] ଭଲ କଲୁ, ପୁଣି ସେହି ଔଷଧ ଦେଇ ମତେ ଜାଲି ମାରି ଦେଇ ପାରୁ । ବଇଦଙ୍କୁ ବିଶ୍ୱାସ ନାହିଁ । ସେମାନେ ଲୋଭୀ । ବଇଦ କାନ୍ଦା ହୋଇ କାନ୍ଦି କହିଲା—ବିନା ଦୋଷରେ ମତେ ମାରନ୍ତୁ ନାହିଁ । ମୁଁ ଆପଣଙ୍କ

Digitized by srujanika@gmail.com

ଖୁଆଇବା ପାଇଁ ଯେ ଔଷଧ ଦେଲ ତାର କଣ ଏଇ ପୁରସ୍କାର ? ମୂର୍ଖଧାବାଧୀ ପରବୁଦ୍ଧିଆ ରଜା ଶୁଣିଲ ନାହିଁ । ତେଣୁ ବଇଦ ନାଚାର ହୋଇ କହିଲା, ମାରିବା ଆଗରୁ ମୋର ଗୁଡ଼ିଏ ବହୁମୂଲ୍ୟ ବହି ତମ ପୁସ୍ତକାଗାରକୁ ମୁଁ ଦାନ କରି ଯିବାକୁ ଚାହେଁ । ମୋର ବହିର ଛଅ ପୃଷ୍ଠାରେ ମୁଁ ଚିହ୍ନ ଦେଇଛି । ତମେ ମୋର ମୁଣ୍ଡ କାଟି ଗୋଟିଏ ବଡ଼ କଂସାରେ ମୁଣ୍ଡ ରଖିବ । ରକ୍ତ ଯେପରି ବୋହି ତଳକୁ ଯିବ ନାହିଁ । ତା ହେଲେ ମୋର କଟା ମୁଣ୍ଡକୁ ତମେ ଆଗତ ଭବିଷ୍ୟ ଯାହା କି ପଚାରିବ, ତାର ଜବାବ ପାଇବ । ରଜା ବଇଦ ମୁଣ୍ଡ କାଟି ରକ୍ତ ବୋହିବା ଆଗରୁ କଂସାରେ ମୁଣ୍ଡ ରଖିଲେ । ବଇଦ ଦେଇ ଯାଇଥିବା ବହିର ଛଅ ପୃଷ୍ଠା ଲେଉଟାଇ କଟା ମୁଣ୍ଡକୁ ପଚାରିଲେ "ତମେ ଆଗତ ଭବିଷ୍ୟ କଥା ଯାହା ବହିରେ ଲେଖା ଅଛି ବୋଲି କହିଲ, କାହାତ ଲେଖା ନାହିଁ ? ମୁଣ୍ଡ କହିଲା ଅନ୍ୟ ପୃଷ୍ଠା ଲେଉଟାଅ । ରଜା ଆଙ୍ଗୁଳିରେ ଜିଭକୁ ଛେପ ମାରି ଗୋଟିଏ ପୃଷ୍ଠା ଲେଉଟାଇଲେ । ପୁଣି କଟା ମୁଣ୍ଡକୁ ପଚାରିଲେ କାହିଁ ବହିରେ ତ ଆଗତ ଭବିଷ୍ୟ କଥା ଲେଖା ନାହିଁ ? କଟା ମୁଣ୍ଡ ସେଇପରି ପୃଷ୍ଠା ଲେଉଟାଇବାକୁ କହୁଥାଏ । ଏପରି ୫୦୨ ପୃଷ୍ଠା ରଜା ଲେଉଟାଇ ସାରିଲା ବେଳକୁ ରଜା ଘୃତ ଓ ମୁଣ୍ଡରେ କାଗଜରେ ଲାଗିଥିବା ବିଷ ଚହଟିଗଲା । ମରିବାକୁ ରଜାର ଅଲକ୍ଷଣ ହୋଇ ଥିବା ଦେଖି ବଇଦ କହିଲା, ଅତ୍ୟାଚାରି ରଜା—କୃତଘ୍ନ । ତୁ କେତେ ନିଷ୍ଠୁର ଓ ଅବିଚାରର ଲୋକ ଦେଖ, ତେଣୁ ମୋତେ ବିନା ଅପରାଧରେ ମାରି ତୋର ଫଳ ତୁ ପାଇଲୁ । ଏହା କହିଲା ପରେ ରଜା ବା ହୁତାଶ ହୋଇ ମରିଗଲା । ରଜାର ପୁଅ ସବୁ ଜାଣିଥିଲା । ସେ ମନ୍ତ୍ରୀର କୁବୁଦ୍ଧି ନିମନ୍ତେ ବାପ ମରିଥିବାରୁ ଓ ବଇଦ ହତ୍ୟା ହେଲାରୁ ମନ୍ତ୍ରୀକୁ ଶୂଳି ଚଢ଼ାଇ ମାରି ଦେଲା । ବାପ ମରିବାରୁ ପୁଅ ରଜା ହେଲା । ଗୁଣବନ୍ତ ଲୋକଙ୍କୁ ଈଶ୍ୱର ମାନନ୍ତି । ଉପକାରୀଙ୍କୁ ସମ୍ମାନ ଶ୍ରଦ୍ଧା କରିବା ଉଚିତ ପଣିଆ ।

Digitized by srujanika@gmail.com

ଯକ୍ଷପୁରୀ

ଗୋମୁଖ ବୋଲି ଏକ କାଳରେ ଗୋଟିଏ ଦୈତ୍ୟ ଥିଲା । ତାର ବିକ୍ରମରେ ଭଜନପୁର କମ୍ପୁଥିଲା । ଜଳ ସ୍ଥଳ ପବନ ଅଗ୍ନି ଆକାଶର ଦେବତା ମାନେ କର ଯୋଡ଼ି ଗୋମୁଖ ଅସୁରକୁ ନିତି ଯୁହାର କରୁଥିଲେ । ଗୋମୁଖର ଗୁଡ଼ାଏ ହାତ ଗୁଡ଼ାଏ ମୁଣ୍ଡ ଗୁଡ଼ାଏ ଗୋଡ଼ ଥିଲା । ସୂର୍ଯ୍ୟ ଚନ୍ଦ୍ର ସମୁଦ୍ର ବିଜୁଳି ବର୍ଷା ପବନ ଗୋମୁଖର ଚାକର ଭଳି ଖଟୁଥିଲେ । ରାଜ୍ୟରେ ଯେତେ ସାଧୁ ସନ୍ଥ ସନ୍ନ୍ୟାସୀ ଲୋକ ଥିଲେ, ସମସ୍ତଙ୍କୁ ଧରିଆଣି ଗୋମୁଖ ତା ପାଖରେ ଚାକର ଭଳି ମାଗଣା ଖଟାଉ ଥିଲା । ସେମାନେ କାମରେ ଢ଼ିଲା କଲେ ଗୋମୁଖର ସୈନ୍ୟବଳ ସେଇ ଲୋକଙ୍କୁ କଲବଲ କରି ହାତ ପାଦ ତଳେ ପକାଇ ଘୋଡ଼ା କୋରଡ଼ାରେ ପିଠି ମାରି ଦଉଥିଲେ । ଗୋମୁଖ ଓ ତାର ପ୍ରିୟ ଲୋକମାନେ ରାଜ୍ୟସାକ ଚରି ଧନରତ୍ନ ଲୁଟି ଆଣୁଥିଲେ ଓ ଭାଗ ବାଣ୍ଟି ଖାଉଥିଲେ । ସେ ରାଜ୍ୟରେ ବିଚାର ନଥିଲା, ନ୍ୟାୟ ନିଆଁ ନଥିଲା । ଅସୁରରାଜଙ୍କୁ ତା ଅନୁଚରଙ୍କୁ ଯେ ଗୋଲାମ ହୋଇ ତୋଷାମଦ କରୁଥିଲା ସେଇ ଗଣ୍ଡିଏ ଭଲରେ ଖାଉଥିଲା । ପ୍ରଜାମାନଙ୍କ ଝିଅ ବୋହୂ ଗୋମୁଖ ଓ ଅନୁଚରଙ୍କ ଘରେ ପୋଇଲି କାମ କରୁଥିଲେ । ଏଦେଶରେ ଦଅଁ ଦେବତା ପୂଜା ଓ ହୋମ ସବୁ ଗୋମୁଖ ବନ୍ଦ କରିଥିଲା ? କାରଣ ସେ ଭାବୁଥିଲା, ପ୍ରଜା ଯଦି ଠାକୁର ଦେବତା ମାନି ପୂଜା ଦେବେ ତେବେ ତାକୁ ଭଜନପୁରେ କେହି ଖାତର କରି ମାନିବେ ନାହିଁ, ପ୍ରଜା—ଉପରମୁହାଁ ହୋଇଯିବେ । ଏମିତି ଅତ୍ୟାଚାରରେ ସମସ୍ତେ ତ୍ରାହି ତ୍ରାହି ଡାକୁ ଥାନ୍ତି । ଦିନେ ଗୋମୁଖ ଦରବାର କରୁଚି, ଗୋଟିଏ ଗରିବ ଲୋକଟି ଆସି ହାତ ଯୋଡ଼ି ଠିଆ ହେଲା । ଗୋମୁଖ ତାକୁ ପଚାରିଲା କାହିଁକି

Digitized by srujanika@gmail.com

ଆସିଛୁ ? କେଉଟ କହିଲା ମୋର ଚଳିବାକୁ ଧନ ନାହିଁ । ମୁଁ କାହିଁ ବଞ୍ଚିବି ? ଗୋମୁଖ କଣ୍ଟୁଷଣ ଭାବି କହିଲା, ତୁ ଯକ୍ଷରାଜ୍ୟକୁ ଯା । ତାର ଧନର ସୀମା ନାହିଁ । ସୁନାର ରଜା ସେ ଦେଶ ସେମାନେ ଯକ୍ଷ । ଯକ୍ଷରାଜ ମୋର ସାଙ୍ଗ । ତା ଦେଶରେ ବହୁତ ପୋଖରୀ ହ୍ରଦ ଅଛି । ତହିଁରେ ସୁନା ମାଛ ଓ ରୂପା କଇଁଛ ଅଛନ୍ତି । ସେଠିକୁ ଗଲେ ତୁ ମାଛ ମାରିଲେ ତୋର ଦୁଃଖ ରହିବ ନାହିଁ । ଚିଠି ନେଇ କେଉଟ ଯକ୍ଷ ପୁରକୁ ଗଲା । ଯକ୍ଷରାଜା ଗୋମୁଖ ଚିଠି ପାଇ କେଉଟକୁ ଆଦର କଲା ଓ ନଗର ନାଳରେ ମାଛ ମାରିବାକୁ ତାକୁ ଛାଡ଼ କରି ଦେଲା । କେଉଟ ଦିନେ ଜହ୍ନ ରାତିରେ ଦେଖିଲା ହ୍ରଦରେ ସାତ ବର୍ଣ୍ଣର ସାତ ରକମ ମାଛ ଖେଳୁଛନ୍ତି । କୌତୁକରେ ସେ ଜାଲ ପକାଇବାକୁ ଯାଉଛି, ଗୋଟିଏ ଯକ୍ଷ କହିଲା, ମହାବିପଦ କଥା ଜାଲ ଥରକ ଛଡ଼ା ଦିଥର ଯଦି ପକାଇବୁ ଏଠି ହ୍ରଦରେ ମାଛମାନଙ୍କର ଯେ ରଜା ଅଛି ସେ ତତେ ଏଇନେ ଆସି ହାଉକରି ଗୋଟା ଗିଳିଦେବ କେଉଟ ଡରି କହିଲା—ମୁଁ କଣ କରିବି ? ମତେ ରଙ୍ଗୀ ମାଛ ଛାଡ଼ କରନ୍ତୁ । ଯକ୍ଷ କହିଲା ତୁ ଏ ରାଜ୍ୟ କଥା କଣ ଜାଣୁ ? ଥରେ ଜାଲ ପକା । ଏହା କହି ଚାଲିଗଲା । କେଉଟ ଥରେ ଜାଲ ପକାଇ ଦେଖେ ଚାରି ରଙ୍ଗର ଚାରୋଟି ସୁନା ମାଛ । ମାଛ କେଉଟ ହାତକୁ ନେଇ ଚପିଲା ସବୁ ମାଛ ଜୀଅଁନ୍ତା ଝଉଁଷିଆ । ସେ ଖୁସି ହୋଇ ରଜାକୁ ପହିଲା ମାଛ ଦବାକୁ ନେଲା । ଯକ୍ଷରାଜା ମାଛ ଦେଖି ଖୁସି ହୋଇ କେଉଟକୁ ବକ୍‌ସିସ୍ ଦେଲା । ଜୁଆସ ସୁଆରକୁ ରଜା ମାଛ ଭଲକରି ରାନ୍ଧିବାକୁ କହିଲା । ରାତିରେ ସୁଆର ମାଛ ଗୁଡ଼ିକ ବନେଇ ରାନ୍ଧିବାକୁ ଗଲା । ହଳଦି ଲୁଣ ଗୋଳେଇ ମାଛ ତାଉଆରେ ଯେମିତି ଛାଡି ଦେଲା, ମାଛମାନେ ସପନ୍ତେ ମୁଣ୍ଡଟେକି ଗରମ ତେଲରୁ ଉଠିଲେ । ତାଉଆକୁ ସୁଆର ଯେଉଁ ଅଡ଼େଇ ବାଡ଼ଗଇ ବନ୍ଦାଇ ବସାଉ ଥାଏ, ମାଛମାନେ ଧାର ବାହୁଡ଼ି

Digitized by srujanika@gmail.com

ପଟରେ ମୁଣ୍ଡ ଟେକି ଠିଆ ହେଉଥାନ୍ତି । ଏଥିରେ ହତବୁଦ୍ଧି ସୁଆର ଟୋକା ଚାହାଁଇ ବସିଲା । ପୁଣି ଦେଖିଲା ରନ୍ଧାଘର ଝିଡ଼କି ହଠାତ୍ ମନକୁମନ ଝଞ୍ଜିର ଫିଟିଗଲା । ସିଧା ଗାଉଦ ବାଟେ ପଶି ଆସିଲା ପରୀଭଳି ସୁନ୍ଦର ଗୋଟିଏ ଝିଅ ସେ ବଡ଼ ସୁନ୍ଦର ଫୁଲରେ ସାଜିଥାଏ । ଜରିର କାମକରା ପୋଷାକ ପିନ୍ଧିଥାଏ । ତାକୁ ଦେଖି ସୁଆର ମୁହଁ କଳା ପଡ଼ିଗଲା । ସେ ଝିଅ ତାଉଆ କଡକୁ ଯାଇ ତା'ର ଯାଦୁ କାଠିରେ ମାଛକୁ ଛୁଇଁ କହିଲା, ମାଛ, ତୁ ତୋ କର୍ତ୍ତବ୍ୟ କାମ କରୁଛୁ ? ଗୋଟେ ମାଛ ନୀରବ ହେଲାରୁ ସେ ସବୁ ମାଛଙ୍କ ମୁଣ୍ଡରେ କାଠି ଛୁଇଁ ପୁଣି ପଚାରିଲା ତୁମେମାନେ ତମ କର୍ତ୍ତବ୍ୟ କରୁଛତ ? ମାଛ ମୁଣ୍ଡମାନେ କହିଲେ ହଁ ହଁ, ତମେ ଯାହା କହିବ ତାହା କରିବୁ । ତମେ ତମ ଗଣ ମୁଣ୍ଡ ଆମେ ଆମର ବୁଝିବୁ । ତମେ ଉଡ଼ିଗଲେ ଆମେ ଜାଣିବୁ ଓ ଶାନ୍ତିରେ ରହିବୁ । "ଏ କଥା କହିବାରୁ ଝିଅଟି ତାଉଆ ଓଲଟାଇ ଦେଲା । ସବୁ ମାଛତକ ପୋଡି ପାଉଁଶ ହୋଇଗଲେ ଚୁଲିରେ । ସୁଆର ଭୟରେ ଥରି ଭାବିଲା ଏଇ ସବୁ ଘଟଣା କେହି ବିଶ୍ୱାସ କରିବେ ନାହିଁ । ରଜା କହିବ ମୁଁ ଅଯୋଗ୍ୟ ବୋଲି ମାଛ ଗୁଡ଼ାକ ପୋଡ଼ି ପାଉଁଶ କରିଛି । ମୋର ମୁଣ୍ଡ କଟା ହବ, ମୁଁ କହୁଚି । ଏହା ଭାବି ଭଗବାନଙ୍କୁ ଡାକୁଥାଏ, ଓ କାନ୍ଦୁଥାଏ । ଏଇ ସମୟରେ ରଜାଙ୍କର ଜଣେ ପାଖଲୋକ ମନ୍ତ୍ରୀ ରନ୍ଧା କିପରି ହେଲା ଓ ସୁଆର ରନ୍ଧା ସାରିଲା କି ନା ବୁଝିବାକୁ ଆସି ମାଛ ପୋଡ଼ା ଦେଖି କାବା ହୋଇ ଗଲା । ସୁଆର କାନ୍ଦ କାନ୍ଦ ସବୁ ଘଟଣା କହିଲାରୁ ମନ୍ତ୍ରୀ ବଡ଼ ଆଶ୍ଚର୍ଯ୍ୟ ହୋଇ ସବୁ କଥା ଯାଇ ରଜାଙ୍କୁ କହିଲା । ରଜା—କେଉଟକୁ ମାଛ କୋଉଠୁ ଧରିଲୁ ବୋଲି ପଚାରିଲେ । କେଉଟ ପୋଖ ହ୍ରଦରୁ ମାଛ ମାରିଥିଲା ତାହା କହିଲାରୁ ରଜା ପୁଣି ନୂଆମାଛ ଆଣିବାକୁ ହୁକୁମ କଲେ । କେଉଟ ପୁଣି ସେ ପରିମାଛ ଆଣି ଭେଟି କଲା । ଏଥର ମନ୍ତ୍ରୀ ରନ୍ଧାଘରେ ନିଜେ ଠିଆ ହୋଇ ମାଛ ରନ୍ଧା ଦେଖିବାକୁ

Digitized by srujanika@gmail.com

ଗଲେ । ସୁଆର ମାଛ ଭାଜିଲା ବେଳେ ପୁଣି ସେ ପରୀ ହାତଟେକି ଆସିଲା ଓ ମାଛମାନଙ୍କୁ କହିଲା । ମାଛମାନେ ତାକୁ ଜବାବ ଦେଲାରୁ ମାଛମାନଙ୍କୁ ଚୁଲିରେ ପକେଇ ପାଉଁଶ କରିଗଲା । ରଜା ସବୁ ଶୁଣି କାବା ହେଲେ । କହିଲେ ଏଥର ସେ ନିଜେ ମାଛ ଭଜା ହେଲା-ବେଳେ ଦେଖିବେ । ଏଥର କାନୁ ମାଛ ସୁଆର ରାନ୍ଧିଲାବେଳେ ସେଇ ସୁନ୍ଦର ପରୀଟି ନ ଆସି ଗୋଟାଏ କଳା ମଚ ମଚ ଚେଙ୍ଗା ହାନଲେକ ଆସିଲା । ସେ ସାଗୁଆ ରଙ୍ଗର ଯାଦୁକାଠି ମାରି ମାଛମାନଙ୍କୁ କହିଲା ହେ ମାଛମାନେ ! ତମେମାନେ କ'ଣ ତମ କର୍ତ୍ତବ୍ୟ କରୁଛ ? ମାଛମାନେ ତାଉଆରୁ ମୁଣ୍ଡ ଟେକି କହିଲେ ଆମେ ଆମ କାମ କରୁଛୁ । ତମେ ତମ ଋଣ ସୁଝିଲେ ଆମ ଋଣ ଆମେ ସୁଝିବୁ । ତମେ ପଳେଇଗଲେ, ଆମେ ଜୟ କରି ଶାନ୍ତିରେ ରହିବୁ । ଏକଥା ଦେଖି ଶୁଣି ରଜା କହିଲେ ଏଥି ଭିତରେ କିଛି ରହସ୍ୟ ଛପିଛି, ମୁଁ ଶେଷଯାଏ ବୁଝି ଏଥିର ପ୍ରକୃତ କଥା ବାହାର କରିବି ; ତହିଁ ଆର ଦିନ କେଉଟକୁ ଡାକି ରଜା ଘୋଡ଼ାରେ ଚଢ଼ି ହ୍ରଦ ନିକଟକୁ ତା ସହିତେ ଗଲେ । ଦେଖିଲେ ସେଇ ହ୍ରଦର ପାଣି କାଚ ଭଳି ସଫା, ବାଲିତଳ ଦିଶୁଛି । ସାତ ବର୍ଣ୍ଣର ମାଛମାନେ ଖେଳୁଛନ୍ତି । ରଜା ସେଇ ହ୍ରଦ କୂଳରେ ପାତ୍ରମନ୍ତ୍ରୀମାନଙ୍କୁ ଧରି ନିଜର ଛାଉଣୀ ପକେଇଲେ । ରଜା ତା ଆରଦିନ ସଞ୍ଜବେଳେ ତାଙ୍କ ପ୍ରଧାନ ମନ୍ତ୍ରୀଙ୍କୁ ଡାକି କହିଲେ ମୁଁ ଏକା ଯାଉଛି । ତମେ ମୋ ଛାଉଣୀ ଜଗି ରୁହ । କିଏ ରଜାଙ୍କୁ ଦେଖା କରିବାକୁ ଆସିଲେ କହିବ ରଜାଙ୍କ ଦେହ ଭଲ ନାହିଁ, ଦେଖା ହେବ ନାହିଁ । ମୁଁ ନ ଲେଉଟିଲା ଯାଏ ତୁମେ ଏପରି କହିବ ! ମୁଁ ଯୋଉ କାମରେ ଆସିଛି, ସେଇ କାମ ପାଇଁ ବାହାରିଲି । ମନ୍ତ୍ରୀ ଯେତେ ମନା କଲେ ବିପଦ ଭୟ ଦେଖାଇଲେ, ରଜା ନ ଶୁଣି ରଜା ପୋଷାକ ପିନ୍ଧି ଘୋଡ଼ା ଦୌଡ଼ାଇ ଅନ୍ଧାରରେ ଅଦୃଶ୍ୟ ହୋଇଗଲେ । ରଜା ଯାଉଁ ଯାଉଁ ଗୋଟିଏ ପର୍ବତ ଦେଖିଲେ ତା ଉପରକୁ ଚଢ଼ି

Digitized by srujanika@gmail.com

ପୁଣି ଉତ୍ତର ଦ୍ୱାରରେ ଯାଇଁ ଯାଇଁ ଦେଖିଲେ ଦୂରରେ ଗୋଟିଏ ବଡ଼ ପ୍ରାସାଦ ଭଳି କୋଠାଘର । କୋଠା ନିକଟକୁ ଯାଇ ଦେଖିଲେ କଳା ମୁଗୁନି ପଥରରେ କୋଠା ତିଆରି ଏବଂ ତା [illegible] ଚକ୍ ଚକ୍ ପାଲିସ୍ ହୋଇ ରୂପା ପାଣିଆ ମରା ହୋଇ ସବୁ [illegible] ଝକମକ ହୋଇ ଝକମକ ହେଉଛି । ରଜା ଫାଟକ ନିକଟ ଗଲେ । [illegible]ପଟେ ଡାକିଲେ କେହି ଶୁଣିଲେ ନାହିଁ । ରଜା ଛାତି ଟାଣ କରି ସେଇ ପ୍ରାସାଦର ସଜା ହୋଇ ରହିଥିବା ବଡ଼ ଘରର ଚଟାଣି ଉପରକୁ ଗଲେ । ବଡ଼ ଘର ଏପରି ସଜା ହୋଇଥାଏ ଯେ ଦେଖିଲେ ଆଖି ବୁଜି ହେବ । ସିଲ୍କ କାର୍ପେଟ ତଳେ ପଡ଼ିଛି । କୋଚ୍, ସୋଫା ଆରସି, ଫୁଲ୍‌ଦାଣ୍ଡି ଫୁଆରା । ସୁନା ରୂପା ସବୁକାମ ବନ୍ଧାଇ ଫଟୋଚିତ୍ର-ମାନ କାନ୍ଥରେ ଝୁଲୁଛି । ଭେଲଭେଟ୍ ଚାନ୍ଦୁଆ ଘର ଉପରେ ଲାଗିଛି । ସୁନା ସିଂହ ପାଟିରୁ ଗୋଲାପ ପାଣିର ଫୁଆରା ଛୁଟୁଛି । ସେଇ ପାଣି ତଳେ ପଡ଼ି ହୀରା ଓ ମୁକ୍ତା ହୋଇ ଯାଉଛି । ଘର ଚାରିପଟେ ବାସନା ଫୁଲର ବଗିଚା । ଫୁଲ କୁଣ୍ଡ ସଜା ହୋଇଛି । ପକ୍ଷୀମାନେ ସେଠି ସୁନା ପଞ୍ଜୁରୀରେ ବସି ମଧୁର ସ୍ୱରରେ ଗାଉଛନ୍ତି । ରଜା କିନ୍ତୁ ଜନ-ମାନବର ଶବ୍ଦ ପାଇଲେ ନାହିଁ । ଟିକେ ଥିର ହୋଇ କାନ ପାତିଲେ । ଶୁଭିଲା ଜଣକର କାନ୍ଦଣା । ଆଉ ସେ କହୁଥାଏ, "ମୁଁ ମରିଯାଏଁ, ଏତେ କଷ୍ଟରେ ବଞ୍ଚିବାକୁ ଚାହେଁ ନା !" ରଜା ଘରକୁ ଧର ଖୋଜି ଦେଖିଲେ, ଗୋଟିଏ ସିଂହାସନ ଉପରେ ଗୋଟିଏ ଅତିସୁନ୍ଦର ଯୁବା ବସିଛନ୍ତି । ସେ ଦାମିକା ପୋଷାକ ପିନ୍ଧିଛନ୍ତି । ତା ମୁହଁ ଦୁଃଖରେ ଝାଉଁଳି ଯାଇଛି । ରଜା ଭାବିଲେ, ହେଉଁ, ଏତେ ସୁନ୍ଦର ପୁରୁଷ କାହିଁ ପାଇଁ ମରିବାକୁ ବସିଛନ୍ତି ତାର କପାଳକୁ ନିନ୍ଦୁଛି । ଏହା ଭାବି ରଜା [illegible] ଘରକୁ ପଶିଲାକ୍ଷଣି ଯୁବାଟି ଦାଣ୍ଡିଲ ଆସନରୁ [illegible] ଭୋଇ ଜୁହାର କଲା ଏବଂ କହିଲା "ମହାରାଜ, ମୁଁ ଏଠି ଆଜି [illegible]

Digitized by srujanika@gmail.com

ଯୋଗ୍ୟ ସମ୍ମାନ ଦେଖାଇ ନ ପାରିବାରୁ ଦୁଃଖିତ । ରଜା କହିଲେ, ମହାଶୟ, ତମେ କିଛି କାରଣ ଥିବାରୁ ଏମିତି କରି ପାର ନା—ମୁଁ ଜାଣେ । ତମ ଦୁଃଖ ଶୁଣି ତମକୁ ଉଦ୍ଧାର କରିବାକୁ ମୁଁ ଆସିଛି । ଏଥର କାହାଣି, କିଏ ତୁମେ ଆଉ ଏ ଘର ଶୂନ୍ୟ ହୁଏବନ କିଆଁ, ମତେ ତାର ତତ୍ତ୍ୱ ଶୁଣାଅ । ଏକଥା ଶୁଣି ଯୁବାଟି ତାର ପୋଷାକ ଫିଙ୍ଗି ଦେଲା । ରଜା ଦେଖିଲେ ଉପର ଭାଗ ତାର ମନୁଷ୍ୟ—ଅଣ୍ଟାରୁ ଗୋଡ଼ ଯାଏଁ ସେ ମାର୍ବଲ ପଥର ପାଲଟିଛି । ରଜା ଦୃଶ୍ୟରେ ଚକିତ ହେଲେ ଓ ଯୁବାକୁ ସବୁ କହିବାକୁ କହିଲାରୁ ଯୁବା ତାର ଦୁଃଖ ଇତିହାସ କହିଲା । ତମେ ଜାଣ ମୋର ବାପ ନାଁ ଥିଲା ହର୍ଷବର୍ଦ୍ଧନ । କୃଷ୍ଣଦ୍ୱୀପର ସେ ରଜା ଥିଲେ । ପୋଉ କଳା ପାହାଡ଼ ଗୁଡ଼ିକ ତମେ ଡେଇଁ ଆସିଲ, ସେଇ ଗୁଡ଼ିକ କୃଷ୍ଣଦ୍ୱୀପ ଥିଲା । ତାହା ନିକଟରେ ଯେ ବଡ଼ ହ୍ରଦ ରହିଛି ସେ ଥିଲା ଆମ ରାଜ୍ୟ ରାଜଧାନୀ । ଏଇବେଳେ ହ୍ରଦର ରୂପ ବଦଳି ଯାଇଛି । ପରିବର୍ତ୍ତନ ଇତିହାସ କୁହେଁ । ମୋର ବାପା ୭୦ ବର୍ଷରେ ମଲା ପରେ ମୁଁ ରଜା ହେଲି । ମୁଁ ମୋର ଦୂର ଦୁରନ୍ତ ମାମୁଁ ଝିଅ ଭଉଣୀକୁ ବାହା ହେଲି । ମୁଁ ତାକୁ ପିଲାଦିନୁ ଭଲ ପାଉଥିଲି । ମୋର ଧାରଣା ମଧ୍ୟ ଥିଲା ସେ ମତେ ସେଇପରି ସ୍ନେହ ଚକ୍ଷୁରେ ଦେଖୁଥିଲା । ଦିନେ ରାତିବେଳେ ମୁଁ ଚହଲୁଛି । ଛାଞ୍ଚି ନିଦ ଲାଗିଛି । ମୋ ସ୍ତ୍ରୀର ଦାସୀ ଦିଇଟି ମୋତେ ସେବା କରୁଛନ୍ତି । ସେମାନେ ପରସ୍ପର ଭିତରେ କହୁଛନ୍ତି "ଏ କପଟ କଥା ରାଣୀ ରଜାଙ୍କୁ ଯେମା ଦେଖି ପାରୁ ନାହାନ୍ତି । ସେ ଯଦି ରଜାଙ୍କୁ ହାଣି ଦେଇ ପୋଛି ଦେଇନେନ୍ତେ ସୁଖୀ ହୁଅନ୍ତେ । କାରଣ ସେ ଜଣେ ପହିଲା ନମ୍ବର ଟୁଣି ଟାଣରିଆ ଜାଣିଲା ବାଲା । ଏକଥା ପ୍ରମାଣ ବି ତମେ ପାଇଲ । ମତେ ତାଙ୍କୁ ଦିନେ ଖୁବ ମାର ଆଘାତ କଲା । ତାର ଦାସୀ କହିଲା ସେ ଯାଉ ହାତୁଘଣ୍ଟି ଚଲାକା ତମ୍ପାରି ଉପ୍ରାର କରିଦେବ । ସେମାନେ

Digitized by srujanika@gmail.com

କୋଠାରେ ରଜାଙ୍କୁ ଧବର୍ଷ ବନ୍ଦୀ କରି ରଖିଲେ ସେଇଠି ସେ କାନ୍ଦ କୋବାଇ ରହୁ ଥିବେ । ମୁଁ ସ୍ତ୍ରୀକୁ ମୋ ଉପରେ ନିଷ୍ଠୁର ଅତ୍ୟାଚାର ବନ୍ଦ କରିବାକୁ ପ୍ରାର୍ଥନା କଲି । ସେ ଅଟଳ ଅଚଳ ରହିଲା । ସେ ଏପରି ଯାଦୁ ମନ୍ତ୍ର କଲା ଯହିଁରେ ମୋ ଘାଣ୍ଠି ବନ୍ଦ ହୋଇଗଲା । ମୁଁ ହଲଚଲ ହୋଇ ପାରିଲି ନାହିଁ । ସେ ନିତି ରାଗରେ ଦୌଡ଼ି ଆସି ମୋ ଆଗେ ଗୁଣିକରି କି ମନ୍ତ୍ର ବୋଲେ ଯହିଁରେ ମୁଁ ଅଧା ମଣିଷ ଅଧା ପଥର ହୋଇ ପଡ଼ିଥାଏ । ପରେ ମୋର ଲୋକ ଗହଳି ଧନୀ ରାଜଧାନୀଟିକୁ ସେ ନାଶ କରି ଦେଲା, ତୁମେ ଦେଖିଛ ! ଯୋଉ ସାତ ରକମ ରଙ୍ଗର ମାଛ ଦେଖିଲ, ସେ ସାତ ଜାତିର ଲୋକ ମୋର ପ୍ରଜାମାନେ । ଯୋଉ ପାହାଡ଼ ଚାରୋଟି ଦେଖିଲ, ସେ ମୋର ଚାରୋଟି ଦ୍ୱୀପ ଥିଲା । କେବଳ ଏତିକ ମାଡ଼ମାରି ପୁଣି ମାଇପିଟି ମତେ ଛାଡ଼ି ନାହିଁ । ସେ ନିତି ଆସି ରାଗରେ ମତେ ମଇଁଷି ଚମ ତିଆରି ଚାବୁକରେ ଚାରିଏ ନିରିଶିଆ କରି ପିଟି ପକାଏ । ଏ କଥା କହୁ କହୁ ଯୁବାଟି ପୁଣି କାନ୍ଦିଲା । ଯୁବାର ଦୁଃଖ ଶୁଣି ରଜା ହୃଦୟ ତରଳି ଗଲା । ରଜା ପଚାରିଲେ କୋଉଠି ସେ ଦୁଷ୍ଟ ବଦମାସ ସ୍ତ୍ରୀ ରହେ, ଆଉ ତାର ପ୍ରିୟ ଲୋକଟିକୁ କୋଉଠି ଲୁଚାଇ ରଖିଛି କହ । ଯୁବକ ରଜାଙ୍କୁ କହିଲା, ସେ ମାଇପିଟି କୋଉଠି ଥାଏ ମୁଁ ଜାଣେ ନା । ସେ ସୂର୍ଯ୍ୟ ଉଇଁଲା ବେଳୁ ଚାଲିଯାଏ- ସେଇ ଗୋଟିଏ କଳା ଡେଙ୍ଗା ଲୋକ ମୋ ଚାକର ନିକଟକୁ ଗପସପ କରିବାକୁ । ଅବଶ୍ୟ ମୋତେ ପିଟି ସାରି ସେ ଗସ୍ତକୁ ଯାଏ । ଯକ୍ଷ ରଜା କହିଲା, "ହତଭାଗ୍ୟ ଯୁବକ ! ମୁଁ ସବୁ ଶୁଣିଲି । ତୋତେ ଯେ ଅତ୍ୟାଚାର କରୁଛି ମୁଁ ନିଶ୍ଚୟ ତା ଉପରେ ପ୍ରତିଶୋଧ ନେବି । ତହୁଁ ଆଉ ଦିନ କଣ କରିବାକୁ ହେବ, କି ଉପାୟରେ ସେ ମାଇପିଟିକୁ ମାରିବାକୁ ହେବ, ଯୁବରାଜ ଓ ଯକ୍ଷରାଜା ଭିତରେ ଗୁପ୍ତ ପରାମର୍ଶ

Digitized by srujanika@gmail.com

ହୋଇଗଲା । ରାଜା ଚାଲିଗଲେ ବିଶ୍ରାମ ନେବାକୁ । ଉଦ୍ଧାର ହେବା ଆଶାରେ ଯୁବରାଜ ମନେ ମନେ ଖୁସି ହୋଇ ରହିଲା । ତା ଆରଦିନ ବଡ଼ ସକାଳୁ ଯକ୍ଷରାଜା ସେଇ କୋଠାକୁ ଆସିଲା ବେଳେ ଦେଖିଲା, ଗୋଟାଏ ଡେଙ୍ଗା କଳା ଚାକର ଠିଆ ହୋଇଛି । ସେଇ ନାକେ ରାଜା ସେ ଚାକର ଲୋକକୁ ହାଣି ତା ଶବକୁ କୁଅରେ ପକେଇ ଦେଲା । ସେ ଯୋଉ ଚୌକି ଉପରେ ବସିଥିଲା, ରଜା ଯାଇଁ ସେଇ ଚୌକିଟିରେ ଛଦ୍ମବେଶରେ ବସି ସେଇ ଗୁଣି ଗାରେଡ଼ି ମନ୍ତ୍ର ଜାଣିଥିବା ଯାଦୁକାରୀ ସ୍ତ୍ରୀ ପାଇଁ ଅପେକ୍ଷା କଲା । ଏଇ ସମୟରେ ସେ ସ୍ତ୍ରୀ ଆସି ଭାବିଲା ଚୌକିରେ ତା ନାଗର ବସି ବିଶ୍ରାମ କରୁଛି । ସେ ଆଗ ଯୁବରାଜ ଥିବା ଘରକୁ ଯାଇ ତାକୁ ୧୦୦ ଚାବୁକ ଲଗାଇ ପୁଣି ସେ ଚାକର ବସିଥିବା ଚୌକି ନିକଟକୁ ଆସି ପଚାରିଲା, "ପ୍ରିୟତମ ! ତମେ ଭଲରେ ଅଛ ତ ? ମୋତେ ପଦେ କେଲେ କଥା କୁହ ଭଲା ? ଯକ୍ଷ ରାଜା ଦୂରରୁ ଶୁଣି ଜବାବ ଦେଲା, ମୁଁ କିପରି ଭଲରେ ରହି ପାରିବି କହିଲ ? ତମେ ତମର ସ୍ୱାମୀ ସେହି ଯୁବକକୁ ପିଟିଲା ବେଳେ ସେ ଯେତେ ପାଟିକରି କାନ୍ଦେ ତହିଁରେ କିପରି ମୋର ମନ ସୁସ୍ଥ ରହିବ ? ତମ ସ୍ୱାମୀର ପାଟିରୁ ସେ ଯେପରି ଗଁ ଗଁ ହେଉଛି ସେମିତି ପାଟି ଶୁଣିଲେ ମୋର ରାତିରେ ନିଦ ବି ହୁଏ ନାହିଁ । ରାଣୀ କାବା ହୋଇ କହିଲା, ଏତେ କାଳେକାଳେ ତମେ ମୋତେ ଆଜି କଥା କହି ଜବାବ ଦେଲ । ଏହି ମୋର ଭାଗ୍ୟ । ତମେ କଣ ଚାହଁ ଯେ ସେଇ ଯୁବରାଜକୁ ମୁଁ ମଣିଷ ରୂପ କରି ଦେବି ପୁଣି ? ଯକ୍ଷ ରଜା କହିଲା, ତମକୁ ନେହୁରା ହେଉଛି ଯାଅ ତାକୁ ମଣିଷ ରୂପ ଦେଇ ଦିଅ । ତାର କାନ୍ଦଣାରେ ମୋତେ ନିଦ ଅନିଦ୍ରା ହେବାକୁ ପଡ଼ୁନାହିଁ । ଏକଥା ଶୁଣି ମାଇପିଟି ଯାଦୁକରୀ ରାଣୀ ଯେ ଗରମ ପାଣି ଆଣି ଯୁବରାଜ ଉପରେ ଢାଳି ଦେଇ କହିଲା ଶୀଘ୍ର ଏଠୁ ପଳାଇ ଯା—

Digitized by srujanika@gmail.com

ନଚେତ୍ ତମେ ପ୍ରାଣରେ ମାରି ଦେବ ।" ଯୁବରାଜ ମଣିଷ ରୂପ ଧରି ଲୁଚି ଦେଖିଲ, ଯକ୍ଷ ରାଜା କଣ ପୁଣି କରିବ । ଯାଦୁକାରୀ ରାଣୀ ପୁଣି ଆସି ଯକ୍ଷରଜାକୁ କହିଲା, ତମେ ଯାହା କହିଥିଲ, ତମ ଇଚ୍ଛା ପୂରଣ କଲି । ଆଉ କଣ କରିବି କୁହ । ଯକ୍ଷରାଜ କହିଲ, ତମେ କଣ କରୁଛ ? ଯେତିକି କରୁଛ ତହିଁରେ ମୋର ଭଲ ହେବାର ଆଶା ନାହିଁ । ନିତି ରାତି ଅଧରେ ମାଛ ଗୁଡ଼ାକ ମୁଣ୍ଡ ଟେକି ତମ ଉପରେ ପ୍ରତିଶୋଧ ନେବାକୁ କହୁଛନ୍ତି । ତମେ ସେଗୁଡ଼ାକୁ ପୁଣି ମଣିଷ ରୂପ ଜଲ୍ଦିରୁ କରି ଦେଇ ଆସ । ଯାଦୁକରୀ ରାଣୀ ଚଞ୍ଚଳ ଯାଇ ହ୍ରଦ ପାଖରେ ମନ୍ତ୍ର ବୋଲି ଯାଦୁକାଠି ପାଣିରେ ବୁଡ଼ାଇ ଦବାରୁ ସବୁ ମାଛ ତକ ମଣିଷ ହୋଇ ଗଲେ । ଦିଲ ମାଇପେ, ବୁଢ଼ା ଟୋକାରେ ଦୋକାନ ବଜାର ପୁଣି ଚେଇଁ ଉଠିଲ । ଯକ୍ଷରଜା ଦେଖିଲ ହ୍ରଦଟି ଗୋଟେ ବଡ଼ ସହର ହୋଇଗଲା । ପୁଣି ଯାଦୁକାରୀ ସେଇ ପ୍ରାସାଦକୁ ଯାଇ ରଜାକୁ ପଚାରିଲା ତମେ ଭଲରେ ଅଛ ? ରଜା ଯାଦୁକ ରୀକୁ ତାଙ୍କର ଅତିନିକଟକୁ ଡାକିଲେ । ଯାଦୁକରୀ ଅଇଲାରୁ ହଠାତ ରଜା ଉଠିପଡ଼ି ଯାଦୁ କରିବାକୁ ନିଶ୍ୱାସ ମାରିବା ସମୟ ନ ଦେଇ ପୋଷାକ ଭିତରୁ ବଡ଼ ଖଣ୍ଡା କାଢି ଏକା ଗଉଡ଼କେ ତାର ମୁଣ୍ଡ କାଟି ଦେଲେ । ପରେ ଯୁବରାଜକୁ ଦେଖିବାକୁ ଗଲେ । କହିଲେ ତମର ନିଷ୍ଠୁର ଶତ୍ରୁ ଆଜ ପ୍ରାଣ ଖାଇଛି । ଯୁବରାଜ ଯକ୍ଷ ରଜାଙ୍କୁ ବହୁତ ଧନ୍ୟବାଦ ଦେଲା । ପରେ ଯକ୍ଷରଜା କହିଲେ, ମୁଁ ମୋ ରାଜ୍ୟକୁ ଯାଉଛି । ତମ ରାଜ୍ୟ ତ ମୋ ରାଜ୍ୟ ନିକଟରେ । ଦେଖା ହବ । ଯୁବରାଜ ହସିକରି କହିଲା, ଖୁବ୍ ନିକଟରେ ? ତମେ ଜାଣ ନା, ତମ ଦେଶକୁ ଏଠୁ ଯିବାକୁ ପୂରା ବର୍ଷଟିଏ ପରିଶ୍ରମ ତମକୁ କରିବାକୁ ହବ । ମୋ ରାଜ୍ୟରେ ଯାଦୁ ମନ୍ତ୍ର ଖେଳୁଥିଲା ବୋଲି ତମେ ବର୍ଷକ-ବାଟ ଘଣ୍ଟାକେ ଆସିଲ । ତମ ଝଡ଼ଭତରେ

Digitized by srujanika@gmail.com

ତମକୁ ମୁଁ ଯାଇ ଛାଡ଼ି ଆସିବି ତମ ରାଜ୍ୟରେ । ତମେ ମୋ ପ୍ରାଣଦାନ କରିଛ । ଯକ୍ଷ ରଜା କହିଲା, ତମକୁ ସଙ୍ଗରେ ନେଲେ ମୁଁ ସୁଖୀ ହେବି । ମୋର ପୁଅ ଝିଅ ନାଇଁ । ତମକୁ ମୁଁ ପୁଅ କରି ମୋର ଉତ୍ତରାଧିକାରୀ କରିବି । ଯୁବରାଜ ଯକ୍ଷରାଜ ସହିତ ତାଙ୍କ ରାଜ୍ୟକୁ ଗଲା ବେଳେ ଯକ୍ଷ ରାଜାଙ୍କୁ ବହୁତ ଧନ ମଣି ମୁକ୍ତା ଉପହାର କୃତଜ୍ଞତା ଦେଖାଇବା ପାଇଁ ଦେଲା । ରାଜ୍ୟକୁ ଆସି ସମସ୍ତ ପ୍ରଜାଙ୍କୁ ଡକାଇ ଯକ୍ଷରାଜ ସବୁ ଘଟଣା କଥା କହିଲା । ଯୁବରାଜଙ୍କୁ ପୁଅ କଲେ । ସମସ୍ତ ପ୍ରଜାଙ୍କୁ ସମସ୍ତଙ୍କ ପାହ୍ୟା ଅନୁସାରେ ଧନରତ୍ନ ବାଣ୍ଟିଲେ । କେଉଠି ହେତୁ ଏଡ଼େ ବଡ଼ ଅସମ୍ଭବ କଥା ସମ୍ଭବ ହେବାରୁ ତାଙ୍କୁ ଏତେ ସମ୍ପତ୍ତି ଦେଲେ ତେଣୁ ସେ ସାତପୁରୁଷ ବସି ଖାଇଲେ ସରିବ ନାଇଁ ।

Printed by Rabindra Nath Sinha
At the Hindusthan Press,
CUTTACK-1958

Digitized by srujanika@gmail.com

ମୂଲ୍ୟ ଆଠଅଣା

Digitized by srujanika@gmail.com